ଧରିତ୍ରୀ 52 Years

ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୧୯/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Friday, December 19/2025 | Page 16 | ₹ 7.00 | DHENKANAL

୫୨ଶ ଭାଗ ୨୬ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 52 ISSUE 26 | ମୂଲ୍ୟ ₹୭/-





## ସଂକ୍ଷେପରେ

### ବର୍ଷକୁ ୨ ଲକ୍ଷ ଭାରତୀୟ ନାଗରିକତ୍ୱ ଛାଡୁଛନ୍ତି

ଡେରାଡୁନ୍, ୧୮।୧୨

ପ୍ରତିବର୍ଷ ୨ ଲକ୍ଷରୁ ଊର୍ଦ୍ଧ୍ୱ ଭାରତୀୟ ନାଗରିକତ୍ୱ ଛାଡୁଥିବା କେନ୍ଦ୍ର ସରକାର ପାର୍ଲାମେଣ୍ଟକୁ ଜଣାଇଛନ୍ତି। ୨୦୨୦ରୁ ଇତିମଧ୍ୟରେ ୯ ଲକ୍ଷରୁ ଅଧିକ ଭାରତୀୟ ସେମାନଙ୍କ ନାଗରିକତ୍ୱ ତ୍ୟାଗ କରିଛନ୍ତି। ୨୦୨୨ରୁ ଏହି ଧାରା ବଢ଼ିଥିବାବେଳେ ପ୍ରତିବର୍ଷ ୨ ଲକ୍ଷରୁ ଊର୍ଦ୍ଧ୍ୱ ଭାରତୀୟ ସେମାନଙ୍କ ପାସ୍‌ପୋର୍ଟକୁ ସମର୍ପଣ କରୁଛନ୍ତି। ତଥ୍ୟ ଅନୁଯାୟୀ ୨୦୧୧ରୁ ୨୦୨୪ ମଧ୍ୟରେ ମୋଟ ୨୦.୬ ଲକ୍ଷ ଭାରତୀୟ ନାଗରିକତ୍ୱ ତ୍ୟାଗ କରିଥିବାବେଳେ କୋଭିଡ୍ ମହାମାରୀ ଓ ଏହା ପରେ ଏହାର ଅର୍ଦ୍ଧେକ ଘଟଣା ଘଟିଥିବା ଲୋକ ସଭାରେ ଏକ ପ୍ରଶ୍ନର ଉତ୍ତରରେ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ସାଧାରଣତନ୍ତ୍ର ଦିବସ ମୁଖ୍ୟ ଅତିଥି ହୋଇପାରନ୍ତି ଇୟୁ ନେତା

ନୂଆଦିଲ୍ଲୀ, ୧୮।୧୨

ଆସନ୍ତାବର୍ଷର ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ୟୁରୋପୀୟ କମିଶନ୍‌ର ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେୟେନ ଏବଂ ୟୁରୋପୀୟ କାଉନ୍‌ସିଲ ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା ମୁଖ୍ୟ ଅତିଥି ଭାବେ ଯୋଗ ଦେଇପାରନ୍ତି ବୋଲି କେତେକ ସୂତ୍ରରୁ ଜଣାପଡ଼ିଛି। ସେହି ସମୟରେ ଭାରତ-ୟୁରୋପୀୟ ୟୁନିୟନ ସମିଟ୍ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବା କର୍ଯ୍ୟକ୍ରମ ରହିଛି। ଉଭୟ ପକ୍ଷ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର ଉପରେ ସମିଟ୍‌ରେ ଗୁରୁତ୍ୱ ଦିଆଯିବ। ଭାରତ-ୟୁରୋପୀୟ ସଂଘ (ଇୟୁ) ମଧ୍ୟରେ ବାଣିଜ୍ୟ ଚୁକ୍ତିନାମା ନେଇ ବୁଝାମଣାରେ ଅଗ୍ରଗତି ହୋଇଥିବା ପୂର୍ବରୁ ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ କହିଥିଲେ।

### ମା'ବାପାଙ୍କୁ ପିଟି ମାରିଦେଲେ ପୁଅ
#### ମୃତଦେହକୁ କରତରେ କାଟି ନଦୀରେ ଫିଙ୍ଗିଲେ

ଜଉନପୁର, ୧୮।୧୨

ଉତ୍ତରପ୍ରଦେଶରେ ଏକ ବୃଦ୍ଧ ଦମ୍ପତି ନିଖୋଜ ମାମଲାରେ ପୋଲିସ ଖୋଜାଖୋଜି ଚଳାଇଥିବାବେଳେ ସେମାନଙ୍କୁ ହତ୍ୟା କରାଯାଇଥିବା ଜାଣିବାକୁ ପାଇଛି। ୟୁପିର ଜଉନପୁରରେ ବାପାଙ୍କ ଜିଦି ଏବଂ ପୁଅଙ୍କ କ୍ରୋଧରୁ ଏହି ହତ୍ୟାକାଣ୍ଡ ଘଟିଛି। ଇଞ୍ଜିନିୟର ପୁଅ ଅମ୍ବେଶ କ୍ରୋଧର ବଶବର୍ତ୍ତୀ ହୋଇ ମା'ବାପାଙ୍କୁ ପିଟି ମାରିଦେବା ପରେ ପ୍ରମାଣ ନଷ୍ଟ ପାଇଁ ମୃତଦେହକୁ କରତରେ କାଟି ଖଣ୍ଡଖଣ୍ଡ କରିବା ସହ ନଦୀରେ ଫିଙ୍ଗିଦେଇଛନ୍ତି। ପୋଲିସ କହିବା ଅନୁଯାୟୀ, ଅମ୍ବେଶଙ୍କ ମୁସଲମାନ ସ୍ତ୍ରୀଙ୍କୁ ନେଇ ତାଙ୍କ ମା'ବାପା ଶ୍ୟାମ ବାହାଦୁର (୬୨) ଏବଂ ବବିତା (୬୦) ସହ ବଚସା ହୋଇଥିଲା। ଅମ୍ବେଙ୍କ ସ୍ତ୍ରୀଙ୍କୁ ତାଙ୍କ ପରିବାର ଗ୍ରହଣ କରୁ ନ ଥିଲେ। ଶେଷରେ ସେମାନେ ଅଲଗା ହୋଇଯିବାକୁ ନିଷ୍ପତ୍ତି ନେଇଥିଲେ। ଭରଣପୋଷଣ ପୈଠ ପାଇଁ ସେ ବାପାଙ୍କୁ ମାଗିଥିବାବେଳେ ସେ ଦେବାକୁ ମନା କରିଦେବାରୁ ବଚସା ଶେଷରେ ହତ୍ୟାର ରୂପ ନେଇଥିଲା।

## ଦିଲ୍ଲୀରେ ଆଜି



ଦିଲ୍ଲୀ ବାୟୁ ପ୍ରଦୂଷଣ ସ୍ଥିତି ଅତ୍ୟଧିକ ଖରାପ ହୋଇଥିବାବେଳେ ସହର ବାହାରେ ପଞ୍ଜୀକୃତ ଅଣ-ବିଏସ୍-୬ ଘରୋଇ ଯାନଗୁଡ଼ିକର ପ୍ରବେଶ ଉପରେ କଟକଣା ଜାରି ହୋଇଛି।ଏଥିସହିତ ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ ନଥିବା ଗାଡ଼ିଗୁଡ଼ିକୁ ପେଟ୍ରୋଲ ପମ୍ପରେ ତେଲ ବିକ୍ରି ବନ୍ଦ ହୋଇଛି। ଫଳରେ ଗୁରୁବାର ପ୍ରଦୂଷଣ ଯାଞ୍ଚ ପାଇଁ ଗାଡ଼ିଗୁଡ଼ିକର ଭିଡ଼ ଲାଗିଛି। (ଫଟୋ: ଚମନ ଗୌତମ)

# ଅବସର ପୂର୍ବରୁ ଅନେକ ରାୟ ପ୍ରଦାନ ବିଚାରପତିଙ୍କ ଧାରାରେ ପରିଣତ ହେଲାଣି


#### ଅସନ୍ତୋଷ ବ୍ୟକ୍ତକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୮।୧୨(ପି.ଟି.)

ଅବସର ନେବାର କିଛିଦିନ ପୂର୍ବରୁ ବିଚାରପତିମାନେ ଅନେକ ରାୟ ପ୍ରକାଶ କରିବା ଏକ ଧାରାରେ ପରିଣତ ହୋଇଛି। ସୁପ୍ରିମକୋର୍ଟ ଏହାର ପ୍ରତିବାଦ କରିବା ସହ ଏହାକୁ ମ୍ୟାଚ୍‌ର ଶେଷ ଓଭରଗୁଡ଼ିକରେ ଛକା ମାରିବା ସହ ତୁଳନା କରିଛନ୍ତି। ମଧ୍ୟପ୍ରଦେଶର ଜଣେ ପ୍ରମୁଖ ଜିଲା ଜଜ୍‌ଙ୍କ କେତେକ ରାୟ ଉପରେ ପ୍ରଶ୍ନ ଉଠିବା ପରେ ଅବସର ଗ୍ରହଣର ମାତ୍ର ୧୦ ଦିନ ପୂର୍ବରୁ ତାଙ୍କୁ ନିଲମ୍ବନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟ ପୂର୍ଣ୍ଣ ଖଣ୍ଡପୀଠର ଏହି ନିଷ୍ପତ୍ତିକୁ ବିଚାରପତି ଜଣକ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଏହାର ଶୁଣାଣିକରି ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଏବଂ ବିପୁଲ ଏମ୍. ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ବିଚାରପତି ଜଣକ ଅବସର ନେବାର ଠିକ୍ ପୂର୍ବରୁ ଛକା ମାରିବା ଆରମ୍ଭ କରିଥିଲେ। ଏହା ଦୁର୍ଭାଗ୍ୟଜନକ ଧାରା। ସୂଚନାଯୋଗ୍ୟ, ମଧ୍ୟପ୍ରଦେଶର ଏହି ନ୍ୟାୟିକ ଅଧିକାରୀ ଜଣକ ନଭେମ୍ବର ୩୦ରେ ଅବସର ନେବାକୁ ଥିବାବେଳେ ସେ ଦେଇଥିବା ୨ଟି ରାୟକୁ ନେଇ ତାଙ୍କୁ ନଭେମ୍ବର ୧୯ରେ ନିଲମ୍ବନ କରାଯାଇଥିଲା। ତାଙ୍କ ଓକିଲ ବିପିନ ସାଙ୍ଘି ନିଲମ୍ବନର ବୈଧତାକୁ ନେଇ ପ୍ରଶ୍ନ ଉଠାଇବା ସହ ରାୟ ପ୍ରଦାନ ପାଇଁ ଜଣେ ବିଚାରପତିଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ ବୋଲି କହିଥିଲେ। ଖଣ୍ଡପୀଠ ଏଥିରେ ସହମତ ହେବା ସହ କହିଥିଲେ, ବିଚାରପତିଙ୍କୁ ଏଭଳି ନିଲମ୍ବନ କରାଯାଇପାରିବ ନାହିଁ। ତେବେ ସେ ଯଦି ସ୍ପଷ୍ଟ ଭାବେ ଅସାଧୁ ରାୟ ପ୍ରଦାନ କରନ୍ତି, ତେବେ କ'ଣ କରାଯିବ ବୋଲି ସିଜେଆଇ ପ୍ରଶ୍ନ କରିଥିଲେ।

### ଆଜି ଖୋଲିବ ଏପଷ୍ଟିନ୍ ପେଡ଼ି

# ଫାଇଲ୍‌ରେ ଟ୍ରମ୍ପ୍, ଚିନ୍ତାରେ ହ୍ୱାଇଟ୍ ହାଉସ୍



ଜେଫ୍ରି ଏଡ୍‌ୱାର୍ଡ ଏପଷ୍ଟିନ୍

ୱାଶିଂଟନ୍/ନୂଆଦିଲ୍ଲୀ, ୧୮।୧୨(ସିଏନ୍‌ଏନ୍/ଏଜେନ୍ସି)

ଶିଶୁ ଯୌନ ଅପରାଧ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ୨୦୧୯ ଅଗଷ୍ଟ ୧୦ରେ ନ୍ୟୁୟର୍କସ୍ଥିତ ଲୋୟର ମନହାଟନ୍ ଜେଲରେ ସନ୍ଦେହଜନକ ସ୍ଥିତିରେ ପ୍ରାଣ ହରାଇଥିବା ଆମେରିକୀୟ ଫାଇନାନ୍ସର ଜେଫ୍ରି ଏଡ୍‌ୱାର୍ଡ ଏପଷ୍ଟିନ୍‌ଙ୍କ ସମ୍ପର୍କିତ ବହୁ ପ୍ରତୀକ୍ଷିତ ଫାଇଲ୍ ଶୁକ୍ରବାର ପ୍ରଘଟ ହେବ। କୁହାଯାଉଛି ଯେ, ଆମେରିକାର ନ୍ୟାୟ ବିଭାଗ ପକ୍ଷରୁ ସାର୍ବଜନୀନ କରାଯିବାକୁ ଥିବା ଉକ୍ତ ଫାଇଲରେ ୩୦୦ ଗିଗାବାଇଟ୍ ସମ୍ବଳିତ ବହୁ ଚାଞ୍ଚଲ୍ୟକର ତଥ୍ୟ ରହିଛି, ଯାହାକି କେବଳ ୱାଶିଂଟନ୍ ନୁହେଁ, ଭାରତ ସମେତ ଅନେକ ଦେଶରେ ହଇଚଇ ସୃଷ୍ଟି କରିବ। ଏପଷ୍ଟିନ୍ ବିଭିନ୍ନ ଦେଶର ରାଷ୍ଟ୍ରମୁଖ୍ୟ, ରାଜ ପରିବାର ସଦସ୍ୟ, ମନ୍ତ୍ରୀ, କୂଟନୀତିଜ୍ଞ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ପରସ୍ପର ସହ ସାକ୍ଷାତ୍ କରାଉଥିଲେ। ସେମାନଙ୍କ ମଧ୍ୟରେ ବହୁ ଗୁରୁତ୍ୱପୂର୍ଣ୍ଣ ଡିଲ୍ କରାଇ ନିଜେ ବିପୁଳ ମାତ୍ରାରେ ଲାଭାନ୍ୱିତ ହେଉଥିଲେ। ଏହିସବୁ କାର୍ଯ୍ୟ କରାଇବା ଲାଗି ଏପଷ୍ଟିନ୍ ୧,୦୦୦ରୁ ଊର୍ଦ୍ଧ୍ୱ ସ୍ୱଳ୍ପବୟସ୍କା ଝିଅଙ୍କୁ ନିଜସ୍ୱ ଏକ ଦ୍ୱୀପରେ ଯୌନ ପିପାସା ପୂରଣ କାର୍ଯ୍ୟରେ ନିୟୋଜିତ କରୁଥିଲେ। ୨୦୦୮ରେ ଏପଷ୍ଟିନ୍‌ଙ୍କ ବିରୋଧରେ ଅନେକ ପୀଡ଼ିତା କୋର୍ଟରେ ମୁହଁ ଖୋଲିବା ପରେ କିଛି ତଥ୍ୟ ସାମ୍ନାକୁ ଆସିଥିଲା। ତେବେ ଏପଷ୍ଟିନ୍‌ଙ୍କ ମୃତ୍ୟୁ ପରେ ତାଙ୍କ ବିଳାସପୂର୍ଣ୍ଣ ଜୀବନଶୈଳୀ ଓ କଳା କାରନାମା ଉପରୁ କ୍ରମଶଃ ପରଦା ହଟିବାରେ ଲାଗିଲା। ଏପଷ୍ଟିନ୍‌ଙ୍କ ନିର୍ଜନ ଦ୍ୱୀପକୁ ଯାଇ ଉପଭୋଗ କରିଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କ ତାଲିକାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍, ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ୍‌ଙ୍କ ସମେତ ବହୁ ସେଲିବ୍ରିଟି ଓ ବିଦେଶୀ ଅତିଥିଙ୍କ ନାମ ଉଲ୍ଲେଖ ରହିଥିବା ଜଣାପଡ଼ିଛି। ସେହିପରି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ହରଦୀପ ସିଂ ପୁରୀ, ଶିଳ୍ପପତି ଅନିଲ ଅମ୍ବାନୀ ଏବଂ ପୂର୍ବତନ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ନାମ ମଧ୍ୟ ଏଥିରେ ରହିଥିବା ଚର୍ଚ୍ଚା ହେଉଛି। ତେଣୁ ଆମେରିକା ଓ ଭାରତ ସମେତ ଅନେକ ଦେଶର ଗଣମାଧ୍ୟମ ଏହି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜର ପ୍ରଘଟକୁ ଅପେକ୍ଷା କରିଛନ୍ତି।

ଜେଫ୍ରି ଏପଷ୍ଟିନ୍‌ଙ୍କ ସହ ଜଡ଼ିତ ଅତି ସମ୍ବେଦନଶୀଳ ଦସ୍ତାବିଜ 'ଏପଷ୍ଟିନ୍ ଫାଇଲ୍ସ' ଖୋଲିବାକୁ ସମୟ ଯେତିକି ପାଖେଇ ଆସୁଛି, ବଡ଼ବଡ଼ିଆଙ୍କ ହୃତ୍‌ସ୍ପନ୍ଦନ ସେତିକି ବଢ଼ିବାରେ ଲାଗିଛି। ନଭେମ୍ବର ୧୯ରେ ଆମେରିକା କଂଗ୍ରେସ ଏପଷ୍ଟିନ୍ ଫାଇଲ୍ସ ଟ୍ରାନ୍ସପରେନ୍ସି ଆକ୍ଟକୁ ଗୃହୀତ କରାଇଥିଲା। ତଦନୁସାରେ ଡିସେମ୍ବର ୧୯ରେ ନ୍ୟାୟ ବିଭାଗ ପକ୍ଷରୁ ଏହାକୁ ସାର୍ବଜନୀନ କରାଯିବ। ବର୍ତ୍ତମାନ ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ୍ (ଏଫ୍‌ବିଆଇ)ର ତଦନ୍ତରେ ବାଧା ସୃଷ୍ଟିକଲା ଭଳି ଜାତୀୟ ସୁରକ୍ଷା କିମ୍ବା ବୈଦେଶିକ ନୀତି ଲକ୍ଷ୍ୟକୁ କ୍ଷତି ପହଞ୍ଚାଇବା କିମ୍ବା ଏପଷ୍ଟିନ୍‌ଙ୍କ ଯୋଗୁ ଯୌନ କେଲେଙ୍କାରୀର ଶିକାର ହୋଇଥିବା ପୀଡ଼ିତାମାନଙ୍କ ପରିଚୟ ପ୍ରଘଟ ହେଉଥିବା ଦସ୍ତାବିଜଗୁଡ଼ିକୁ ଏଥିରୁ ବାଦ୍ ଦିଆଯିବ।

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଉକ୍ତ ଆଇନରେ ସ୍ୱାକ୍ଷର କରିସାରିଥିବାରୁ ତାଙ୍କ ପ୍ରଶାସନ ଏ ସମ୍ପର୍କିତ ଅଗ୍ରଗତି ଉପରେ ନୀରବ ରହିଛି। ଚଳିତ ମାସରେ ଆଇନପ୍ରଣେତାମାନଙ୍କ ଏକ ଦ୍ୱିଦଳୀୟ ଗୋଷ୍ଠୀ ଆର୍ଟର୍ନି ଜେନେରାଲ ପାମ୍ ବଣ୍ଡିଙ୍କୁ ବିଭାଗର ଅଗ୍ରଗତି ଉପରେ ପ୍ରଶ୍ନ କରିଥିଲେ। କିନ୍ତୁ ସେ କୌଣସି ତଥ୍ୟ ଦେବାକୁ ମନା କରିଦେଇଥିଲେ। ଫାଇଲଗୁଡ଼ିକ ସାର୍ବଜନୀନ ହେବା ପରେ ଆମେରିକା ସମେତ ବିଶ୍ୱର ବିଭିନ୍ନ ଭାଗରେ ରାଜନୈତିକ ଝଡ଼ ସୃଷ୍ଟି ହେବା ଏକପ୍ରକାର ନିଶ୍ଚିତ। ଏଥିରେ ଅନେକ ହଜାର ପୃଷ୍ଠାର ତଦନ୍ତ ରିପୋର୍ଟ ରହିଛି, ଯାହାକି ଏପଷ୍ଟିନ୍‌ଙ୍କ ସହ ଜଡ଼ିତ ବହୁ ହାଇପ୍ରୋଫାଇଲ ବ୍ୟକ୍ତିତ୍ୱଙ୍କୁ କଳଙ୍କିତ କରିପାରେ। ୨୦୨୪ ରାଷ୍ଟ୍ରପତି ନିର୍ବାଚନ ବେଳେ ରିପବ୍ଲିକାନ୍ ଟ୍ରମ୍ପ୍ ପୁନର୍ବାର କ୍ଷମତାକୁ ଆସିଲେ ସରକାରଙ୍କ ପକ୍ଷରୁ ଏହି ଦସ୍ତାବିଜ ଜାରି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଗତ ଜୁଲାଇରେ ଜଷ୍ଟିସ୍ ଡିପାର୍ଟମେଣ୍ଟ ଏକ ମେମୋ ଜାରି କରି କହିଥିଲା, ବିଭାଗ ପାଖରେ ଏପଷ୍ଟିନ୍‌ଙ୍କ କ୍ଲାଏଣ୍ଟମାନଙ୍କ ନାମ ଥିବା କୌଣସି ତାଲିକା ନାହିଁ। ଇତିମଧ୍ୟରେ ଏପଷ୍ଟିନ୍ ଫାଇଲରେ ଅନେକ ଥର ଟ୍ରମ୍ପ୍‌ଙ୍କ ନାମ ଉଲ୍ଲେଖ ଥିବା 'ୱାଲ୍ ଷ୍ଟ୍ରିଟ୍ ଜର୍ନାଲ'ରେ ରିପୋର୍ଟ ପ୍ରକାଶ ପାଇଥିଲା। ବିବାଦ ଉଠିବା ପରେ ଟ୍ରମ୍ପ୍ ପ୍ରଶାସନ ଚିନ୍ତାରେ ପଡ଼ିଯାଇଥିବାବେଳେ ଝଡ଼ ସୃଷ୍ଟି ହେବାର ଦିନକ ପୂର୍ବରୁ ଅର୍ଥାତ୍ ଗୁରୁବାର ହ୍ୱାଇଟ୍ ହାଉସ୍ ମାପିଚୁପି ଏହା ଉପରେ ମନ୍ତବ୍ୟ ଦେଇଛି। ହ୍ୱାଇଟ୍ ହାଉସ୍ ଚିଫ୍ ଅଫ୍ ଷ୍ଟାଫ୍ ସୁସିଏ ୱିଲେସ୍ କହିଛନ୍ତି, ଟ୍ରମ୍ପ୍‌ଙ୍କ ନାମ ଫାଇଲରେ ଥିଲେ ମଧ୍ୟ ସେ କୌଣସି ଅପରାଧରେ ଅଭିଯୁକ୍ତ କିମ୍ବା ଜଡ଼ିତ ନୁହନ୍ତି। ଏଭଳି ସ୍ଥିତିରେ ଆମେରିକା ରାଷ୍ଟ୍ରପତିଙ୍କ ପାୱାର ସେଣ୍ଟରର ସ୍ୱଚ୍ଛତା ଉପରେ ବିତର୍କର ନୂଆ ଅଧ୍ୟାୟ ସୃଷ୍ଟି ହୋଇଛି।


ମହିଳାଙ୍କ ଗହଣରେ ଡୋନାଲ୍ଡ ଟ୍ରମ୍ପଙ୍କ ସହ ଜେଫ୍ରି ଏଡ୍‌ୱାର୍ଡ ଏପଷ୍ଟିନ୍।

### ଜେଫ୍ରି ଏପଷ୍ଟିନ୍: ଗଣିତ ଶିକ୍ଷକରୁ ଯୌନ ଅପରାଧୀ

୧୯୫୩ ଜାନୁଆରୀ ୨୦ରେ ଜନ୍ମିତ ଜେଫ୍ରି ଏଡ୍‌ୱାର୍ଡ ଏପଷ୍ଟିନ୍ ଜଣେ ଆମେରିକୀୟ ଫାଇନାନ୍ସର ଥିଲେ। ଡାଲଟନ୍ ସ୍କୁଲରେ ଗଣିତ ଶିକ୍ଷକ ଭାବେ କ୍ୟାରିୟର ଆରମ୍ଭ କରିଥିବା ଏପଷ୍ଟିନ୍‌ଙ୍କୁ ୧୯୭୬ରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଚାକିରିରୁ ବାହାର କରିଦେଇଥିଲେ। ପରେ ସେ ବ୍ୟାଙ୍କିଙ୍ଗ୍ ଓ ଫାଇନାନ୍ସ କ୍ଷେତ୍ରରେ ମନୋନିବେଶ କରିଥିଲେ। ନିଜସ୍ୱ ସଂସ୍ଥା ଆରମ୍ଭ ପୂର୍ବରୁ ସେ ବିଅର୍ ଷ୍ଟର୍ନ୍ସରେ କାର୍ଯ୍ୟ କରିଥିଲେ। ଇତିମଧ୍ୟରେ ଏପଷ୍ଟିନ୍ ଉଚ୍ଚ ଓ ସମ୍ଭ୍ରାନ୍ତ ସୋସିଆଲ ସର୍କଲରେ ପରିଚୟ ସୃଷ୍ଟି କରି ବହୁସଂଖ୍ୟକ ମହିଳା ଓ ସ୍ୱଳ୍ପବୟସ୍କା ଝିଅଙ୍କ ସହ ସମ୍ପର୍କ ରଖି ନିଜ ସହଯୋଗୀମାନଙ୍କ ଯୌନକ୍ଷୁଧା ପୂରଣ ପାଇଁ ସେମାନଙ୍କୁ ନିୟୋଜିତ କରିଥିଲେ। ଜଣେ ୧୪ ବର୍ଷୀୟା ଝିଅଙ୍କ ବାପା ଏନେଇ ଅଭିଯୋଗ କରିବା ପରେ ୨୦୦୫ରେ ଫ୍ଲୋରିଡାର ପାମ୍ ବିଚ୍‌ରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଫେଡେରାଲ ଅଫିସରମାନେ ଯୌନ ବ୍ୟଭିଚାରର ଶିକାର ହୋଇଥିବା ଏଭଳି ୩୬ ଝିଅ (ଯାହାଙ୍କ ବୟସ ୧୪ ବର୍ଷ ଥିଲା)ଙ୍କୁ ଚିହ୍ନଟ କରିଥିଲା। ଛୋଟ ଝିଅମାନଙ୍କୁ ଗଣିକା ବୃତ୍ତିରେ ଲଗାଇବା ଅଭିଯୋଗରେ ୨୦୦୮ରେ ଏପଷ୍ଟିନ୍ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଗିରଫଦାରିର ମାତ୍ର ୧୩ ମାସ ପରେ ସେ ଜାମିନରେ ମୁକୁଳିଥିଲେ। ଫ୍ଲୋରିଡା ଓ ନ୍ୟୁୟର୍କରେ ନାବାଳିକାମାନଙ୍କ ସେକ୍ସ ଟ୍ରାଫିକିଂ ଅଭିଯୋଗରେ ୨୦୧୯ ଜୁଲାଇ ୬ରେ ଏପଷ୍ଟିନ୍ ପୁଣି ଗିରଫ ହୋଇଥିଲେ। କିନ୍ତୁ ଏହାର କିଛିଦିନ ପରେ ଅର୍ଥାତ୍ ଅଗଷ୍ଟ ୧୦ରେ ଜେଲରେ ଅତ୍ୟନ୍ତ ସନ୍ଦେହଜନକ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ସେତେବେଳେ ପୋଲିସ ତାଙ୍କ ମୃତ୍ୟୁକୁ ଆତ୍ମହତ୍ୟାର ରୂପ ଦେଇଥିଲା। ବଡ଼କଥା ହେଉଛି, ତାଙ୍କ ମୃତ୍ୟୁ ସମୟରେ ଉକ୍ତ ହାଇସିକ୍ୟୁରିଟି ଜେଲରେ ସିସିଟିଭି କ୍ୟାମେରା କାମ କରୁ ନ ଥିଲା। ତେଣୁ ଏହା ଏକ ପ୍ରାୟୋଜିତ ହତ୍ୟାକାଣ୍ଡ ବୋଲି ଅନେକେ ମନେକରନ୍ତି।

### ଅଧ୍ୟୟନ ଭିଜାରେ ଯାଇ ରୁଷିଆ ସେନାରେ ଯୁଦ୍ଧ ବେଳେ ଉତ୍ତରାଖଣ୍ଡ ଯୁବକ ନିହତ

ଡେରାଡୁନ୍, ୧୮।୧୨

ଉତ୍ତରାଖଣ୍ଡର ୩୦ ବର୍ଷୀୟ ଯୁବକ ରାକେଶ କୁମାର ଅଧ୍ୟୟନ ଭିଜାରେ ରୁଷିଆ ଯାଇଥିବାବେଳେ ସେଠାରେ ତାଙ୍କୁ ୟୁକ୍ରେନ୍ ବିରୋଧୀ ଯୁଦ୍ଧ ପାଇଁ ରୁଷିଆ ସେନାରେ ସାମିଲ ହେବାକୁ ବାଧ କରାଯାଇଥିଲା ବୋଲି ଅଭିଯୋଗ ହୋଇଛି। ଯୁଦ୍ଧ ସମୟରେ ପ୍ରାଣ ହରାଇଥିବା ରାକେଶଙ୍କ ମୃତଦେହ ବୁଧବାର ନୂଆଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରୁ ସିତାରାଗଞ୍ଜକୁ ପଠାଯାଇଥିଲା। ଶକ୍ତି ଫାର୍ମର ତାରକନାଥ ଧାମରେ ବୁଧବାର ସନ୍ଧ୍ୟାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି। ପରିବାର ଲୋକଙ୍କ କହିବା ଅନୁଯାୟୀ, ରାକେଶ ପଢ଼ିବା ପାଇଁ ଗତ ଅଗଷ୍ଟ ୮ରେ ରୁଷିଆ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ତାଙ୍କ ପାସ୍‌ପୋର୍ଟ ଏବଂ ଭିଜାକୁ ଜବତ କରାଯାଇ ତାଙ୍କୁ ସାମରିକ ସେବାରେ ଯୋଗଦେବାକୁ ବାଧ୍ୟ କରାଯାଇଥିଲା। ତାଙ୍କ ସହ ପ୍ରାୟ ୨୫ ଦିନ ଯୋଗାଯୋଗ ହୋଇଥିବାବେଳେ ଅଗଷ୍ଟ ୩୦ରୁ କୌଣସି ପ୍ରକାର ସମ୍ପର୍କ କରାଯାଇପାରି ନ ଥିଲା। ରାକେଶଙ୍କୁ ତାଲିମ ଦିଆଯାଇ ୟୁକ୍ରେନ୍ ଯୁଦ୍ଧକୁ ପଠାଯାଇଥିଲା ଏବଂ ଏହା ପରେ ସମସ୍ତ ଯୋଗାଯୋଗ ବନ୍ଦ ହୋଇଯାଇଥିଲା ବୋଲି ତାଙ୍କ ବାପା ରାଜବାହାଦୁର ମୌର୍ଯ୍ୟ କହିଛନ୍ତି। ରାକେଶଙ୍କ ଶେଷ ଫୋନ୍ କଲ୍ ପରେ ତାଙ୍କୁ ସୁରକ୍ଷିତ ଫେରାଇ ଆଣିବା ପାଇଁ ପରିବାର ପକ୍ଷରୁ ଉଦ୍ୟମ ହୋଇଥିଲା। ଯୁଦ୍ଧ ବେଳେ ରାକେଶଙ୍କ ମୃତ୍ୟୁ ଘଟିଥିବା ଖବର ୧୦ ଦିନ ପୂର୍ବରୁ ପରିବାରକୁ ମିଳିଥିଲା।

### ରାଜନୈତିକ ଭୂକମ୍ପରେ ମୋଦି ସରକାରଙ୍କ ପତନ ହେବ: ସଞ୍ଜୟ ରାଉତ୍

ମୁମ୍ବାଇ, ୧୮।୧୨

ଡିସେମ୍ବର ୧୯ରେ ଏକ ରାଜନୈତିକ ଭୂକମ୍ପ ହେବାକୁ ଯାଉଛି। ଏଥିରେ କେନ୍ଦ୍ରର ମୋଦି ସରକାରଙ୍କ ପତନ ଘଟିବ ବୋଲି ଶିବସେନା ୟୁବିଟି ନେତା ସଞ୍ଜୟ ରାଉତ୍ ଦାବି କରିଛନ୍ତି। ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ପୃଥ୍ୱୀରାଜ ଚୌହାନଙ୍କ ସଦ୍ୟ ମନ୍ତବ୍ୟ ପରେ ସଞ୍ଜୟ କହିଛନ୍ତି, ଦିଲ୍ଲୀର ରାଜନୈତିକ ମହଲରେ ଚାଲିଥିବା ଚର୍ଚ୍ଚା ଅନୁସାରେ ଭାଜପା ସରକାରକୁ ଅସ୍ଥିର କରିଦେବା ଭଳି ଏକ ବଡ଼ ଉଠାପକା ଦେଖିବାକୁ ମିଳୁଛି। ଏହି ରାଜନୈତିକ ଭୂକମ୍ପ ହେଲେ ମୋଦି ସରକାର ଭୁଶୁଡ଼ିପଡ଼ିବ। ଖବରଦାତା ଏହାର ସତ୍ୟାସତ୍ୟ ସମ୍ପର୍କରେ ପଚାରିବାରୁ ସଞ୍ଜୟ ଆମେରିକା ସହ ଏହାର ଲିଙ୍କ୍ ରହିଥିବା କହିଛନ୍ତି।

### ଜମୁଛି କାର୍ତ୍ତିକ-ଅନନ୍ୟା ଯୋଡ଼ି

**ମୁମ୍ବାଇ:** କାର୍ତ୍ତିକ ଆର୍ଯ୍ୟନ ଏବଂ ଅନନ୍ୟା ପାଣ୍ଡେଙ୍କ ରୋମାଣ୍ଟିକ-କମେଡି ଫିଲ୍ମ 'ତୁ ମେରି ମୈ ତେରା ମୈ ତେରା ତୁ ମେରି'ର ଟ୍ରେଲର ଗୁରୁବାର ରିଲିଜ ହୋଇଛି। ଫିଲ୍ମ ରିଲିଜ ହେବାର ମାତ୍ର ଗୋଟିଏ ସପ୍ତାହ ପୂର୍ବରୁ ନିର୍ମାତା ଟ୍ରେଲର ରିଲିଜ କରିଛନ୍ତି। କାର୍ତ୍ତିକ ଅତୀତ ଏବଂ ଭବିଷ୍ୟତକୁ ଭୁଲି ବର୍ତ୍ତମାନରେ ବଞ୍ଚିବାକୁ ଉଚିତ ମଣୁଛନ୍ତି। ତା'ପରେ ଅନନ୍ୟା ପାଣ୍ଡେଙ୍କୁ ପରିଚୟ କରାଇଥାଏ, ଯିଏ ଫିଲ୍ମରେ ଜଣେ ଲେଖିକା ଭୂମିକାରେ ଅଭିନୟ କରନ୍ତି। ୩ ମିନିଟ ୨୧ ସେକେଣ୍ଡର ଟ୍ରେଲରରେ ସୁନ୍ଦର ବିଦେଶୀ ସ୍ଥାନଗୁଡ଼ିକ ଖୁବ୍ ଆକର୍ଷଣୀୟ, କିନ୍ତୁ ଆଉ ସବୁକିଛି ପୂର୍ବ ଫିଲ୍ମଗୁଡ଼ିକଠାରୁ ପରିଚିତ ମନେ ହେବ।

'ତୁ ମେରି ମୈ ତେରା ମୈ ତେରା ତୁ ମେରି'ର ଟ୍ରେଲର ଆପଣଙ୍କୁ ଏକ ସାଧାରଣ ରୋମାଣ୍ଟିକ-କମେଡିକୁ ମନେ ପକାଇଦେବ। ଯେଉଁଠାରେ ନାୟକ ଏବଂ ନାୟିକା ପ୍ରଥମେ ଭେଟୁଛନ୍ତି ଏବଂ ତା'ପରେ ମଜା କରନ୍ତି। ନାୟିକା ପ୍ରଥମେ ନାୟକଙ୍କ ଉପରେ ବିରକ୍ତ ହୋଇଯାଆନ୍ତି। ପରିସ୍ଥିତି ଯୋଗୁ ସେମାନେ ଏକାଠି ରୁହନ୍ତି ଏବଂ ତା'ପରେ ନାୟିକା ତାଙ୍କ ପ୍ରେମରେ ପଡ଼ିଯାଉଛନ୍ତି। ସେମାନଙ୍କ ମଧ୍ୟରେ ପ୍ରେମ ଆରମ୍ଭ ହେଉଛି ଏବଂ ଶେଷରେ ଝଗଡ଼ା ହେଉଛି ତା'ପରେ ଏକ ଦୁଃଖଦ ଗୀତ ଶୁଣିବାକୁ ମିଳୁଛି। ତା'ପରେ ଫିଲ୍ମର ପୁରୁଣା ଖୁସିର ଶେଷ ମୁହୂର୍ତ୍ତ।

ଟ୍ରେଲରରେ ଜ୍ୟାକି ଶ୍ରଫ୍ ଏବଂ ନୀନା ଗୁପ୍ତା ପ୍ରମୁଖ ଭାବରେ ଅଭିନୟ କରିଥିବା ଅନ୍ୟ କଳାକାରଙ୍କ ଝଲକ ମଧ୍ୟ ଦେଖିବାକୁ ମିଳିଛି। ଟ୍ରେଲରରେ ସେମାନଙ୍କୁ ଅଧିକ ସମୟ ଦେଖିବାକୁ ମିଳୁନାହିଁ। ତାଙ୍କୁ ଦେଖିଲେ ଲାଗୁଛି ଯେ ସେ ଭୁଲ ଭୁଲୈୟା ୨-୩, ଶେହଜାଦ ଏବଂ ଲୁକା ଛୁପି ପରି।



### ଭାରତୀୟ ଅର୍ଥନୈତିକ ଜୋନ୍‌ରୁ ୩୫ ବାଂଲାଦେଶୀ ମତ୍ସ୍ୟଜୀବୀ ଗିରଫ

ନୂଆଦିଲ୍ଲୀ, ୧୮।୧୨

ଭାରତୀୟ ତଟସୁରକ୍ଷା ବାହିନୀ (ଆଇସିଜି)ର ଜାହାଜ ଗତ ୧୬ ତାରିଖରେ ଉତ୍ତର ବଙ୍ଗୋପସାଗରରେ ତଲାସି ଅଭିଯାନ ଚଳାଇଥିବାବେଳେ ୨ଟି ବାଂଲାଦେଶୀ ମାଛଧରା ବୋଟ୍ ଜବତ କରିବା ସହ ସେଥିରେ ଥିବା ୩୫ ଜଣଙ୍କୁ ଗିରଫ କରିଛି। ସେମାନେ ଭାରତର ବିଶେଷ ଅର୍ଥନୈତିକ ଜୋନ୍ (ଇଇଜେଡ୍)ରେ ବେଆଇନ ଭାବେ ମାଛଧରା କାର୍ଯ୍ୟରେ ନିୟୋଜିତ ଥିଲେ। ଭାରତର ସାମୁଦ୍ରିକ ଅଞ୍ଚଳ(ବିଦେଶୀ ବୋଟ୍ ଦ୍ୱାରା ମାଛଧରା ନିୟନ୍ତ୍ରଣ) ଆଇନ, ୧୯୮୧ର ଉଲ୍ଲଂଘନ ପାଇଁ ସେମାନଙ୍କୁ ଗିରଫ କରାଯାଇଛି। ଅଧିକ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଆଇସିଜି ସେମାନଙ୍କୁ ୧୭ ତାରିଖରେ ମେରାଇନ୍ ଥାନା ପୋଲିସକୁ ହସ୍ତାନ୍ତର କରିଛି। ଉପରୋକ୍ତ କାର୍ଯ୍ୟାନୁଷ୍ଠାନରୁ ଭାରତୀୟ ସାମୁଦ୍ରିକ ସ୍ୱାର୍ଥର ସୁରକ୍ଷା, ବେଆଇନ ମାଛଧରା ରୋକିବା ଏବଂ ଉକ୍ତ ଅଞ୍ଚଳରେ କାର୍ଯ୍ୟରତ ଭାରତୀୟ ମତ୍ସ୍ୟଜୀବୀଙ୍କୁ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆଇସିଜିର ଦୃଢ଼ ପ୍ରତିବଦ୍ଧତା ସ୍ପଷ୍ଟ ହୋଇଛି।

# ଭାରତ-ଓମାନ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ

ମସ୍କାଟ, ୧୮।୧୨(ପି.ଟି.)

ଓମାନ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ସେଠାର ସୁଲ୍‌ତାନ ହୈଥାମ୍ ବିନ୍ ତାରିକ୍‌ଙ୍କ ସହ ଦ୍ୱିପାକ୍ଷିକ ରଣନୀତିକ ସହଭାଗିତା ବୃଦ୍ଧି ନେଇ ଆଲୋଚନା କରିଛନ୍ତି।ଏହି ଅବସରରେ ୨ ଦେଶ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ତ୍ରିରାଷ୍ଟ୍ରୀୟ ଗସ୍ତର ଶେଷ ପର୍ଯ୍ୟାୟରେ ମୋଦି ବୁଧବାର ଓମାନ୍‌ରେ ପହଞ୍ଚିଥିଲେ। ଦ୍ୱିପାକ୍ଷକ ଆଲୋଚନା ପୂର୍ବରୁ ସୁଲତାନ ହୈଥାମ୍ ତାଙ୍କୁ ମସ୍କାଟସ୍ଥିତ ଅଲ୍ ବାରାକ ପ୍ୟାଲେସ୍‌କୁ ସ୍ୱାଗତ କରିଥିଲେ। ଉଭୟ ନେତାଙ୍କ ମଧ୍ୟରେ ପ୍ରତିରକ୍ଷା, ସୁରକ୍ଷା, ବାଣିଜ୍ୟ ଓ ପୁଞ୍ଜିନିବେଶ, ଶକ୍ତି, କୃଷି, ପ୍ରଯୁକ୍ତି ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି। ବିସ୍ତୃତ ଅର୍ଥନୈତିକ ସହଭାଗିତା ଚୁକ୍ତିନାମା (ସିଇପିଏ) ସ୍ୱାକ୍ଷର ଦ୍ୱିପାକ୍ଷିକ ସମ୍ପର୍କ ଦିଗରେ ଏକ ବଡ଼ ସଫଳତା କହି ୨ ନେତା ଏହାକୁ ସ୍ୱାଗତ କରିଛନ୍ତି। ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲ ଏବଂ ଓମାନ ପ୍ରତିପକ୍ଷ କାଇସ୍ ବିନ୍ ମହମ୍ମଦ ଅଲ୍ ୟୁସେଫ୍ ଉକ୍ତ ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ। ଏହା ଦ୍ୱିପାକ୍ଷିକ ବାଣିଜ୍ୟ ଓ ନିବେଶକୁ ନୂଆ ବଳ ଦେବା ସହ ପାରସ୍ପରିକ ଅଭିବୃଦ୍ଧି ପାଇଁ ସୁଯୋଗ ସୃଷ୍ଟି କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।


ଓମାନ ସୁଲ୍‌ତାନ ହୈଥାମ୍ ବିନ୍ ତାରିକ୍‌ଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

#### ମୋଦିଙ୍କୁ 'ଓର୍ଡର ଅଫ୍ ଓମାନ' ସମ୍ମାନ

ନୂଆଦିଲ୍ଲୀ, ୧୮।୧୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଗୁରୁବାର ଓମାନର ସର୍ବୋଚ୍ଚ ବେସାମରିକ ପୁରସ୍କାର 'ଅର୍ଡର ଅଫ୍ ଓମାନ୍'ରେ ସମ୍ମାନିତ କରାଯାଇଛି। ଭାରତ-ଓମାନ ସମ୍ପର୍କକୁ ସୁଦୃଢ଼ କରିବାରେ ପ୍ରଧାନମନ୍ତ୍ରୀଙ୍କ ଅବଦାନ ପାଇଁ ସୁଲତାନ ହୈଥାମ ବିନ୍ ତାରିକ୍ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ପୂର୍ବରୁ ମହାରାଣୀ ଏଲିଜାବେଥ୍, ନେଲସନ ମଣ୍ଡେଲା ଏବଂ ଜୋର୍ଡାନ ରାଜା ଅବଦୁଲ୍ଲାଙ୍କୁ ଏହି ପୁରସ୍କାର ମିଳିଛି।

# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୧୯/୨୦୨୫ | Bhubaneswar, Friday, December 19/2025 | ପୃଷ୍ଠା-୧






ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଗୁରୁବାର ଭଞ୍ଜକଳା ମଣ୍ଡପରେ ଆରମ୍ଭ ହୋଇଥିବା 'ଜାତୀୟ କଣ୍ଢେଇ ନାଟ ଉତ୍ସବ'ରେ ପରିବେଷିତ ଛାୟା କଣ୍ଢେଇ ନାଟକ 'ବନ୍ଦେ ମାତରମ୍'ର ଦୁଇଟି ଦୃଶ୍ୟ। **(ଫଟୋ: ବିକାଶ ନାୟକ)**

# ଲୋକ ସଭାରେ ଜି ରାମ୍ ଜି ବିଲ୍ ଗୃହୀତ

**ସଂସଦର ନିମ୍ନ ସଦନରେ ଗୁରୁବାର ପ୍ରବଳ ବିରୋଧ ସତ୍ତ୍ୱେ ବିକଶିତ ଭାରତ– ଗ୍ୟାରେଣ୍ଟି ଫର୍ ରୋଜଗାର ଆଜିବିକା ମିଶନ (ଗ୍ରାମୀଣ) ବିଲ୍–୨୦୨୫ (ବିଭି–ଜି–ରାମ୍–ଜି ବିଲ୍) ଗୃହୀତ ହୋଇଛି। ଏହି ବିଲ୍ ଉପରେ ଗୃହରେ କେନ୍ଦ୍ର ମନ୍ତ୍ରୀ ଶିବରାଜ ଚୌହାନ୍ ଆଲୋଚନା କରୁଥିବାବେଳେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ପ୍ରବଳ ବିରୋଧ କରାଯାଇଥିଲା। ଏପରି କି ବିରୋଧୀ ଦଳର ସଦସ୍ୟମାନେ ବିଲ୍‌କୁ ଚିରି ଫିଙ୍ଗିଥିଲେ। କଂଗ୍ରେସ ସମେତ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ପାର୍ଲାମେଣ୍ଟ କମ୍ପ୍ଲେକ୍ସ ଭିତରେ ବିକ୍ଷୋଭ ଶୋଭାଯାତ୍ରା କରାଯାଇଥିଲା। ବିଶ୍ୱର ସର୍ବବୃହତ୍ ନିଯୁକ୍ତି ଯୋଜନାର ସୁଚିନ୍ତିତ ହତ୍ୟା ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିବା ସହ ଦେଶବ୍ୟାପୀ ଏହାକୁ ନେଇ ଆନ୍ଦୋଳନ କରାଯିବ ବୋଲି କହିଛନ୍ତି।**

## ବିଲ୍ ଚିରି ଫିଙ୍ଗିଲେ ବିରୋଧୀ

**ନୂଆଦିଲ୍ଲୀ,୧୮।୧୨(ପି.ଟି.)**

ଲୋକ ସଭାରେ ଗୁରୁବାର ପ୍ରବଳ ବିରୋଧ ମଧ୍ୟରେ ଭିବି–ଜି ରାମ ଜି ବିଲ୍– ୨୦୨୫ ଗୃହୀତ ହୋଇଛି। ୨୦ ବର୍ଷର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ(ଏମ୍‌ଜିଏନ୍‌ଆର୍‌ଇଜିଏ) ସ୍ଥାନରେ ଏହାକୁ କାର୍ଯ୍ୟକାରୀ କରାଯିବ। ଏମ୍‌ଜିଏନ୍‌ଆର୍‌ଇଜିଏକୁ ବଦଳାଇବାକୁ ଯାଇ ସରକାର ମହାତ୍ମା ଗାନ୍ଧୀଙ୍କୁ ଅପମାନିତ କରିଥିବା ବିରୋଧୀ ଏମ୍‌ପିମାନେ ଅଭିଯୋଗ କରିଛନ୍ତି। ବିଲ୍ ଆଲୋଚନାରେ ଭାଗନେଇ କେନ୍ଦ୍ର ଗ୍ରାମାଞ୍ଚଳ ବିକାଶ ମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଥିଲେ, ୨୦୦୯ ନିର୍ବାଚନକୁ ଆଖିଆଗରେ ରଖି ଏନ୍‌ଆର୍‌ଇଜିଏରେ ମହାତ୍ମା ଗାନ୍ଧୀଙ୍କ ନାମ ଯୋଡ଼ାଯାଇଥିଲା। ଭୋଟ ପାଇବା ପାଇଁ କଂଗ୍ରେସ ମନରେ ବାପୁ ଆସିଥିଲେ। ମହାତ୍ମା ଗାନ୍ଧୀଙ୍କ ବିଚାରଧାରାକୁ ମୋଦି ସରକାର ବିଭିନ୍ନ ପଦକ୍ଷେପ ଜରିଆରେ କାଏମ ରଖିଆସିଛି। କଂଗ୍ରେସ ଅନେକ ଥର ଗାନ୍ଧିଜୀଙ୍କ ବିଚାରଧାରାକୁ ହତ୍ୟା କରିଛି ଏବଂ ତାଙ୍କ ନାମକୁ କେବଳ ରାଜନୈତିକ ଫାଇଦା ପାଇଁ ବ୍ୟବହାର କରୁଛି ବୋଲି ଚୌହାନ କହିଥିଲେ।

ଗ୍ରାମାଞ୍ଚଳ ନିଯୁକ୍ତି ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଇବାକୁ ବିରୋଧ କରି ବିପକ୍ଷ ଦଳର ଏମ୍‌ପିମାନେ ଗୃହ ମଧ୍ୟଭାଗକୁ ଆସି ସରକାରଙ୍କ ବିରୋଧରେ ସ୍ଲୋଗାନ ଦେବା ସହ ହଟ୍ଟଗୋଳ କରିଥିଲେ। ସେମାନେ ବିଲ୍‌ର ନକଲ ଚିରି ବାଚସ୍ପତିଙ୍କ ଚୌକି ଆଡ଼କୁ ଫିଙ୍ଗିଥିଲେ। ବିଲ୍ ଗୃହୀତ ହେବା ପରେ ବାଚସ୍ପତି ଓମ୍ ବିର୍ଲା ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଛନ୍ତି।

ବିଲ୍ ପ୍ରତ୍ୟାହାର ଦାବିରେ ବିରୋଧୀ ଏମ୍‌ପିମାନେ ପାର୍ଲାମେଣ୍ଟ କମ୍ପ୍ଲେକ୍ସରେ ମହାତ୍ମା ଗାନ୍ଧୀ ଏନ୍‌ଆର୍‌ଇଜିଏ ଲେଖାଥିବା ବ୍ୟାନର ଧରି ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିଠାରୁ ମକର ଦ୍ୱାର ପର୍ଯ୍ୟନ୍ତ ବିକ୍ଷୋଭ ଶୋଭାଯାତ୍ରାରେ ଯାଇଥିଲେ। ସରକାର ଆଣିଥିବା ବିଲ୍ ଗାନ୍ଧିଜୀଙ୍କ ପ୍ରତି ଅପମାନ ଏବଂ କାର୍ଯ୍ୟ କରିବା ଅଧିକାର ପ୍ରତି ଶକ୍ତ ଧକ୍କା ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏ ଗ୍ରାମୀଣ ଭାରତରେ ସାମାଜିକ–ଅର୍ଥନୈତିକ ପରିବର୍ତ୍ତନରେ ପ୍ରମୁଖ ଭୂମିକା ନେଇଥିଲା। ବିଲ୍ ବିରୋଧରେ ପାର୍ଲାମେଣ୍ଟ ଏବଂ ରାସ୍ତାରେ ଲଢ଼େଇ ହେବ ବୋଲି ଖାର୍ଗେ କହିଛନ୍ତି। ବରିଷ୍ଠ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ସମେତ କେ.ସି. ବେଣୁଗୋପାଳ, ହିବି ଏଡେନ୍, ସମାଜବାଦୀ ପାର୍ଟି ଏମ୍‌ପି ଧର୍ମେନ୍ଦ୍ର ଯାଦବ, ଡିଏମ୍‌କେର ଟି.ଆର୍. ବାଲୁ ଓ ଅନ୍ୟ ବିରୋଧୀ ଦଳ ଏମ୍‌ପିମାନେ ବିକ୍ଷୋଭରେ ସାମିଲ ହୋଇଥିଲେ। ନୂଆ ବିଲ୍‌ରେ ଗ୍ରାମାଞ୍ଚଳର କାମ ଚାହୁଁଥିବା ପ୍ରତି ପରିବାରକୁ ବର୍ଷକୁ ୧୨୫ ଦିନ କାର୍ଯ୍ୟ ଯୋଗାଇ ଦିଆଯିବା ବ୍ୟବସ୍ଥା ରହିଛି। ନୂଆ ଆଇନ କାର୍ଯ୍ୟକାରୀ ହେବାର ୬ ମାସ ମଧ୍ୟରେ ରାଜ୍ୟଗୁଡ଼ିକ ଅନୁରୂପ ଯୋଜନା ଆଣିବାକୁ ହେବ।

## ଜଷ୍ଟିସ୍ ସଙ୍ଗମ କୁମାର ସାହୁ ହେଲେ ପାଟ୍‌ନା ହାଇକୋର୍ଟ ମୁଖ୍ୟ ବିଚାରପତି

**କଟକ,୧୮।୧୨(କାର୍ତ୍ତିକ ସାହୁ)**



ଓଡ଼ିଶା ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁ ପାଟ୍‌ନା ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ପଦୋନ୍ନତି ପାଇଛନ୍ତି। ସୁପ୍ରିମକୋର୍ଟ କଲିଜିୟମ୍ ମୁଖ୍ୟ ବିଚାରପତି ଭାବେ ଗୁରୁବାର ସୁପାରିସ କରିଥିବା ୫ଜଣ ବିଚାରପତିଙ୍କ ମଧ୍ୟରୁ ବିଚାରପତି ସାହୁ ଅନ୍ୟତମ। ସୂଚନାନୁସାରେ, ବିଚାରପତି ସଙ୍ଗମ କୁମାର ସାହୁ ପିତା ଶରତ ଚନ୍ଦ୍ର ସାହୁଙ୍କ ପୁତ୍ର ଭାବେ ୧୯୬୪ ଜୁନ୍ ୫ରେ ଜନ୍ମଗ୍ରହଣ କରିଥିଲେ। ସେ କଟକ ନୂଆବଜାର ହାଇସ୍କୁଲରୁ ମାଟ୍ରିକ ପାସ୍ କରିବା ପରେ ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟରୁ ଆଇଏସ୍‌ସି ଓ ବିଏସ୍‌ସି ଡିଗ୍ରୀ ହାସଲ କରିଥିଲେ। ଏଥିସହ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପ୍ରାଇଭେଟ୍ ଭାବରେ ଇଂଲିଶ ଏମ୍.ଏ. ଏବଂ ☞ପୃଷ୍ଠା–୨

## ଯବାନଙ୍କ ଗୁଳିରେ ୩ ମାଓବାଦୀ ନିହତ

**ମାଲକାନଗିର,୧୮।୧୨ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲାରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁରୁବାର ଗୁଳି ବିନିମୟ ଘଟିଛି। ଯବାନଙ୍କ ଗୁଳିରେ ୩ ମାଓବାଦୀ ନିହତ ହୋଇଥିବା ଜଣାପଡ଼ିଛି। ମୃତ ୩ ଜଣଙ୍କ ମଧ୍ୟରୁ ଜଣେ ମହିଳା ମାଓବାଦୀ ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ସୁକ୍‌ମା ଜିଲା ଡିଆର୍‌ଜି ବାହିନୀ ଗୁରୁବାର ସକାଳେ ଜିଲାର ଗୋଲାପାଲ୍ଲୀ ଜଙ୍ଗଲରେ କୋମ୍ବିଂ ଅପରେଶନ କରୁଥିଲେ। ଏହି ସମୟରେ ଉକ୍ତ ଜଙ୍ଗଲରେ ଲୁଚି ରହିଥିବା ମାଓବାଦୀଙ୍କ ସହ ଯବାନମାନେ ମୁହାଁମୁହିଁ ହୋଇଥିଲେ। ଯବାନଙ୍କୁ ଦେଖି ମାଓବାଦୀମାନେ ପ୍ରଥମେ ଗୁଳିଚାଳନା କରିଥିଲେ। ଏହାର ପାଲଟା ଜବାବରେ ଯବାନମାନେ ମାଓବାଦୀଙ୍କୁ ଲକ୍ଷ୍ୟକରି ଗୁଳି ଚାଳନା କରିଥିଲେ। ଯବାନଙ୍କ ଗୁଳି ଚାଳନାକୁ ପ୍ରତିହତକରି ନ ପାରି ଘଟଣାସ୍ଥଳରୁ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ସର୍ଚ୍ଚ ଅପରେଶନ ସମୟରେ ୩ ଜଣ ମାଓବାଦୀଙ୍କ ☞ପୃଷ୍ଠା–୨

**ଆଜିର ସମ୍ପାଦକୀୟ**

**ଅସୁରକ୍ଷିତ ସ୍କୁଲପିଲା**

## ମା' ସହ ମିଶି ଶାଶୁଙ୍କୁ ହତ୍ୟା କଲେ ବୋହୂ

### ଅନୁଗୋଳରେ ଚାଞ୍ଚଲ୍ୟ, ମା' ଝିଅ ଥାନାରେ ଅଟକ



ଘଟଣାସ୍ଥଳରେ ଅନୁଗୋଳ ସଦର ଥାନା ପୋଲିସ ତଦନ୍ତ କରୁଛି।

**ଅନୁଗୋଳ,୧୮।୧୨ (ଜ୍ୟୋତିରଞ୍ଜନ ସାହୁ)**

ମାତ୍ର ୮ ମାସ ତଳେ ଘରକୁ ଆସିଥିବା ବୋହୂ ନେଇଛନ୍ତି ଶାଶୁଙ୍କ ଜୀବନ। ପାରିବାରିକ କଳହରୁ ମା' ସହ ମିଶି ଶାଶୁ କୁନି ନାୟକଙ୍କୁ ପଥରରେ ଛେଚି ବୁଧବାର ରାତିରେ ହତ୍ୟା କରିଛନ୍ତି। କୁନିଙ୍କ ପୁଅ କାହ୍ନୁ ନାୟକ ଗୁରୁବାର ଏ ନେଇ ଅନୁଗୋଳ ସଦର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘର ଭିତରୁ ରକ୍ତାକ୍ତ ମୃତଦେହ ଜବତ କରିବା ସହ ଅଭିଯୁକ୍ତା ବୋହୂ ସରିତା ସାହୁ ଓ ତାଙ୍କ ମା' ଜୟନ୍ତୀ ସାହୁଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସଦର ଥାନା ଖଲାରୀ ଗଡ଼ପଦା ସାହି ଜାମୁବନ୍ଧ ଛକ ନିକଟରେ ଘଟିଥିବା ଏହି ହତ୍ୟାକାଣ୍ଡ ସହରରେ ଚାଞ୍ଚଲ୍ୟ ଖେଳାଇଦେଇଛି।

ଅଭିଯୋଗ ଅନୁସାରେ, ଢେଙ୍କାନାଳ ଜିଲା ରାସୋଳ ଥାନା କଲୋନୀ ସାହିର କାହ୍ନୁ ନାୟକ ମା' କୁନିଙ୍କ ସହ କିଛି ବର୍ଷ ହେବ ଅନୁଗୋଳ ଖଲାରୀ ଗଡ଼ପଦା ସାହିସ୍ଥିତ ଏକ ଭଡ଼ା ଘରେ ରହୁଥିଲେ। କାହ୍ନୁ ଏକ ଦୋକାନରେ କାମ କରୁଥିବା ବେଳେ ପ୍ରାୟ ୮ ମାସ ତଳେ ସରିତାଙ୍କୁ ବିବାହ କରିଥିଲେ। ତେବେ ବିଭିନ୍ନ ଛୋଟମୋଟ ଘଟଣାକୁ ନେଇ କୁନି ଓ ବୋହୂ ସରିତାଙ୍କ ମଧ୍ୟରେ ମନୋମାଳିନ୍ୟ ହେଉଥିଲା। ବୁଧବାର ସରିତାଙ୍କ ମା'

### ପଥରରେ ଛେଚାଯାଇଥିବା ପୋଲିସର ସୂଚନା

ଜୟନ୍ତୀ ଝିଅ ଘରକୁ ଆସିଥିଲେ। ସନ୍ଧ୍ୟାରେ କାହ୍ନୁ ଦୋକାନକୁ ଯାଇ ରାତି ପ୍ରାୟ ୧୦ଟାରେ ଫେରିଥିଲେ। ଶାଶୁ କେଉଁଠି ବୋଲି କାହ୍ନୁ ପଚାରିବାରୁ ସେ ଘରକୁ ପଳାଇଥିବା ସରିତା କହିଥିଲେ। ଏହାପରେ କାହ୍ନୁ ମା'ଙ୍କୁ ଖାଇବା ପାଇଁ ଡାକିବାକୁ ଯିବାବେଳେ ସ୍ତ୍ରୀ ସରିତା ମନା କରିଥିଲେ। ମା'ଙ୍କ ଦେହ ଅସୁସ୍ଥ ଅଛି ଓ ସେ ଖାଇସାରି ଶୋଇଥିବା କହିଥିଲେ। କିଛି ସମୟ ପରେ ମା'ଙ୍କ ଅସୁସ୍ଥତା ସମ୍ପର୍କରେ ପଚାରି ବୁଝିବା ପାଇଁ କାହ୍ନୁ ପାଖ ରୁମ୍‌କୁ ଯାଇ ମା'ଙ୍କୁ ଡାକିଥିଲେ। କିନ୍ତୁ କୌଣସି ପ୍ରତିକ୍ରିୟା ନ ମିଳିବାରୁ ଘୋଡ଼ାଯାଇଥିବା ଚାଦର ହଟାଇବା ପରେ ମା'ଙ୍କ ମୁଣ୍ଡରେ ଗୁରୁତର ଆଘାତ ଓ ରକ୍ତସ୍ରାବ ହୋଇଥିବା ଦେଖିଥିଲେ। ମା'ଙ୍କ ମୃତ୍ୟୁ ହୋଇଥିବା ଜାଣି ତୁରନ୍ତ ସଦର ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ସ୍ତ୍ରୀ ସରିତା ଓ ଶାଶୁ ☞ପୃଷ୍ଠା–୨

# ବିରୋଧ ପରେ ପୁନର୍ବିଚାର ଚିନ୍ତା

**ବିଧାନସଭାର ଶୀତ ଅଧିବେଶନରେ ବିଧାୟକ, ମନ୍ତ୍ରୀଙ୍କ ଦରମା ଓ ଭତ୍ତା ବଢ଼ାଇବା ସଂକ୍ରାନ୍ତରେ ଗତ ୯ ତାରିଖରେ ୪ଟି ପୃଥକ୍ ବିଲ୍ ପାରିତ ହୋଇଥିଲା। ବିଧାୟକମାନଙ୍କ ଦରମା ଏକାଥରେ ୩ ଗୁଣାରୁ ଅଧିକ ବୃଦ୍ଧି ନେଇ ଉକ୍ତ ବିଲ୍‌ରେ ଉଲ୍ଲେଖ କରାଯାଇଥିଲା। ଦରମା ବୃଦ୍ଧିକୁ ନେଇ ରାଜ୍ୟରେ ସାଧାରଣ ଲୋକମାନଙ୍କ ଭିତରେ ପ୍ରବଳ ଅସନ୍ତୋଷ, ସମାଲୋଚନା ଏବଂ ବିରୋଧ ଦେଖାଦେବା ପରେ ସରକାରୀ ଦଳ ପକ୍ଷରୁ ଏଭଳି ନିଷ୍ପତ୍ତିର ପୁନର୍ବିଚାର କରିବା ନେଇ ଚିନ୍ତା ପଶିଛି। ତଦନୁଯାୟୀ ଖୁବ୍‌ଶୀଘ୍ର ସରକାର ଦରମା ବୃଦ୍ଧିରେ ସଂଶୋଧନ ଆଣିପାରନ୍ତି ବୋଲି କୁହାଯାଉଛି।**

**ଭୁବନେଶ୍ୱର,୧୮।୧୨(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଗୁରୁବାର ଭାଜପା ବିଧାୟକମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏଭଳି ନିଷ୍ପତ୍ତି ହୋଇଥିବା କୁହାଯାଉଛି। ବୈଠକ ପରେ ଏନେଇ ସଂସଦୀୟ ବ୍ୟାପାର ତଥା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ବିଧାୟକ ଓ ପୂର୍ବତନ ବିଧାୟକମାନଙ୍କ ଦରମା ଓ ଭତ୍ତା ବୃଦ୍ଧି ନେଇ ସଦ୍ୟ ସମାପ୍ତ ୧୭ତମ ବିଧାନସଭା ଅଧିବେଶନରେ ଗତ ୯ତାରିଖରେ ଏକ ବିଧେୟକ ପାରିତ ହୋଇ ଗୃହୀତ ହୋଇଥିଲା। ପରେ ଏନେଇ ଭାଜପା ବିଧାୟକମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଲୋକମତକୁ

**ସଂଶୋଧନ ହୋଇପାରେ ବିଧାୟକଙ୍କ ଦରମା ବଢ଼ିବା ବିଲ୍**

- **ମୁଖ୍ୟମନ୍ତ୍ରୀଙ୍କୁ ପୁନର୍ବିଚାର ପାଇଁ ଦରଖାସ୍ତ ଦେଲେ ଭାଜପା ବିଧାୟକ**
- **ସରକାର ନାଟକ କଲା ଭଳି ଲାଗୁଛି: ବିଜେଡି**
- **ଲୋକଙ୍କ ଅସନ୍ତୋଷ ପରେ ଡରି ବିଲ୍ ପରିବର୍ତ୍ତନ କରିପାରନ୍ତି: କାଡାମ**

ସମ୍ମାନ ଜଣାଇ ବିଧାୟକମାନଙ୍କ ଦରମା, ଭତ୍ତା ବୃଦ୍ଧିର ପୁନର୍ବିଚାର ଓ ଆଲୋଚନା କରିବାକୁ ବିଧାୟକମାନେ ଲିଖିତ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଗତ ୨୦୧୭ରେ ଶେଷଥର ଲାଗି ବିଧାୟକମାନଙ୍କ ଦରମା ବୃଦ୍ଧି କରାଯାଇଥିଲା। ସେହି ସମୟରେ ବିଧାୟକମାନେ ମୂଳ ଦରମା ବାବଦକୁ ୩୫ ହଜାର ଟଙ୍କା ପାଉଥିବା ବେଳେ ଅନ୍ୟାନ୍ୟ ଭତ୍ତା ମିଶାଇଲେ ପ୍ରାୟ ଲକ୍ଷେ ଟଙ୍କା ହେଉଥିଲା। ନିକଟରେ ଗୃହରେ ପାରିତ ହୋଇଥିବା ସଂଶୋଧନ ବିଲ୍ ଅନୁଯାୟୀ ବିଧାୟକମାନେ ବର୍ଦ୍ଧିତ ଭାବେ ୯୦ ହଜାର ଟଙ୍କା ଦରମା ସହିତ ଅନ୍ୟାନ୍ୟ ଭତ୍ତା ବାବଦକୁ ମାସିକ ୩ ଲକ୍ଷ ୪୫ ହଜାର ଟଙ୍କା ମିଳିବା ନେଇ ନିଷ୍ପତ୍ତି ହୋଇଥିଲା। ସେହିପରି କ୍ୟାବିନେଟ୍ ଓ ରାଷ୍ଟ୍ରମନ୍ତ୍ରୀ, ବିରୋଧୀ ଦଳ ନେତା, ☞ପୃଷ୍ଠା–୨




# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ପକ୍ଷରୁ ମହିଳା ନେତୃତ୍ୱ ବିକାଶ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଆଇଏନ୍‌ଟିୟୁସି ରାଜ୍ୟ ଶାଖା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ବିକ୍ଷୋଭ, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ୍ ଛକ, ସମୟ: ପୂର୍ବାହ୍ନ ୧୧ଟା ୩୦।

**କଟକ**
- ଟିଗିରିଆ ବ୍ଲକ କୃଷି କାର୍ଯ୍ୟାଳୟ ତରଫରୁ ସିଏମ୍ କିଷାନ ସଚେତନତା ରଥ ଶୁଭାରମ୍ଭ, ସ୍ଥାନ: ବ୍ଲକ କୃଷି କାର୍ଯ୍ୟାଳୟ ନିଜିଗଡ, ଟିଗିରିଆ, ସମୟ: ପୂର୍ବାହ୍ନ ୧୦ଟା।
- ନୂଆପାଟଣା ପ୍ରାଥମିକ କୃଷି ସେବା ସମବାୟ ସମିତି ନୂତନ ଗୃହ ଉଦ୍‌ଘାଟନ, ସ୍ଥାନ: ନୂଆପାଟଣା ସେବା ସମବାୟ ସମିତି ପରିସର, ସମୟ : ପୂର୍ବାହ୍ନ ୧୦ଟା ୩୦।
- ଜୀବନାଶକର ଠିକ୍ ବ୍ୟବହାର ସମ୍ପର୍କୀୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ଟିଗିରିଆ ବ୍ଲକ କୃଷି କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୧ଟା।
- ଚୈତନ୍ୟ ସାହୁ କଳା ଓ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର ନୂଆପାଟଣା, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ କବିଚନ୍ଦ୍ର ସ୍ମୃତି ସଂସଦ ଆନୁକୂଲ୍ୟରେ କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କ ୧୨୮ତମ ଜୟନ୍ତୀ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।
- ନୃତ୍ୟ ମୟୂରୀ ପକ୍ଷରୁ ଅଷ୍ଟମ ମା' କଟକ ଚଣ୍ଡୀ ଫେଷ୍ଟିଭାଲ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା।

**ଖୋର୍ଦ୍ଧା**
- ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଚତୁର୍ଥ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ଷଣ୍ଢପୁର, ଜଟଣୀ, ସମୟ: ଅପରାହ୍ନ ୩ଟା।
- ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ବାଳିକା ଛାତ୍ରାବାସର ୧୦ମ ବାର୍ଷିକୋତ୍ସବ, ସ୍ଥାନ: କଲେଜ କ୍ୟାମ୍ପସ, ସମୟ: ଅପରାହ୍ନ ୩ଟା।
- ଖୋର୍ଦ୍ଧା ମହୋତ୍ସବ, ସ୍ଥାନ: ବିଡିଏ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

**ବାଲେଶ୍ୱର**
- ଚବିଶ ପ୍ରହର ନାମ ସଂକୀର୍ତ୍ତନ ଓ ମହୋତ୍ସବ, ସ୍ଥାନ: ବେଲଦାଣ୍ଡିଆ ମନ୍ଦିର ପରିସର, ସିଂଲା, ବାଲେଶ୍ୱର, ସମୟ: ସକାଳ ୮ଟା।
- ସାମ୍ବତ୍ସରିକ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଖଇରା ସରକାରୀ ଉଚ୍ଚ ବିଦ୍ୟାଳୟ, ଖଇରା, ସମୟ: ପୂର୍ବାହ୍ନ ୧୧ଟା।
- ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ସମୟ: ଅପରାହ୍ନ ୨ଟା ୩୦।
- ନୋସି ଏକ୍ସପୋ ମେଳା, ସ୍ଥାନ: ନୋସି ବିଜିନେସ ପାର୍କ ପରିସର, ବାମ୍ପଦା, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ବାଲେଶ୍ୱର ଉତ୍ସବର ସାଂସ୍କୃତିକ ସନ୍ଧ୍ୟା, ସ୍ଥାନ: ପୁରୁଣା ଷ୍ଟାଡିୟମ୍ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- ଶିଶୁ ଉତ୍ସବ-୨୦୨୫, ସ୍ଥାନ: ପଞ୍ଚାୟତ ଉଚ୍ଚ ବିଦ୍ୟାପୀଠ, ସିନ୍ଦୋଳ, ତିହିଡ଼ି, ସମୟ: ସକାଳ ୯ଟା।
- ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ନଇଛାଣପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ, ବାସୁଦେବପୁର, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ବିଜ୍ଞାନ ମେଳା ଓ ରାଷ୍ଟ୍ରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ଜିଲା ସ୍କୁଲ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ, ସ୍ଥାନ: ବିଦେଇପୁର ମୁନିପଡ଼ିଆ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ସାରସ୍ୱତ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ଜଳହରି, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।

**କେନ୍ଦୁଝର**
- କନ୍ୟା ଶିବିର, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଡ଼ବିଲ, ସମୟ: ସକାଳ ୮ଟା।
- ବଡ଼ବିଲ ମହୋତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ପୌର ଟାଉନ ହଲ୍, ବଡ଼ବିଲ, ସମୟ: ମଧ୍ୟାହ୍ନ ୧୨ଟା।
- ୱିଣ୍ଟର କାର୍ନିଭାଲ, ସ୍ଥାନ: ସେଣ୍ଟ ମେରିସ ସ୍କୁଲ, ବଡ଼ବିଲ, ସମୟ: ଅପରାହ୍ନ ୩ଟା ୩୦।

**ମୟୂରଭଞ୍ଜ**
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ:ଗୋପବନ୍ଧୁ ନଗର ବ୍ଲକ୍ କାର୍ଯ୍ୟାଳୟ ପରିସର,ସମୟ: ସକାଳ ୮ଟା।
- ହରିବଳଦେବ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ,ସ୍ଥାନ:ଖିରିପଦା,ଆରପଟା ପଞ୍ଚାୟତ, ଗୋପବନ୍ଧୁ ନଗର,ସମୟ: ପୂର୍ବାହ୍ନ ୧୦ଟା।
- ୧୬ ବର୍ଷରୁ କମ୍ ଆନ୍ତଃରାଜ୍ୟ ଟି-୨୦ କ୍ରିକେଟ ମ୍ୟାଚ, ସ୍ଥାନ:ମଧୁବନ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

**ବ୍ରହ୍ମପୁର**
- ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଶାନ୍ତି ନଗର ରାମମନ୍ଦିର, ସମୟ: ସକାଳ ୮ଟା।

**ଗଜପତି**
- ବାର୍ଷିକୋତ୍ସବ ପାଳନ, ସ୍ଥାନ: ମୋହନା ପିଏମଶ୍ରୀ ଏସ୍‌ଏସ୍‌ଡି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ ଟା।

**ଢେଙ୍କାନାଳ**
- ଢେଙ୍କାନାଳ ଜିଲ୍ଲା ନୂଆ ଭୁବନ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ସକାଳ ୧୦ଟା ୩୦।

**ଅନୁଗୋଳ**
- ପପୁ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ, ସ୍ଥାନ: ଆଠମଲ୍ଲିକ ଲିପିଲୋଇ ଖେଳପଡ଼ିଆ, ସମୟ : ଅପରାହ୍ନ ୩ଟା।

**ଜଗତ୍‌ସିଂହପୁର**
- କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ମଧୁବନ, ପାରାଦୀପ, ସମୟ: ସକାଳ ୮ଟା।
- ଗଣପତି ଶିଶୁ ବିଦ୍ୟାମନ୍ଦିରର ୨ ଦିନିଆ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଖେଳ ପଡିଆ, ବାଲିଝରା, ପାରାଦୀପ, ସମୟ: ସକାଳ ୮ଟା।

**କେନ୍ଦ୍ରାପଡ଼ା**
- ଧନୁଯାତ୍ରା ମହୋତ୍ସବ, ସ୍ଥାନ: ଶ୍ରୀମହାପୁରୁଷ ମଧୁସୂଦନ ଦାସ ପୀଠ, କଣ୍ଟିଆ ମଠ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- ରାଜ୍ୟ ସାମ୍ବାଦିକ ସଂଘ କେନ୍ଦ୍ରାପଡ଼ା ଜିଲା ଶାଖାର ବାର୍ଷିକ ଉତ୍ସବ ଓ ପ୍ରାନ୍ତୀୟ ସମାବେଶ, ସ୍ଥାନ: ଆଦିଶ୍ରୀ କଟେଜ, ଚାନ୍ଦୋଳ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଭଗବତୀ ସରକାରୀ ହାଇସ୍କୁଲ, ବେଲାରପୁର, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ମଣ୍ଡଳସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ଇଚ୍ଛାପୁର, ସରକାରୀ ଉଚ୍ଚ ବିଦ୍ୟାଳୟ, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୩ଟା।
- ଗୀତା ଜ୍ଞାନ ଯଜ୍ଞ, ସ୍ଥାନ: ଜିଲା ସଂସ୍କୃତିଭବନ, ଉଦୟନଗର, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଜେମ୍ସ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ସ୍କୁଲ ଖେଳ ପଡ଼ିଆ, ଯାଜପୁର ରୋଡ୍, ସମୟ : ପୂର୍ବାହ୍ନ ୯ଟା।
- ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଧର୍ମଶାଳା ବ୍ଲକ୍‌ର ଦେଉଳି, ସମୟ: ପୂର୍ବାହ୍ନ ୧୧ଟା।
- ୧୦ମ ରାଜ୍ୟସ୍ତରୀୟ କଳିଙ୍ଗନଗର ପୁସ୍ତକ ମେଳା, ସ୍ଥାନ: ଯାଜପୁର ରୋଡ୍ କାଳୀ ମେଲଣ ପଡ଼ିଆ, ସମୟ: ଅପରାହ୍ନ ୨ଟା।
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ଯାଜପୁର ପ୍ରଶାସନିକ ପଡ଼ିଆ, ସମୟ: ଅପରାହ୍ନ ୩ଟା।
- ଖିମଜୀ ସୁନା ଅଳଙ୍କାର ଶୋରୁମ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ରୋଡ୍ ବ୍ୟାଙ୍କ ଷ୍ଟ୍ରିଟ୍ ସମୟ: ଅପରାହ୍ନ ୪ଟା।
- ଯାଜପୁର ସଦର ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଜଗତ୍‌ସିଂହପୁରର କ୍ରିଷ୍ଟା ଡ୍ୟାନ୍ସ ଗ୍ରୁପ୍ ଓ ଓଡ଼ିଆ ଚାରିଧାମ ଚଳଚ୍ଚିତ୍ରର ନାୟିକା ଡା. ଅନୁରାଧା ପାଣିଗ୍ରାହୀଙ୍କ କାର୍ଯ୍ୟକ୍ରମ, ସ୍ଥାନ: କବିରପୁର ଦଶହରା ପଡ଼ିଆ, ସମୟ: ସନ୍ଧ୍ୟା ୬ ଟା।

**ନୟାଗଡ଼**
- ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ନୂଆଗାଁ ବ୍ଲକ ନୂଆଗାଁ ହାଇସ୍କୁଲ ପରିସର, ସମୟ: ପୂର୍ବାହ୍ନ ୯ଟା।
- ମା' ବରୁଣେଇ କ୍ରିକେଟ ଟୁର୍ନାମେଣ୍ଟର ୧୫ତମ ଦିବସରେ ୨ୟ ସେମି ଫାଇନାଲ ବାଙ୍କୀ ରାଜୀବ ବନାମ ବୈଦେଶ୍ୱର, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ମିଶନ ଶକ୍ତି ପକ୍ଷରୁ କଂସା ପିତଳ ବାସନ ସମାଗ୍ରୀ ପାଇଁ ତାଲିମ ଶିବିର, ସ୍ଥାନ: କଣ୍ଟିଲୋ ନଡିଆ ପୋଖରୀ ସାମ୍ନା କଂସା ପିତଳ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର ଉପରେ ସଚେତନତା ଶିବିର, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନ, ସମୟ:ପୂର୍ବାହ୍ନ ୧୧ଟା।
- ଶୁଭମ୍ ମେମୋରିଆଲ ଭଲି ଟୁର୍ନାମେଣ୍ଟର ୩ୟ ଦିବସରେ ଓଡିଶା ରିଜର୍ଭ ପୋଲିସ ବନାମ ମାଛିପଡା, ସ୍ଥାନ: ନୟାଗଡ଼ ଦକ୍ଷୀଣକାଳୀ ପଡିଆ, ସମୟ: ଅପରାହ୍ନ ୫ଟା ୩୦।
- ନୀଳମାଧବଙ୍କ ପୋଷ୍ୟ ପୂର୍ଣ୍ଣିମା ଓ ସୁନାବେଶ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କଣ୍ଟିଲୋ ପୂର୍ତ୍ତ ବିଭାଗ ଡାକବଙ୍ଗଳା, ସମୟ: ସନ୍ଧ୍ୟା ୬ଟା।
- ଶୁଭମ୍ ମେମୋରିଆଲ ଭଲି ଟୁର୍ନାମେଣ୍ଟର ୩ୟ ଦିବସରେ ତୁଳସୀପୁର ବନାମ ଭାଟସାହି,ସ୍ଥାନ: ନୟାଗଡ଼ ଦକ୍ଷୀଣକାଳୀ ପଡିଆ, ସମୟ: ସନ୍ଧ୍ୟା ୭ଟା ୩୦।

**ରାୟଗଡ଼ା**
- ଜିଆଇଇଟି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୃଜନ ୪.୦ ନିମନ୍ତେ ମାରାଥନ, ସ୍ଥାନ: ନୂତନ ବସ୍‌ଷ୍ଟାଣ୍ଡଠାରୁ ଜିଆଇଇଟି ବିଶ୍ୱବିଦ୍ୟାଳୟ, ଗୁଣପୁର, ସମୟ: ସକାଳ ୭ଟା।
- ଚଇତି ଉପଲକ୍ଷେ ପାୱାର ଲିଫ୍ଟିଂ ପ୍ରତିଯୋଗିତା, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ, ଗୁଣପୁର, ସମୟ: ସକାଳ ୮ଟା।
- ଜିଡିଓ ବିଦ୍ୟାଳୟରେ ବିଜ୍ଞାନ ମେଳା, ସ୍ଥାନ: ବିଦ୍ୟାଳୟ ଶ୍ରେଣୀ ଗୃହ, ମୁନିଗୁଡା, ସମୟ: ପୂର୍ବାହ୍ନ ୧୦ଟା।

**ନବରଙ୍ଗପୁର**
- ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଡାବୁଗାଁ ବ୍ଲକ ସରକାରୀ ନୂତନ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଓ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୯ଟା।

**କୋରାପୁଟ**
- ଜୁନିଅର ରେଡ୍‌କ୍ରସ କ୍ୟାମ୍ପ, ସ୍ଥାନ: କୁନ୍ଦୁରାସ୍ଥିତ ଶ୍ରୀ ଅରବିନ୍ଦ ଶିକ୍ଷା ନିକେତନ, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ ଉତ୍ସବ, ସ୍ଥାନ: ପଟ୍ଟାଙ୍ଗି ବ୍ଲକସ୍ଥିତ କୋଟିଆ ଏସ୍‌ଏସ୍‌ଡି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ରାଜସ୍ୱ ମନ୍ତ୍ରୀଙ୍କ ଗସ୍ତ, ସ୍ଥାନ: ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ଜିଜ୍ଞାସା' ପାଳନ, ସ୍ଥାନ: ନନ୍ଦପୁର ବ୍ଲକ ଗଣିନାୟକପୁଟସ୍ଥିତ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଆର୍‌ଆଇ ତାଲିମ କେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: ଜୟପୁର ଫୁଲବାଡ଼, ସମୟ: ପୂର୍ବାହ୍ନ ୧୧।
- ପ୍ରାକ୍ ଖ୍ରୀଷ୍ଟ ଜୟନ୍ତୀ ଶୋଭାଯାତ୍ରା ଓ ବୈଠକ, ସ୍ଥାନ: ନନ୍ଦପୁର, ସମୟ: ଅପରାହ୍ନ ୨ ଟା।

**ସମ୍ବଲପୁର**
- ସୌନ୍ଦର୍ଯ୍ୟ ସଚେତନତା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ ଉତ୍ସବ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ପିଏମଶ୍ରୀ କେନ୍ଦ୍ରିୟ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ : ବୁର୍ଲାସ୍ଥିତ ଭିସୁଟ ପ୍ରେକ୍ଷାଳୟ, ସମୟ : ଅପରାହ୍ନ ୩ଟା।
- ମାରୱାଡ ମହୋତ୍ସବ-୨୦୨୫ର ପ୍ରସ୍ତୁତି ବୈଠକ, ସ୍ଥାନ : ରେମେଡ ନିକଟସ୍ଥ ଉତ୍ସବ ସ୍ଥଳି, ସମୟ : ଅପରାହ୍ନ ୫ଟା।

**ବଲାଙ୍ଗୀର**
- ରାଜ୍ୟସ୍ତରୀୟ ଫେନସିଂ ପ୍ରଶିକ୍ଷଣ ଶିବିର, ସ୍ଥାନ: ବଲାଙ୍ଗୀରସ୍ଥିତ ଆର୍‌ଏନ୍ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ସମୟ: ସକାଳ ୭ଟା।
- ଓଡ଼ିଶା-ହିମାଚଳ ପ୍ରଦେଶ କୁଚ୍ ବିହାର ଟ୍ରଫି କ୍ରିକେଟ୍‌ର ଚତୁର୍ଥ ଦିବସ, ସ୍ଥାନ: ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମ୍, ସମୟ: ସକାଳ ୯ଟା।
- ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର ୨ର ବାର୍ଷିକ ଉତ୍ସବ, ସ୍ଥାନ: ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର ୨ ପରିସର, ଶାସ୍ତ୍ରୀନଗର, ବଲାଙ୍ଗୀର, ସମୟ: ଅପରାହ୍ନ ୨ଟା।
- ୭ତମ କଣ୍ଟାବାଞ୍ଜି ଲୋକ ମହୋତ୍ସବ, ସ୍ଥାନ: କଣ୍ଟାବାଞ୍ଜି ସରକାରୀ ବାଳକ ହାଇସ୍କୁଲ ପଡିଆ, ସମୟ: ସନ୍ଧ୍ୟା ୭ଟା।

**ରାଉରକେଲା**
- ପୋଲିସ ସ୍ପୋର୍ଟସ ମିଟ୍, ସ୍ଥାନ: ରିଜର୍ଭ ପଡିଆ, ସମୟ: ସକାଳ ୮ଟା ୩୦।
- ହାଇଡ୍ରୋ ୨୦୨୫ ଅନ୍ତର୍ଜାତୀୟ ସମାବେଶ, ସ୍ଥାନ: ଏନ୍‌ଆଇଟି ରାଉରକେଲା ବିବିଏ ପ୍ରେକ୍ଷାଳୟ, ସମୟ: ସକାଳ ୯ଟା।
- ମ୍ୟୁନିସିପାଲ କଲେଜରେ ପାଞ୍ଚଦିବସୀୟ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଶୁଭାରମ୍ଭ, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଅରବିନ୍ଦ ସ୍କୁଲର ବାର୍ଷିକୋତ୍ସବ ଉଦ୍‌ଯାପନୀ ସମାରୋହ, ସ୍ଥାନ: ସେକ୍ଟର-୫, ସମୟ: ପୂର୍ବାହ୍ନ ୧୦ଟା।
- ଏଆଇଏଲୟୁ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୨୧ ରାଉରକେଲା ଆଇନ କଲେଜ, ସମୟ: ପୂର୍ବାହ୍ନ ୧୦ଟା।୩୦।
- ବିପିୟୁଟିରେ ଅନ୍ତର୍ଜାତୀୟ ସମ୍ମିଳନୀ, ସ୍ଥାନ: ଛେଣ୍ଡ ସମୟ: ପୂର୍ବାହ୍ନ ୧୧ଟା।
- ଅଲ୍ ଓଡିଶା କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବାସନ୍ତୀ କଲୋନି, ସମୟ: ପୂର୍ବାହ୍ନ ୧୧ଟା।
- ଅକ୍ଷୟ ମ୍ୟୁଜିକାଲ ନାଇଟ୍, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।
- ସାମ୍ପ୍ରତିକ ଓଡ଼ିଆ ଗଳ୍ପର ଆବେଦନ ଶୀର୍ଷକ ସାହିତ୍ୟ ଆସର, ସ୍ଥାନ: ବାସନ୍ତୀ ପାଠାଗାର, ସମୟ: ସନ୍ଧ୍ୟା ୬ଟା ୩୦।

**ସୁନ୍ଦରଗଡ଼**
- ସୁନ୍ଦରଗଡ଼ ସ୍ୱୟଂଶାସିତ ସରକାରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟନ ସମାରୋହ, ସ୍ଥାନ: ମହାବିଦ୍ୟାଳୟ ଏଲଆର ନାୟାର ଷ୍ଟାଡିୟମ, ସମୟ: ସକାଳ ୮ଟା।
- ସମନ୍ୱିତ ଉନ୍ନତି ଲକ୍ଷ୍ୟ ଏବଂ ଜୈବ ବିବିଧତା ସଂରକ୍ଷଣ ଉପରେ ଦ୍ୱିଦିବସୀୟ ଜାତୀୟ ଆଲୋଚନାଚକ୍ର, ସ୍ଥାନ: ସରକାରୀ ମହିଳା ମହାବିଦ୍ୟାଳୟ, ସୁନ୍ଦରଗଡ଼, ସମୟ : ପୂର୍ବାହ୍ନ ୧୦ଟା।
- ପିଏମଶ୍ରୀ ହରିହର ହାଇସ୍କୁଲର ବାର୍ଷିକ କ୍ରୀଡା,ସ୍ଥାନ: ହରିହର ହାଇସ୍କୁଲ ଖେଳ ପଡିଆ, ସମୟ:ପୂର୍ବାହ୍ନ ୧୦ଟା।

**ବରଗଡ଼**
- ଧନୁଯାତ୍ରା କଳାକାରଙ୍କ ପୂର୍ବାଭ୍ୟାସ, ସ୍ଥାନ: ଗାନ୍ଧୀଛକ, ସମୟ:ପୂର୍ବାହ୍ନ ୧୦ଟା ୩୦।

**କଳାହାଣ୍ଡି**
- ଆଇଟିଡିଏ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସମିତି ପଞ୍ଚମ ସାଧାରଣ ବୈଠକ, ସ୍ଥାନ: ପଞ୍ଚାୟତ ସମିତି ସଭା ଗୃହ, ଥୁଆମୂଳ ରାମପୁର, ସମୟ: ପୂର୍ବାହ୍ନ ୧୦ଟା।
- ନୃତ୍ୟ ସଙ୍ଗମର ତୃତୀୟ ସନ୍ଧ୍ୟା, ସ୍ଥାନ: ଭବାନୀପାଟଣା ସ୍ଥିତ ଲାଲ ବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।

**ବୌଦ୍ଧ**
- ବୌଦ୍ଧ ପୋଲିସର ଭୈରବୀ ସ୍କ୍ୱାଡ୍ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଟାଉନ ହଲ ବୌଦ୍ଧ, ସମୟ: ଅପରାହ୍ନ ୪ଟା।

**ଦେବଗଡ଼**
- ଜିଲା ଷ୍ଟାରିଆ ବାଲ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ଦେବଗଡ଼ ଟାଉନ ହାଇସ୍କୁଲ, ସମୟ: ସକାଳ ୯ଟା।
- ଧାନ ସଂଗ୍ରହର ଶୁଭାରମ୍ଭ, ସ୍ଥାନ: ରିଆମାଲ ବ୍ଲକ ବୁଢାପାଳ ପିଏସିଏସ, ସମୟ : ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ : ଦେବଗଡ ମଠସାହି ମା' କନକ ଦୁର୍ଗା ମନ୍ଦିର, ସମୟ : ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ଜିଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନ ମେଳା, ସ୍ଥାନ: ସୋନପୁର ବ୍ଲକ ସାଗରପାଲି ସ୍ଥିତ ଗଙ୍ଗାଧର ମେହେର ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ବଡ଼ଦେଓ ମହୋତ୍ସବର ଉଦ୍‌ଘାଟନ, ସ୍ଥାନ: କୁଞ୍ଜାପାଲି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ମା' ଖମ୍ଭେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ଟେଭାପଦର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ୨୯ତମ ସର୍ବଭାରତୀୟ ଜୟ ଜଗନ୍ନାଥ ଲୁତୁରପଙ୍କ କ୍ରିକେଟ କପର ବୈଠକ, ସ୍ଥାନ: ଲୁତୁରପଙ୍କ,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଗ୍ରାମ୍ୟ ପରିଚାଳନା କମିଟି ବୈଠକ, ସ୍ଥନ: ଅମରପାଲି, ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।

**ନୂଆପଡ଼ା**
- ଜିଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଥମ ଜୋନସ୍ତରୀୟ ୟୁନିଟ କ୍ରିକେଟ କପ୍‌ର ଚତୁର୍ଥ ଦିବସ, ସ୍ଥାନ: ଖଡ଼ିଆଲ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଦେବାହାଲ ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ୪ର୍ଥ ବିରାଟ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଦ୍ୱିତୀୟ ରଜନୀରେ ଦେବକୀ ବସୁଦେବ ବିବାହ, ସ୍ଥାନ: କୋମନା ବ୍ଲକ ତରବୋଡ ଧନୁଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଲଖନାର ୧୭ତମ ବିରାଟ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ, ଦେବଶ୍ରୀ ନାରଦଙ୍କ ପରାମର୍ଶ କ୍ରମେ ଧନୁଯାତ୍ରା ଅଭିନୀତ, ସ୍ଥାନ: କୋମନା ବ୍ଲକ ଲଖନା ଧନୁଯାତ୍ରା ପଡ଼ିଆ ସମୟ: ସନ୍ଧ୍ୟା ୬ ଟା।

**ଝାରସୁଗୁଡ଼ା**
- ବିପିଏମ୍ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ, ସ୍ଥାନ :ଭଢ଼ଁରଖୋଲ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ୟାଙ୍କ ମାନଙ୍କ ଦ୍ୱାରା ସେଟଲମେଣ୍ଟ କାର୍ଯ୍ୟକ୍ରମ, ସ୍ଥାନ:ଡିଏମଏଫହଲ, ଜିଲାପାଳ କାର୍ଯ୍ୟାଳୟ, ଝାରସୁଗୁଡ଼ା, ସମୟ :ପୂର୍ବାହ୍ନ ୧୧ଟା।
- ମୀରର ଥିଏଟର ଦ୍ୱାରା ପ୍ରେସ ମିଟ, ସ୍ଥାନ: ହୋଟେଲ ରୁଦ୍ରାକ୍ଷ ଇନ, ଝାରସୁଗୁଡ଼ା, ସମୟ: ଅପରାହ୍ନ ୪ଟା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆମ୍ବ ଗଛରେ ଆମ୍ବ ନାହିଁ**
**ଫୋପଡ଼ କାଇଁକି ମାରୁ,**
**ଅଣ୍ଟା ଚାରିପାଖ ପଇସା ନାହିଁ**
**ଆଖି କିଆଁ ଏତେ ଠାରୁ।**

ଆମ୍ବ ଫଳି ନ ଥିବା ବେଳେ ଆମ୍ବଗଛକୁ ଟେକା ଫୋପାଡ଼ିବା ମନା ହେବା ଭଳି ପାଖରେ ପଇସା ନ ଥିଲେ ପ୍ରେମ କରିବାରେ ମଧ୍ୟ ବାରଣ ରହିଥାଏ। ପାଖରେ ଧନ ନ ଥିବା ବ୍ୟକ୍ତିଙ୍କୁ ସାଧାରଣତଃ କେହି ପଚାରି ନ ଥାନ୍ତି କି ତାଙ୍କ ସହ ସମ୍ପର୍କ ରଖିବାକୁ କେହି ଚାହିଁ ନ ଥାନ୍ତି। ପ୍ରେମ ସହ ଅର୍ଥର ସମ୍ପର୍କ ରହିଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଖିରେ ଦେଖି ମୁଆଜା ଚାହେଁ ;**
**ତା'ଠାରୁ ଓଲମା ଅଛି କି କିଏ ?**

ଆଖିରେ ଦେଖିଥିବା କଥା କେବେ ଭୁଲ୍ ହୋଇ ନ ଥାଏ। ଆଖି ଦେଖିଥିବା କଥା ଦୃଢ଼ ପ୍ରମାଣ ହେବା ସହ ଏହାକୁ ସତ ବୋଲି ମାନିନେବାକୁ ସମସ୍ତେ ବାଧହୋଇଥାନ୍ତି। ତେବେ ଏଭଳି ଆଖିଦେଖା କଥାକୁ ଯିଏ ଅବିଶ୍ୱାସ କରି ଆହୁରି ପ୍ରମାଣ ଲୋଡ଼େ ତା' ଠାରୁ ବଳି ମୂର୍ଖ ଆଉ କେହି ଦୁନିଆରେ ନାହାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଯବାନଙ୍କ ଗୁଳିରେ...

ମୃତ ଶରୀର ଜବତକରିବା ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ କରାଯାଇଛି। ତେବେ ଯବାନମାନେ କୋମ୍ବିଂ ଅପରେଶନ ସାରି ଫେରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯିବ ବୋଲି ସୁକ୍ମା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ମା' ସହ ମିଶି...

ଜୟନ୍ତୀ ମିଶି ତାଙ୍କ ମା'ଙ୍କୁ ହତ୍ୟା କରିଛନ୍ତି ବୋଲି କାହ୍ନୁ ଥାନାରେ ଅଭିଯୋଗ କରିବା ପରେ ସକାଳେ ସାଇଣ୍ଟିଫିକ ଟିମ୍ ସହ ସନ୍ଧାନୀ କୁକୁର ଆଣି ପୋଲିସ ଘଟଣାସ୍ଥଳରେ ତଦନ୍ତ କରିଥିଲା। ରକ୍ତ ନମୁନା, ଫିଙ୍ଗରପ୍ରିଣ୍ଟ, ପାଦଚିହ୍ନ ଓ ଅନ୍ୟାନ୍ୟ ପ୍ରମାଣ ସଂଗ୍ରହ କରିଥିଲା। ଘଟଣାସ୍ଥଳରୁ ରକ୍ତଲାଗିଥିବା ଚାଦର, ଘରୋଇ ସାମଗ୍ରୀ ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଜବତ କରିଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ବେଳେ ସରିତା ଓ ଜୟନ୍ତୀଙ୍କୁ ପୋଲିସ ଅଟକ ରଖିଛି। କୁନିଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିବା ସୂଚନା ଦେଇଛି।

### ଜଷ୍ଟିସ୍ ସଙ୍ଗମ କୁମାର...

ଓଡ଼ିଆ ଏମ୍‌ଏ ମଧ୍ୟ ପାସ୍ କରିଥିଲେ। ତେବେ ଲ' କଲେଜ, କଟକରୁ ଏଲ୍‌ଏଲ୍‌ବି ପାସ୍ କରିବା ପରେ ୧୯୮୯ ନଭେମ୍ବର ୨୬ରେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦରେ ଜଣେ ଆଇନଜୀବୀ ଭାବେ ନାମ ପଞ୍ଜୀକରଣ କରିଥିଲେ। ଫୌଜଦାରି ଆଇନଜୀବୀ ଭାବେ ପ୍ରସିଦ୍ଧ ଥିବା ପିତା ଶରତ ଚନ୍ଦ୍ର ସାହୁ ଏବଂ ସର୍ଭିସ ଓ କନ୍‌ଷ୍ଟିଚ୍ୟୁସନାଲ ଲ' ବିଶେଷଜ୍ଞ ଭାବେ ପରିଚିତ ଆଇନଜୀବୀ ଡ. ମନୋରଞ୍ଜନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆଇନ ପ୍ରାକ୍ଟିସ ଆରମ୍ଭ କରିଥିଲେ। ବିଚାରପତି ସାହୁ କ୍ରିମିନାଲ ଲ' ଏବଂ ସର୍ଭିସ ସଂକ୍ରାନ୍ତୀୟ ମାମଲାକୁ ଅଗ୍ରାଧିକାର ଦେଇ ନିଜର ଆଇନଜୀବୀ ଜୀବନ ଆରମ୍ଭ କରିଥିଲେ। ଜଣେ ଦକ୍ଷ ଆଇନଜୀବୀ ଭାବେ ଓଡ଼ିଶାର ବିଭିନ୍ନ ଜିଲା କୋର୍ଟ ସମେତ ହାଇକୋର୍ଟ, କଞ୍ଜ୍ୟୁମର ଫୋରମ, ସ୍ୟାଟ ଏବଂ କ୍ୟାଟ୍‌ରେ ବହୁ ମାମଲାର ପରିଚାଳନାରେ ସିଦ୍ଧହସ୍ତ। ସେ ୨୦୧୪ ଜୁଲାଇ ୨ରେ ଓଡ଼ିଶା ହାଇକୋର୍ଟ ବିଚାରପତି ଭାବେ ନିଯୁକ୍ତି ପାଇ କାର୍ଯ୍ୟ କରିଆସୁଥିଲେ।

### ବିରୋଧ ପରେ...

ସରକାରୀ ମୁଖ୍ୟ ସଚେତକ, ଉପ ମୁଖ୍ୟସଚେତକ, ବାଚସ୍ପତି ଏବଂ ମୁଖ୍ୟମନ୍ତ୍ରୀଙ୍କ ଦରମା ଓ ଭତ୍ତା ଆହୁରି ଅଧିକ ଦେବା ଲାଗି ସ୍ଥିର କରାଯାଇଛି। ଏନେଇ ଓଡ଼ିଶା ବିଧାନସଭା ସଦସ୍ୟଙ୍କ ଦରମା, ଭତ୍ତା ଓ ପେନ୍‌ସନ ସଂଶୋଧନ ବିଲ୍ ୨୦୨୫, ଓଡିଶା ମନ୍ତ୍ରୀଙ୍କ ଦରମା ଓ ଭତ୍ତା ସଂଶୋଧନ ବିଲ୍-୨୦୨୫ ଏବଂ ଓଡିଶା ବାଚସ୍ପତି ଓ ଉପବାଚସ୍ପତିଙ୍କ ଦରମା ଭତ୍ତା ସଂଶୋଧନ ବିଲ୍-୨୦୨୫କୁ ଗୃହରେ ପାରିତ କରାଯାଇଥିଲା, ଯାହାକୁ ସବୁଦଳର ସଦସ୍ୟମାନେ ମଧ୍ୟ ସମ୍ମତି ଜଣାଇଥିଲେ।

ସୂଚନା ମୁତାବକ, ଗୃହରେ ଏ ସମ୍ବନ୍ଧିତ ବିଲ୍ ପାରିତ ହେବାପରେ ତାହା ବାଚସ୍ପତି ଆଇନ ବିଭାଗକୁ ପଠାଇ ଥାଆନ୍ତେ। ସେଠାରୁ ମୁଖ୍ୟ ଶାସନ ସଚିବଙ୍କ ଜରିଆରେ ସଂସଦୀୟ ବ୍ୟାପାର ବିଭାଗ ଏବଂ ଏହାପରେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଆସିବାପରେ ତାହା ରାଜ୍ୟପାଳଙ୍କ ଅନୁମୋଦନ ଲାଗି ପଠାଯାଇଥାନ୍ତା। ରାଜ୍ୟପାଳ ଏହାକୁ ଅନୁମୋଦନ କରିବା ପରେ ତାହା ଆଇନରେ ପରିଣତ ହୋଇଥାଆନ୍ତା। ଏହାପରେ ଗୃହରେ ପାରିତ ହୋଇଥିବା ବିଲ୍ ମୁତାବକ ଜୁନ୍ ୨୦୨୪ରୁ ପିଛିଲା ଭାବେ ଏହି ବର୍ଦ୍ଧିତ ଦରମା ଲାଗୁ ହେବାକୁ ନିଷ୍ପତ୍ତି ହୋଇଥିଲା। ଏବେ ଭାଜପା ବିଧାୟକମାନଙ୍କ ଦରଖାସ୍ତ ପରେ ସରକାର କେଉଁ ନିଷ୍ପତ୍ତି ନେବେ ତାହା ଯଦିଓ ସ୍ପଷ୍ଟ ହୋଇ ନାହିଁ ତଥାପି ବର୍ଦ୍ଧିତ ଦରମା ସମ୍ପର୍କିତ ବିଲ୍ ପୁଣିଥରେ ଆସନ୍ତା ବିଧାନସଭା ଅଧିବେଶନରେ ସଂଶୋଧନ ହେବା ନେଇ ବିଶେଷ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଏକାଥରକେ ବିଧାୟକମାନଙ୍କ ଦରମା ପାଖାପାଖି ୩ ଗୁଣା ବୃଦ୍ଧି ପାଇବା ବିଷୟକୁ ସବୁଆଡୁ ନାପସନ୍ଦ କରାଯିବା ପରେ ସରକାର ତାଙ୍କ ନିଷ୍ପତ୍ତି ବଦଳାଇବାକୁ ଯାଉଥିବା ଶୁଣିବାକୁ ମିଳିଛି। କିଛିଦିନ ତଳେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ତାଙ୍କ ବର୍ଦ୍ଧିତ ଦରମା ଗରିବମାନଙ୍କ କଲ୍ୟାଣରେ ଲଗାଇଦେବା ପାଇଁ ପତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ।

ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ସରକାର ଏ ସମ୍ବନ୍ଧରେ ନିଜେ ବିଲ୍ ଆଣିଥିଲେ ସେମାନେ ଚାହିଁଲେ ପୁଣିଥରେ ତାକୁ ପ୍ରତ୍ୟାହାର କରିନେବେ। ଲାଗୁଛି ସରକାର ଯେମିତି ଗୋଟେ ନାଟକବାଜି କରୁଛନ୍ତି ବୋଲି ପ୍ରସନ୍ନ କହିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ସରକାର ବିଲ୍ ଆଣିଥିଲେ ଯଦି ସେମାନେ ପରିବର୍ତ୍ତନ କରିବାକୁ ଚାହିଁବେ କରିପାରିବେ। ଲୋକମାନଙ୍କ ଅସନ୍ତୋଷ ପରେ ସରକାର ଡରି ବାଧହେଇ ଏଭଳି ନିଷ୍ପତ୍ତି ପରିବର୍ତ୍ତନ କରୁଥିବା କାଡାମ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ସହକର୍ମୀଙ୍କୁ ସୁପରାମର୍ଶ ଓ ପ୍ରେରଣା ଦେଇ ପ୍ରଶଂସିତ ହେବେ। ପ୍ରତ୍ୟାବର୍ତ୍ତନ ପଥରେ ଦୀର୍ଘ ସମୟ ଅପେକ୍ଷାନ୍ତେ ବନ୍ଧୁଙ୍କୁ ଭେଟିପାରନ୍ତି। ସାଧାରଣ କଥାକୁ ନେଇ ପାରିବାରିକ ଅସହଯୋଗରୁ ଶେଷ ପର୍ଯ୍ୟାୟରେ କାମଗୁଡିକ ଅଟକିଯାଇପାରେ। ଋଣ ପରିଶୋଧଜନିତ କରଜଦାତାଙ୍କ ଚାପ ମାନସିକ ସ୍ଥିରତା ଭଗ୍ନ କରିପାରେ।

**ବୃଷ**
ଆଜି ମାନସିକ ସ୍ୱାସ୍ଥ୍ୟ କେତେକାଂଶରେ ଭଲ ରହି ନ ପାରେ। ଅଭାବ ନ ଥିଲେ ମଧ୍ୟ ଆବଶ୍ୟକତା ପୂରଣ କ୍ଷେତ୍ରରେ ପଛେଇ ଯାଇପାରନ୍ତି। କର୍ମକ୍ଷେତ୍ରରେ ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡିବାର ସୂଚନା ରହିଛି। ଦୂରଦର୍ଶିତା ଅଭାବରୁ ପଡୋଶୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି।

**ମିଥୁନ**
ଅଟକି ରହିଥିବା କାମଟିକୁ ବନ୍ଧୁଙ୍କ ସହାୟତାରେ ସମ୍ପନ୍ନ କରିବେ। ସରକାରୀ ସ୍ତରରୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ବନ୍ଧୁଙ୍କ ଜରିଆରେ ପାଇପାରନ୍ତି। ଭଲ ସମ୍ପର୍କ ରହିଥିବା ପଡୋଶୀଟି ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇ ଶେଷରେ ନାସ୍ତିବାଣୀ ଶୁଣାଇବେ। କର୍ମକ୍ଷେତ୍ରରେ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡିବ।

**କର୍କଟ**
ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ମରୀଚିକା ପଛରେ ଦୌଡି ପରିଶେଷରେ ଅନୁତାପ କରିପାରନ୍ତି। ବନ୍ଧୁଗହଣରେ ବାକ୍ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ଆଶା ଓ ଆଶଙ୍କାରେ ବ୍ୟବସାୟକୁ ସଙ୍କୁଚିତ କରିନେଇପାରନ୍ତି। ଶିଳ୍ପ, ବାଣିଜ୍ୟ,ପରିବହନ ଏବଂ କଳାସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ସିଂହ**
ନିକଟ ଅତୀତରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ସମ୍ଭାଳି ନେବାପାଇଁ ବନ୍ଧୁଙ୍କ ସାହାଯ୍ୟ ନେବାକୁ ପଡିବ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ପରିବାରର ବ୍ୟୟ ବୃଦ୍ଧି ଯୋଗୁ ବ୍ୟସ୍ତତା ବୃଦ୍ଧି ପାଇବ। ସ୍ତ୍ରୀ/ସ୍ୱାମୀଙ୍କ ସୁପରାମର୍ଶ ଅସଜଡା ପରିସ୍ଥିତିକୁ ସଜାଡିବାରେ ସାହାଯ୍ୟ କରିବ।

**କନ୍ୟା**
ବନ୍ଧୁଙ୍କ ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ଆଲୋଚନା କାଳରେ ମତପାର୍ଥକ୍ୟ ଦେଖାଦେବ। ଅବହେଳା କାରଣରୁ କର୍ମକ୍ଷେତ୍ରରେ ସୁଯୋଗ ହରାଇ ବ୍ୟଥିତ ହୋଇପାରନ୍ତି। ପୁରାତନ ରୋଗର ପୀଡା ଅନୁଭବ କରିବେ। ସାହିତ୍ୟ, ନୃତ୍ୟସଙ୍ଗୀତ କ୍ଷେତ୍ରରୁ ପ୍ରଶଂସିତ ହେବା ସହ ସାମାଜିକ ସ୍ତରରେ ଆଦରଣୀୟ ରହିବେ।

**ତୁଳା**
ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଆପଣଙ୍କ କାର୍ଯ୍ୟଦକ୍ଷତା ହେତୁ ସାମାଜିକ ସ୍ତରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ଜିଦ୍‌ଖୋରପ୍ରବୃତ୍ତି ତ୍ୟାଗ କଲେ କେତେକାଂଶରେ ଉପକୃତ ହୋଇପାରନ୍ତି। ପ୍ରତ୍ୟୁଷ ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ।

**ବିଛା**
ସାଧାରଣ କଥାକୁ କେନ୍ଦ୍ରକରି ମନରେ ବିରକ୍ତିଭାବ ସୃଷ୍ଟି ହେବାର ସୂଚନା ରହିଛି। ସଭାସମିତିରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇପାରିବ। ପାରିବାରିକ ସମସ୍ୟାର ସରଳ ସମାଧାନ କରିବାରେ ପଡୋଶୀଙ୍କ ଅବଦାନ ସ୍ମରଣୀୟ ରହିବ। ଗତକାଲି ଠାରୁ ଭାବୁଥିବା କାମଟିକୁ ଆଜି ଶେଷ କରିପାରବେନାହିଁ।

**ଧନୁ**
ଶାରୀରିକ ଅସୁସ୍ଥି ଅନୁଭବ କରିବା ସହ ପ୍ରିୟଜନଙ୍କ ସହ ସମ୍ପର୍କହାନି ଯୋଗୁ ଚିନ୍ତିତ ହେବେ। ଭୁଲ୍ ବୁଝାମଣା ହେତୁ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବା ସଙ୍ଗେ ସଙ୍ଗେ ଲକ୍ଷ୍ୟ ପୂରଣ ହୋଇଯିବ। ବିବାଦୀୟ ପରିସ୍ଥିତିରେ ଘଟଣାର ଗୁରୁତ୍ୱ ନ ବୁଝି ଅଯଥା କ୍ରୋଧ ପ୍ରକାଶ କରିପାରନ୍ତି।

**ମକର**
ବନ୍ଧୁଙ୍କ ଆନ୍ତରିକତାର ସହ ପରାମର୍ଶକୁ ନିର୍ବିବାଦରେ ଗ୍ରହଣ କରିନେଲେ ଉପକୃତ ହେବେ। ଉପରିସ୍ଥଙ୍କ ସାହାଯ୍ୟ ଲାଭକରି ସ୍ଥଗିତ କାମକୁ ପୂରା ଦମରେ କରିବାପାଇଁ ନିଷ୍ପତ୍ତି ନେଇପାରନ୍ତି। ପାରିବାରିକ ସ୍ତରରେ ନୀରବଦ୍ରଷ୍ଟା ଭଳି କାମ କରି ସମସ୍ୟା ସମାଧାନ କରିପାରିବେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ହିତକର ହେବ।

**କୁମ୍ଭ**
ସରଳ ଭାବରେ କୌଣସି କଥାକୁ ଗ୍ରହଣ କରିନେବା ଠିକ୍ ହେବନାହିଁ। ପ୍ରଶାସନିକ ସ୍ତରରେ ବାଦବିବାଦ କ୍ରମେ ଜଟିଳ ହେବ, କିନ୍ତୁ ଆପଣ ଅବଶ୍ୟ ସଫଳତା ହାସଲ କରିବେ। ବ୍ୟବସାୟରେ ଉନ୍ନତି କରିବା ସହ ବନ୍ଧୁ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବ। ପାରିବାରିକ ସ୍ଥିତିରେ ସାମାନ୍ୟ ଉନ୍ନତିର ଆଶା କରାଯାଇପାରେ।

**ମୀନ**
ଆଜିର ଯାତ୍ରାରେ ଲକ୍ଷ୍ୟ ପୂରଣ ହେବାରେ ଜଣେ ଅଜଣା ବ୍ୟକ୍ତିଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ଆଜି ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ପାରିବାରିକ ଅଶାନ୍ତି ପରିପ୍ରେକ୍ଷୀରେ ଗୁରୁଜନଙ୍କ ସାନ୍ତ୍ୱନାବାଣୀ ମନରେ ଆଶ୍ୱସ୍ତି ଭରିପାରେ।

ଆଜି ଡିସେମ୍ବର ୧୯ ତାରିଖ, ପୌଷ ମାସର ବକୁଳ ଅମାବାସ୍ୟା ଶୁକ୍ରବାର, ଗୃହୀଣାଂ ଏବଂ ଶ୍ରୀମନ୍ଦିରରେ ବକୁଳ ଲାଗି, ଯଜ୍ଞବରାହ ଜନ୍ମ, ବିରଜାକ୍ଷେତ୍ରରେ ବରାହ ମହାପ୍ରଭୁଙ୍କର ୭ ଦିନବ୍ୟାପୀ ଜନ୍ମୋତ୍ସବ ପାଳନ, କବିଚନ୍ଦ୍ର କାଳୀଚରଣଙ୍କ ଜୟନ୍ତୀ। ରାଶିନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମେଷ, ସକାଳ ୦୬।୧୯ ଗତେ, ଘ.୦୭।୦୨ ମଧ୍ୟେ, ଘ.୦୭।୪୫ ଗତେ, ଘ.୦୯।୦୧ ମଧ୍ୟେ ଶୁଭ ବେଳା। ଦିବା ଘ.୧୦।୨୨ ଗତେ, ଘ.୧୧।୪୩ ମଧ୍ୟେ ରାହୁ କାଳ।

# ଇଂଲିଶ୍ ନୂଆବର୍ଷ କ୍ୟାଲେଣ୍ଡର ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୮।୧୨ (ସୁନିତ୍ ମିଶ୍ର)

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୨୦୨୬ ଇଂରାଜୀ ନୂଆ ବର୍ଷ ଅବସରରେ ମହାପ୍ରଭୁଙ୍କ ଫଟୋଚିତ୍ର ଥାଇ କ୍ୟାଲେଣ୍ଡର ପ୍ରକାଶ ପାଇଛି। କ୍ୟାଲେଣ୍ଡରଗୁଡିକର ପ୍ରଥମ କପିକୁ ଧନୁ ସଂକ୍ରାନ୍ତି ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଲାଗି ହୋଇଛି। ଏହି ଦେବାର୍ପଣ ପରେ ଗୁରୁବାର ଉଭୟ ଡେକ୍ସ ଏବଂ ୱାଲରେ ଲାଗିବା ପାଇଁ ପ୍ରସ୍ତୁତ କ୍ୟାଲେଣ୍ଡରକୁ ବିଧିବଦ୍ଧ ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉନ୍ମୋଚନ କରିଛନ୍ତି। ଉଭୟ କ୍ୟାଲେଣ୍ଡରରେ ବାଲୁକାକଳା, ପଟ୍ଟଚିତ୍ର, ତାଳପତ୍ର ଖୋଦେଇ ଚିତ୍ର ମାଧ୍ୟମରେ ମହାପ୍ରଭୁଙ୍କ ବିଭିନ୍ନ ବେଶ ଓ ରଥଯାତ୍ରା ସମ୍ବନ୍ଧୀୟ ଭବ୍ୟ ଚିତ୍ରଗୁଡ଼ିକ ଉପସ୍ଥାପନ କରାଯାଇଛି। ଆସନ୍ତା ୨ରୁ ୩ ଦିନ ପରେ ପୁରୀ ଏବଂ ଭୁବନେଶ୍ୱରସ୍ଥିତ ଶ୍ରୀମନ୍ଦିର ସୂଚନା କେନ୍ଦ୍ରଗୁଡିକରେ ଉକ୍ତ କ୍ୟାଲେଣ୍ଡର ଶ୍ରଦ୍ଧାଳୁମାନଙ୍କୁ ବିକ୍ରୟ ନିମନ୍ତେ ଉପଲବ୍ଧ ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିର ପ୍ରଶାସନର ସ୍ୱତନ୍ତ୍ର ଡାଏରୀ ମଧ୍ୟ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ପବିତ୍ର ମୋହନ ସାମଲ, ପୁରୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂହ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ ଏବଂ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଶେଷ ହେବ 'ଇନ୍ସପେକ୍ଟର ରାଜ୍'

## ନୀତି ଆୟୋଗଙ୍କ ମାର୍ଗଦର୍ଶିକା ଅନୁସରଣ ପାଇଁ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୮।୧୨ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ, ଯୋଜନା ଏବଂ କାର୍ଯ୍ୟକ୍ରମ ଅନେକ ସମୟରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ ହୋଇପାରୁନାହିଁ। ଫଳରେ ଏହାର ସୁଫଳ ଲୋକଙ୍କ ପାଖରେ ବିଳମ୍ବରେ ପହଞ୍ଚୁଛି। ଏନେଇ ସମୀକ୍ଷା ବେଳେ ଗୋଟିଏ କଥା ଆସୁଛି, ଏହା ତଦାରଖ ପ୍ରକ୍ରିୟା ଭିତରେ ରହିଛି। ଫଳରେ ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରୁନାହିଁ। ଆଗାମୀ ଦିନରେ ଏସବୁକୁ ଆଉ ବରଦାସ୍ତ କରାଯିବ ନାହିଁ, 'ଇନ୍ସପେକ୍ଟର ରାଜ୍' ଶେଷ ହେବ। ଏଣିକି ନୀତି ଆୟୋଗର ମାର୍ଗଦର୍ଶିକା ଅନୁଯାୟୀ କାମ କରିବାକୁ ପଡ଼ିବ ବୋଲି ମୁଖ୍ୟଶାସନ ସଚିବ ମନୋଜ ଆହୁଜା ସଚିବମାନଙ୍କୁ କହିଛନ୍ତି।

ଚଳିତମାସ ୩ରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକ ଅବସରରେ ମୁଖ୍ୟଶାସନ ସଚିବ କହିଛନ୍ତି, ନୀତି ଆୟୋଗଙ୍କ ରିପୋର୍ଟ ଅନୁଯାୟୀ, ବିଭାଗମାନଙ୍କୁ ଏକ ନିୟମାବଳୀ(ପ୍ରିନ୍ସିପଲ୍ ଫ୍ରେମୱାର୍କ) ପ୍ରଦାନ କରାଯିବ। ସମ୍ପୃକ୍ତ ବିଭାଗଗୁଡ଼ିକ ଚାଲିଥିବା ବିଭିନ୍ନ ପ୍ରକଳ୍ପ ଓ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ 'କମ୍ପ୍ଲାୟାନ୍ସ' ରିପୋର୍ଟ ପ୍ରସ୍ତୁତ କରିବେ। ଦୁଇ ମାସ ମଧ୍ୟରେ ସମସ୍ତ କମ୍ପ୍ଲାୟନ୍ସ ରିପୋର୍ଟ ନିୟମିତ ଭାବେ ତଦାରଖ କରାଯାଇ ସେଗୁଡ଼ିକୁ ପର୍ଯ୍ୟାୟକ୍ରମେ ଶେଷ କରାଯାଇପାରିବ ବୋଲି ମୁଖ୍ୟସଚିବ କହିଛନ୍ତି।

ବୈଠକର ସୂଚନା ଅନୁଯାୟୀ, ବିଭାଗମାନଙ୍କ ଦ୍ୱାରା ସରକାରୀ କାର୍ଯ୍ୟାଳୟ ତଥା ସମ୍ପତ୍ତିଗୁଡ଼ିକର ଜିଓ-ରେଫରେନ୍ସ ସହିତ ଡିଜିଟାଲ କୋଡିଂ କରି ନିରୀକ୍ଷଣ କରାଯିବ। ସରକାରଙ୍କ ସମସ୍ତ ସମ୍ପତ୍ତି (ବିଭିନ୍ନ ଭବନ, ଭିତ୍ତିଭୂମି ତଥା କୋଠାବାଡ଼ି ଇତ୍ୟାଦି)କୁ ଏକ ସ୍ୱତନ୍ତ୍ର କୋଡ୍ ପ୍ରଦାନ କରାଯିବ। ଏହି ସମ୍ପତ୍ତି କୋଡ୍‌ଗୁଡ଼ିକୁ ପ୍ରକଳ୍ପ ପରିଚାଳନା ସଫ୍ଟୱେର ଏବଂ ଆର୍ଥିକ ବ୍ୟବସ୍ଥା ସହିତ ସଂଯୋଜନ କରାଯିବ। ଜିଆଇଏସ୍ ମ୍ୟାପରେ ଏକ ସାର୍ବଜନୀନ ଇଣ୍ଟରଫେସ୍ ଉପଲବ୍ଧ ରହିବ, ଯାହା ମାଧ୍ୟମରେ ସାଧାରଣ ଲୋକେ ନିଜ ଅଞ୍ଚଳର ପ୍ରକଳ୍ପଗୁଡ଼ିକୁ ଦେଖିପାରିବେ। ଏଥିରେ ପ୍ରକଳ୍ପରେ ଖର୍ଚ୍ଚ ହେବାକୁ ଥିବା ଅର୍ଥ ସହିତ ଠିକାଦାର ଏବଂ ପ୍ରକଳ୍ପର ଅଗ୍ରଗତି ସମ୍ପର୍କିତ ଫଟୋ ଇତ୍ୟାଦି ରହିବ। ସମସ୍ତ ବିଭାଗ ନିଜ ନିଜ ପ୍ରକଳ୍ପଗୁଡ଼ିକୁ 'ଓମୀସ୍' ପ୍ଲାଟଫର୍ମରେ ଅନ୍ତର୍ଭୁକ୍ତ କରିବା ଲାଗି ମୁଖ୍ୟସଚିବ ପରାମର୍ଶ ଦେଇଛନ୍ତି।

ମୁଖ୍ୟସଚିବ କହିଛନ୍ତି, ସମସ୍ତ ନୂତନ ପ୍ରକଳ୍ପଗୁଡ଼ିକର ସମ୍ପୂର୍ଣ୍ଣ ବ୍ୟବସ୍ଥା ସମୀକ୍ଷା ଗତିଶକ୍ତି ପ୍ଲାଟ୍‌ଫର୍ମରେ ଅପଲୋଡ୍ କରାଯିବା ବାଧ୍ୟତାମୂଳକ। ଗତିଶକ୍ତି ପ୍ଲାଟଫର୍ମ ସୁଚାରୁ ରୂପେ କାର୍ଯ୍ୟାନ୍ୱୟନ ପାଇଁ ଆଉ ୨-୩ ମାସ ଲାଗିବ। ଏହାପରେ ବିଭାଗରେ ଏକ ସ୍ୱତନ୍ତ୍ର ସେଲ୍ ସ୍ଥାପନ କରାଯିବ। ଉକ୍ତ ସେଲ୍ ପ୍ରକଳ୍ପ ସମ୍ପର୍କରେ ଟିକିନିଖି ଅନୁଧ୍ୟାନ କରିବା ସହିତ ରିପୋର୍ଟ ପ୍ରଦାନ କରିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

# ୩.୯ ଡିଗ୍ରୀରେ ସେମିଳିଗୁଡ଼ା

ଭୁବନେଶ୍ୱର,୧୮।୧୨(ବନ୍ଦନା ସେଠୀ)

ରାଜ୍ୟରେ ଶୀତ ଲହରି ଜାରି ରହିଥିବାବେଳେ ପାରଦ ପୁଣି ତଳମୁହାଁ ହୋଇଛି। ଫଳରେ ଥଣ୍ଡା ସାଙ୍ଗକୁ ଘନ କୁହୁଡ଼ି ଜୀବନଯାତ୍ରାକୁ ଅସ୍ତବ୍ୟସ୍ତ କରୁଛି। ୯ ସ୍ଥାନରେ ତାପମାତ୍ରା ୧୦ଡିଗ୍ରୀ ତଳେ ରହିଥିବାବେଳେ କୋରାପୁଟର ସେମିଳିଗୁଡ଼ାରେ ସର୍ବନିମ୍ନ ତାପମାତ୍ରା ୩.୯ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଜି.ଉଦୟଗିରିରେ ୫ ଡିଗ୍ରୀ, କୋରାପୁଟ ୬.୪, ଫୁଲବାଣୀ ୭.୫, ଦାରିଙ୍ଗବାଡ଼ି ୮, ଝାରସୁଗୁଡ଼ା ୮.୨, ଚିପିଲିମା ୮.୪, କିରେଇ ଏବଂ ବୌଦ୍ଧରେ ୯.୩ ଡିଗ୍ରୀ ତାପମାତ୍ରା ରହିଥିଲା। ଅନ୍ୟପକ୍ଷରେ ଆଭ୍ୟନ୍ତରୀଣ ସୁନ୍ଦରଗଡ଼ ଏବଂ କନ୍ଧମାଳ ଜିଲାର କିଛି ସ୍ଥାନରେ ଘନ କୁହୁଡ଼ି ପଡ଼ିଛି। ତେବେ ଆଗାମୀ ଦିନରେ ମଧ୍ୟ ପ୍ରବଳ ଥଣ୍ଡା ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ୨ଦିନ ପାଇଁ ସୁନ୍ଦରଗଡ଼, କନ୍ଧମାଳ, ସମ୍ବଲପୁର, କଳାହାଣ୍ଡି ଏବଂ ଝାରସୁଗୁଡ଼ା ଜିଲାରେ ଘନ କୁହୁଡ଼ି ନେଇ ସତର୍କ ସୂଚନା ଜାରି କରାଯାଇଛି। ସେହିପରି ଶୁକ୍ରବାର ସୁନ୍ଦରଗଡ଼ ଏବଂ କନ୍ଧମାଳ ଜିଲାରେ ପ୍ରବଳ ଥଣ୍ଡା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଦିଆଯାଇଛି।







ତୁମେ କୌଣସି ଗୁଣ ବା ଦୋଷର ଅଧୀନସ୍ଥ ହୋଇ ରହିବା ଉଚିତ ନୁହଁ। ଯେ ପର୍ଯ୍ୟନ୍ତ ତୁମେ କୌଣସି ସଦ୍‌ଗୁଣ ପାଇଁ ଆତୁରତା ଦେଖାଉ ଥିବ– ସେ ପର୍ଯ୍ୟନ୍ତ ତା'ର ବିପରୀତ ବଦ୍‌ଗୁଣଟିଏ ତୁମ ଭିତରେ କେଉଁଠି ଚେକାମାଡି ବସିଥିବ। –ଶ୍ରୀମା

-ବକୁଳ ଅମାବାସ୍ୟା,
ଚନ୍ଦ୍ରକ୍ଷୟ, ମହାପୁରୁଷ
ବୁଦ୍ଧନାଥ ଦାସଙ୍କ ଜନ୍ମୋତ୍ସବ



# ଅସୁରକ୍ଷିତ ସ୍କୁଲପିଲା



ଗର୍ଡନ ବ୍ରାଉନ

ଚଳିତବର୍ଷ ନଭେମ୍ବରରେ ନାଇଜେରିଆର ବିଭିନ୍ନ ସ୍କୁଲରୁ ଅନେକ ଶହ ପିଲାଙ୍କୁ ଅପହରଣ କରାଯାଇଥିଲା। ସେହିମାନେ ଏବେ ବନ୍ଦୀ କିମ୍ବା ନିଖୋଜ। ତେବେ ନିକଟରେ ୧୦୦ ଛାତ୍ରଙ୍କୁ ଉଦ୍ଧାର କରାଯିବା ପରେ ସାମାନ୍ୟ ବିଶ୍ୱାସ ସୃଷ୍ଟି ହୋଇଛି। ଉତ୍ତର ଏବଂ କେନ୍ଦ୍ର ନାଇଜେରିଆର ଅନେକ ଅଞ୍ଚଳରେ ସ୍କୁଲଗୁଡ଼ିକରେ ପିଲାଙ୍କ ଉପସ୍ଥାନ କମିଛି। ଅପହରଣ ଯୋଗୁ ସ୍କୁଲ ବନ୍ଦ ରହିବା କିମ୍ବା ଭୟରେ ଅଭିଭାବକମାନେ ପିଲାଙ୍କୁ ଘରେ ରଖିବା ଯୋଗୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା କୁହାଯାଇପାରେ। କିନ୍ତୁ ୨୦୨୪ରେ ପ୍ରକାଶ ପାଇଥିବା ୟୁନିସେଫ୍‌ର ମିନିମମ୍ ଷ୍ଟାଣ୍ଡାର୍ଡସ୍ ଫର୍ ସେଫ୍ ସ୍କୁଲ୍ସ ମନିଟରିଂ ରିପୋର୍ଟରୁ ଜଣାପଡ଼ିଛି, ନାଇଜେରିଆର ୧୦ଟି ଜିଲାରେ ଯାଞ୍ଚ କରାଯାଇଥିବା ୧୭% ସ୍କୁଲ ମୂଳ ମାନଦଣ୍ଡର ଅତିକମ୍‌ରେ ୭୦% ପାଳନ କରିଥିଲେ। ଜାନୁଆରୀ ମଧ୍ୟଭାଗରୁ ଆରମ୍ଭ ହେବାକୁ ଯାଉଥିବା ପରବର୍ତ୍ତୀ ସ୍କୁଲ ସେଶନ ପୂର୍ବରୁ ଏହି ସ୍ଥିତିକୁ ସୁଧାରିବା ଉଚିତ। ସେ ପର୍ଯ୍ୟନ୍ତ, ସ୍କୁଲର ସୁରକ୍ଷା ସମ୍ପର୍କିତ ଅନେକ ପ୍ରସ୍ତାବ ନାଇଜେରିଆ ସରକାର ଏବଂ ପାଣ୍ଠି ଯୋଗାଉଥିବା ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକ ସମ୍ମୁଖରେ ଉପସ୍ଥାପନ କରାଯାଇଛି। ତୃଣମୂଳ ସ୍ତରରେ କାର୍ଯ୍ୟକରୁଥିବା ୟୁନିସେଫ୍‌ର ଟିମ୍, ସେଫ୍ ସ୍କୁଲ୍ସ ଇନିସିଏଟିଭ(ଏସ୍‌ଏସ୍‌ଆଇ)କୁ ପାଣ୍ଠି ଯୋଗାଉଥିବା ବିଜ୍‌ନେସ୍ ଲିଡର୍ସ ଏବଂ ସ୍ଥାନୀୟ ତଥା ଜାତୀୟ ପ୍ରଶାସକଙ୍କ ପାଇଁ ଏହା ପ୍ରସ୍ତୁତ କରାଯାଇଛି।

ନାଇଜେରିଆର ଶିକ୍ଷା ବ୍ୟବସ୍ଥା ପିଲାଙ୍କ କମ୍ ଉପସ୍ଥାନଜନିତ ସମସ୍ୟାକୁ ସାମ୍ନା କରୁଛି। କିନ୍ତୁ ପିଲାଙ୍କ ଅପହରଣ ବ୍ୟବସ୍ଥାରେ ଏକ ଗମ୍ଭୀର ସମସ୍ୟା, ଯାହା ଏବେ ସାଧାରଣ ଘଟଣା ପାଲଟିଗଲାଣି। ଏମ୍‌ଆଇସିଏସ୍– ଇଗଲ ନାଇଜେରିଆ ଏଜୁକେଶନ ଫ୍ୟାକ୍ଟ ଶିଟ୍, ୨୦୨୩ ଅନୁଯାୟୀ, ଉତ୍ତରପଶ୍ଚିମ ନାଇଜେରିଆର ରାଜ୍ୟ କେବିରେ ୬୭% ବାଳିକା ଓ ୬୨% ବାଳକ ପ୍ରାଥମିକ ସ୍କୁଲରେ ନାମ ଲେଖାଇନାହାନ୍ତି। ଉଲ୍ଲେଖନୀୟ, ଏହି ରାଜ୍ୟରେ ୨୦୨୩ରେ ୨୫ଛାତ୍ରଙ୍କୁ ଅପହରଣ କରାଯାଇଥିଲା। ମାଧ୍ୟମିକ ସ୍କୁଲଗୁଡ଼ିକରେ ମଧ୍ୟ ସମାନ ପ୍ରତିଶତ ପିଲା ପଢ଼ିବାକୁ ଯାଉ ନାହାନ୍ତି। ପ୍ରାଥମିକ ସ୍କୁଲରେ ନାମ ଲେଖାଇବା ଯୋଗ୍ୟ ବହୁ ହଜାର ପିଲାଙ୍କ ମଧ୍ୟରୁ ଅନେକେ ସ୍କୁଲକୁ ଯାଉ ନାହାନ୍ତି। ବରଂ ସେମାନେ ଇସ୍‌ଲାମିୟା ସ୍କୁଲଗୁଡ଼ିକରେ ଅନୌପଚାରିକ ଇସ୍‌ଲାମୀୟ ଶିକ୍ଷା ଗ୍ରହଣ କରୁଛନ୍ତି। କେବିର ୩ ଏବଂ ୪ ବର୍ଷ ବୟସର ପିଲାଙ୍କ ମଧ୍ୟରୁ କେବଳ ୪% ପ୍ରାରମ୍ଭିକ ଶିଶୁ ଶିକ୍ଷା ପାଉଥିବାବେଳେ ଅନ୍ୟ ଉତ୍ତରପଶ୍ଚିମ ରାଜ୍ୟଗୁଡ଼ିକ ଯଥା କାଟସିନାରେ ଏହା ୧୦%, ଜିଗାୱାରେ ୧୬%ଏବଂ କଡୁନାରେ ୩୨%।

ଅନେକ ବର୍ଷ ଧରି ଜାତୀୟ ଓ ରାଜ୍ୟଗୁଡ଼ିକର ଶିକ୍ଷା ମନ୍ତ୍ରଣାଳୟ ଏବଂ ନ୍ୟାଶ୍‌ନାଲ ସେଫ୍ ସ୍କୁଲ୍ସ ରେସ୍‌ପନ୍ସ କୋର୍ଡିନେଶନ ସେଣ୍ଟର୍ ଉଲ୍ଲେଖନୀୟ ପଦକ୍ଷେପ



ନେଇଛନ୍ତି। ଏମାନେ ସ୍ଥାନୀୟ ଓ ଅନ୍ତର୍ଜାତୀୟ ଅଂଶୀଦାରଙ୍କ ସହଯୋଗରେ ଆତଙ୍କବାଦୀ ସମେତ ଡକାୟତ ଗୋଷ୍ଠୀ(ଏବେ ପିଲାଙ୍କୁ ଅପହରଣ କରି ତା'ବଦଳରେ ଅର୍ଥ ଦାବି କରୁଛନ୍ତି)ଙ୍କୁ ପ୍ରତିରୋଧ କରିବା ସକାଶେ ସ୍କୁଲ ଓ ସ୍ଥାନୀୟ ସମୁଦାୟଗୁଡ଼ିକର କ୍ଷମତା ବଢ଼ାଇବା ପାଇଁ କାର୍ଯ୍ୟ କରୁଛନ୍ତି। କେବଳ ଏତିକି ନୁହେଁ, ସୁରକ୍ଷା ଉପାୟ ସମ୍ପର୍କରେ ସ୍କୁଲ ପରିଚାଳନା କମିଟି ସଦସ୍ୟ ତଥା ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଏହାସହ ପୂର୍ବରୁ ସତର୍କ ସୂଚନା ଦେବାର ବ୍ୟବସ୍ଥା କରାଯିବା ସହ ସ୍କୁଲ ଚାରିପଟେ ତାରବାଡ଼ ଦିଆଯାଉଛି । ସମ୍ଭାବ୍ୟ ବିପଦ କମ୍ କରିବା ଏବଂ ତାହାକୁ ସାମ୍ନା କରିବା ସକାଶେ ସ୍ଥାନୀୟ ଲୋକଙ୍କ ପରିଚାଳନା କମିଟି ଦ୍ୱାରା ଟେଲିକମ୍ୟୁନିକେଶନ ଲିଙ୍କ୍ ସୃଷ୍ଟି କରାଯାଇଛି। ଏସବୁ ପରେ ଯଦି ନୂଆ ବର୍ଷରେ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ସ୍କୁଲ ପଠାଇବେ ନାହିଁ, ତେବେ ସୁରକ୍ଷା ଉପରେ ଆହୁରି ଦୃଢ଼ ପଦକ୍ଷେପ ନିଆଯିବା ଜରୁରୀ। ଏହି କ୍ରମରେ ସମ୍ଭାବ୍ୟ ବିପଦରେ ଥିବା ସ୍କୁଲଗୁଡ଼ିକର ସୁରକ୍ଷା ଭିତ୍ତିଭୂମି ମଜଭୁତ କରିବା ପାଇଁ ତାରବାଡ଼ ଏବଂ ପାଚେରି ନିର୍ମାଣ କରିବା ଜରୁରୀ। ସ୍କୁଲଗୁଡ଼ିକରେ କ୍ୟାମେରା ଏବଂ ଅନ୍ୟାନ୍ୟ ନିରୀକ୍ଷଣକାରୀ ଉପକରଣ ଲଗାଯିବା ଦରକାର। ପିଲାଙ୍କ ପାଇଁ ସୁରକ୍ଷିତ ପ୍ରବେଶ ଓ ପ୍ରସ୍ଥାନ ପଥ ନିର୍ଣ୍ଣୟ କରାଯିବା ଉଚିତ। କେତେକ କ୍ଷେତ୍ରରେ ଆଲୋକୀକରଣ ଓ ବିପଦ ସମ୍ପର୍କିତ ସତର୍କ ସୂଚନା ଦେଉଥିବା ବ୍ୟବସ୍ଥା କରାଯିବା ଆବଶ୍ୟକ। ସବୁ ସ୍କୁଲ, ସ୍ଥାନୀୟ ଅଧିକାରୀମାନେ ଏବଂ ସୁରକ୍ଷା ସଂସ୍ଥାଗୁଡ଼ିକ ମଧ୍ୟରେ ସ୍ପଷ୍ଟ ଯୋଗାଯୋଗ ବ୍ୟବସ୍ଥାର ବିକାଶ କରାଯିବା ସହ ତାହାକୁ କାର୍ଯ୍ୟକାରୀ କରାଯାଇ ପରିବର୍ତ୍ତନ ଅଣାଯିବା ଉଚିତ। ଯଦି କୌଣସି ସ୍କୁଲ ଆକ୍ରମଣର ସମ୍ମୁଖୀନ ହୁଏ, ତେବେ ସେହି କ୍ଷେତ୍ରରେ ତାହାକୁ କିଭଳି ମୁକାବିଲା କରାଯିବ ଏବଂ ପିଲାଙ୍କୁ ସ୍କୁଲରୁ ସୁରକ୍ଷିତ ଭାବେ ବାହାରକୁ ନିଆଯିବ ସେ ସମ୍ପର୍କରେ ପ୍ରଦାନ କରାଯାଉଥିବା ପ୍ରଶିକ୍ଷଣ ପ୍ରକ୍ରିୟାରେ ସୁଧାର ଆଣିବାରେ ଏହା ମଧ୍ୟ ସହାୟକ ହେବ।

ଯଦି ପିଲାଙ୍କ ଅପହରଣ ଜାରି ରହେ, ତେବେ ଅଧିକ ବିପଦରେ ଥିବା ସ୍କୁଲଗୁଡ଼ିକରୁ ପିଲାଙ୍କୁ ନେଇ ସୁରକ୍ଷିତ ସ୍କୁଲରେ ନାମ ଲେଖାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇପାରେ। ଏହାସହ ଯେଉଁସବୁ ସ୍କୁଲରେ ପଢ଼ା ଆରମ୍ଭ ହୋଇପାରୁନାହିଁ ସେହି କ୍ଷେତ୍ରରେ ଅନ୍‌ଲାଇନ କିମ୍ବା ରେଡିଓ ମାଧ୍ୟମରେ ଶିକ୍ଷା ଦିଆଯିବା ଦରକାର ହୋଇପାରେ। ପିଲାଙ୍କ ମଧ୍ୟରେ ମାନସିକ ସ୍ତରରେ ସୃଷ୍ଟି ହୋଇଥିବା ଭୟକୁ ଦୂର କରିବା ଲାଗି ସେମାନଙ୍କୁ ସାହାଯ୍ୟ କରାଯିବା ଦରକାର। ପିଲାମାନେ ପଢ଼ିପାରୁ ନାହାନ୍ତି ଏବଂ ପିଲାଙ୍କ ଉପରେ ପଡୁଥିବା ଗମ୍ଭୀର ତଥା ବ୍ୟାପକ ପ୍ରଭାବକୁ ଆମେ କୌଣସି ପ୍ରକାରେ ଅଣଦେଖା କରିପାରିବା ନାହିଁ। ସ୍କୁଲଗୁଡ଼ିକରେ ସୁରକ୍ଷା ଦୃଢ଼ କରିବା ହେଉଛି ବଡ଼ ପ୍ରାଥମିକତା। ୟୁନିସେଫ୍ ଜାତୀୟ ଓ ରାଜ୍ୟ ଶିକ୍ଷା ମନ୍ତ୍ରଣାଳୟଗୁଡ଼ିକ ଭାଗୀଦାରିରେ ୨.୬ ମିଲିୟନ ଆମେରିକୀୟ ଡଲାର ସହାୟତା କାର୍ଯ୍ୟକ୍ରମର ପ୍ରସ୍ତାବ ରଖିଛି, ଯାହା ଏବେ ପ୍ରକାଶ କରାଯାଇନାହିଁ, କିନ୍ତୁ ବିଶ୍ୱସ୍ତ ଅଂଶୀଦାରଙ୍କୁ ଏହା ଜଣାଇଦିଆଯାଇଛି। ପ୍ରଥମ ପଦକ୍ଷେପ ସ୍ୱରୂପ, ଅପହରଣ ଦ୍ୱାରା ପ୍ରଭାବିତ ହୋଇଥିବା ପିଲା ଓ ସେମାନଙ୍କ ପରିବାର ସଦସ୍ୟ ତଥା ଶିକ୍ଷକଙ୍କ ମନସ୍ତାତ୍ତ୍ୱିକ ସ୍ଥିତିକୁ ସ୍ୱାଭାବିକ କରାଯିବା ଦରକାର। ଦ୍ୱିତୀୟରେ, ସ୍କୁଲ ବନ୍ଦ ହେବା ଯୋଗୁ ପିଲାଙ୍କ ପଢ଼ା ପ୍ରଭାବିତ ହୋଇଛି ଏବଂ ପଢ଼ା ଜାରି ରଖିବା ପାଇଁ ଅନ୍‌ଲାଇନ୍ ଇ-ଲର୍ନିଂ ପ୍ଲାଟଫର୍ମ ନାଇଜେରିଆ ଲର୍ନିଂ ପାସ୍‌ପୋର୍ଟ ଦ୍ୱାରା ମୋବାଇଲ ମାଧ୍ୟମରେ ଶିକ୍ଷାପ୍ରଦାନ କରାଯିବ। ତୃତୀୟରେ, ଗୋଟିଏ ସ୍କୁଲର ସୁରକ୍ଷା ସ୍ଥିତି ନିର୍ଣ୍ଣୟ କରିବା ପାଇଁ ଦ୍ରୁତ୍ ଆକଳନ ଉପକରଣ ଶିକ୍ଷା ମନ୍ତ୍ରଣାଳୟଗୁଡ଼ିକୁ ଯୋଗାଇ ଦିଆଯିବ।

ସବୁଠୁ ବଡ଼ ଆବଶ୍ୟକତା ହେଉଛି ପାଣ୍ଠି ଯୋଗାଉଥିବା ପକ୍ଷମାନେ ପର୍ଯ୍ୟାପ୍ତ ସୁରକ୍ଷା ନିଶ୍ଚିତ କରିବା ଦରକାର, ଯାହାଦ୍ୱାରା ଜାନୁଆରୀରେ ନାଇଜେରିଆର ପିଲାମାନେ ସୁରକ୍ଷିତ ଭାବେ ସ୍କୁଲକୁ ଫେରିପାରିବେ। ଅପେକ୍ଷାକୃତ ସୀମିତ ପାଣ୍ଠିରେ ଆମେ ଜାତୀୟ ଓ ରାଜ୍ୟ ସରକାରଗୁଡ଼ିକୁ ପୂର୍ବ ସତର୍କ ସୂଚନା ବ୍ୟବସ୍ଥା, ଉତ୍ତର ନାଇଜେରିଆରେ ସର୍ବାଧିକ ବିପଦରେ ଥିବା ସ୍କୁଲଗୁଡ଼ିକ ପାଇଁ ଆକ୍ସନ ପ୍ଲାନ ପ୍ରସ୍ତୁତ କରିବା ନିମନ୍ତେ ଜାତୀୟ ଓ ରାଜ୍ୟ ସରକାରଙ୍କୁ ଟେକ୍‌ନିକାଲ ଓ ଲଜିଷ୍ଟିକ ସହଯୋଗ ଯୋଗାଇ ଦେଇପାରିବା। ଏହା ସହ ସୁରକ୍ଷିତ– ସ୍କୁଲ କିଟ୍ ଏବଂ ସଙ୍କଟ ସମୟରେ ଖୁବ୍‌ଶୀଘ୍ର ଯୋଗାଯୋଗ ପାଇଁ ଏକାଧିକ ନେଟ୍‌ୱର୍କ ସହ ସଂଯୋଜିତ ଇଣ୍ଟରନେଟ ଡିଭାଇସ୍ ବଣ୍ଟନ କରାଯିବା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଦରକାର।

ନିକଟରେ ଘଟିଥିବା ଅପହରଣ ଆମକୁ ସ୍ମରଣ କରାଇ ଦିଏ ଯେ, ଆତଙ୍କବାଦ ଦ୍ୱାରା ବହୁ ସଂଖ୍ୟକ ନାଇଜେରୀୟ ଛାତ୍ରଙ୍କ ସ୍କୁଲ ଶିକ୍ଷାରେ ବାଧା ଉପୁଜି ଆସୁଛି। ଏହା ହେଉଛି ଉପଯୁକ୍ତ ସମୟ, ଯେଉଁଠି ପିଲା ଓ ଅଭିଭାବକଙ୍କୁ ଜଣାଇଦେବାକୁ ହେବ ଯେ, ସଶସ୍ତ୍ର ଗୋଷ୍ଠୀ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି ଏବଂ ଏପରି କି ବିପଦପୂର୍ଣ୍ଣ ଅଞ୍ଚଳଗୁଡ଼ିକରେ ସ୍କୁଲ ସୁରକ୍ଷାରେ ପରିବର୍ତ୍ତନ ଅଣାଯାଇପାରିବ। ଏହା ହେଲେ, ପ୍ରତ୍ୟେକ ପିଲା ବିନା ବାଧାରେ ଭଲ ଶିକ୍ଷା ପାଇବାର ସୁଯୋଗ ଆସିପାରିବ।

**ପୂର୍ବତନ ପ୍ରଧାନମନ୍ତ୍ରୀ, ବ୍ରିଟେନ**

# ଯଥାର୍ଥ ଦାନ



ଅନୀତା ପଟ୍ଟନାୟକ

ଅଭିରାମ ବାବୁ ଜଗନ୍ନାଥଙ୍କର ଜଣେ ପରମ ଭକ୍ତ। ସେଥିପାଇଁ ସେ ଜଗନ୍ନାଥ ସଂସ୍କୃତିକୁ ସମ୍ମାନ ଜଣାଇଥାନ୍ତି। ତାଙ୍କର ପୁଅ ଯୋଗେଶ ସ୍କୁଲ ଛାତ୍ର। ସେ ବାପାଙ୍କ ସହିତ ଜଗନ୍ନାଥ ମନ୍ଦିରକୁ ଗଲେ। ଉଚ୍ଚତାରେ ଛୋଟ ହୋଇଥିବାରୁ ଭକ୍ତଙ୍କ ଗହଳି ଭିତରେ ଜଗନ୍ନାଥଙ୍କୁ ଦର୍ଶନ କରିପାରୁ ନ ଥାଏ। ତେଣୁ ଅଭିରାମ ବାବୁଙ୍କୁ ଅନେକଥର ଯୋଗେଶକୁ ଉପରକୁ ଉଠାଇ ଜଗନ୍ନାଥଙ୍କୁ ଦର୍ଶନ କରାଇବାକୁ ପଡ଼ିଥାଏ। ଯୋଗେଶ ଛୋଟପିଲା ହୋଇଥିବାରୁ ତା' ମନରେ ଅସୁମାରି ପ୍ରଶ୍ନ ଆସେ। ଯଥା ଭଗବାନ୍ କିଏ ? ସେ କେଉଁଠି ଅଛନ୍ତି ? ସେ କ'ଣ କରନ୍ତି ଇତ୍ୟାଦି ଇତ୍ୟାଦି।

ହଠାତ୍ ଖବରକାଗଜ ଖୋଲୁ ଖୋଲୁ ସେ ପଢ଼ିବାକୁ ପାଇଲା ଭାରତର ପ୍ରଧାନମନ୍ତ୍ରୀ ଜଣେ ଯୁଗାବତାରୀଙ୍କର ୧୦୦ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ଯାଇଥିଲେ। ସେଠାରେ ସେ ୧୦୦ଟି ଗାଈ ଉପହାର ସ୍ୱରୂପ ଦେଲେ। ଏହାର ଅର୍ଥ ଯୋଗେଶ ବୁଝିପାରିଲା ନାହିଁ। ସେ ବାପାଙ୍କୁ ପଚାରିବାରେ ଅଭିରାମ ବାବୁ କହିଲେ, 'ଉକ୍ତ ଯୁଗାବତାରୀ ପୁରୁଷ ସେଠାରେ ଗୋପାଳନ କରୁଥିଲେ ଓ ତା'ର ନାମ ଦେଇଥିଲେ ଗୋକୁଳମ୍। ଉକ୍ତ ଗୋକୁଳମ୍‌ର କ୍ଷୀର ସେହି ମହାପୁରୁଷଙ୍କ ଆଶ୍ରମକୁ ଆସିଥାଏ ଓ ଭକ୍ତମାନେ ତା'ର ଭରପୂର ଉପଯୋଗ କରିଥାନ୍ତି। ଗୋକୁଳମ୍‌ର କ୍ଷୀର ପାଇଁ ମା'ମାନେ ଧାଡ଼ିରେ ଆସି କ୍ଷୀର ତାଙ୍କ ପିଲାମାନଙ୍କ ପାଇଁ ନେଇଥାନ୍ତି। ଆଶ୍ରମରେ ସୁନ୍ଦର ଚା' ପ୍ରସ୍ତୁତ ହୁଏ। ଯାହାକୁ ଭକ୍ତମାନେ ଆନନ୍ଦରେ ଗ୍ରହଣ କରନ୍ତି। ଦହି, ଛେନା, ଘିଅ, ଲହୁଣି ପ୍ରଭୃତି ହୁଏ। ଭକ୍ତମାନେ ଏହାକୁ ମଧ୍ୟ ଆନନ୍ଦର ସହ ଗ୍ରହଣ କରିଥାନ୍ତି।

ଯୋଗେଶ ବାପାଙ୍କୁ ପଚାରିଲା, 'ବାପା ଭଗବାନ୍ କିଏ? କେଉଁଠି ରହନ୍ତି? କ'ଣ କରନ୍ତି? ଭାରତର ପ୍ରଧାନମନ୍ତ୍ରୀ ହୀରାନୀଳା, ଟଙ୍କା ସୁନା ନ ଦେଇ ୧୦୦ ଗାଈ କାହିଁକି ପ୍ରଦାନ କଲେ? ଯୋଗେଶର ଏପରି ପ୍ରଶ୍ନରେ ଅଭିରାମ ବାବୁ ଅବାକ୍ ହୋଇପଡ଼ିଲେ। ଭଗବାନ୍‌ଙ୍କ ସହ ଗାଈର କି ସମ୍ପର୍କ? ଅଭିରାମ ବାବୁ ଟିକେ ରହିଯାଇ ଯୋଗେଶକୁ ବୁଝାଇ କହିଲେ, କାଳୀଗାଈ କ'ଣ ଖାଏ? ଯୋଗେଶ କହିଲା, ଗାଈ ଘାସକୁଟା ଖାଏ। ଅଭିରାମ ବାବୁ ପଚାରିଲେ ଘାସର ରଙ୍ଗ କ'ଣ? ଯୋଗେଶ କହିଲା ଘାସର ରଙ୍ଗ ସବୁଜ ଓ କୁଟାର ରଙ୍ଗ ହଳଦିଆ। ଅଭିରାମ ବାବୁ କହିଲେ, ସବୁଜ ରଙ୍ଗର ଘାସ ଓ ହଳଦିଆ ରଙ୍ଗର କୁଟା ଖାଇ କାଳୀ ଗାଈ କ୍ଷୀର ଦିଏ ତା'ର ରଙ୍ଗ କିପରି? ଯୋଗେଶ କହିଲା ତା'ର ରଙ୍ଗ ଧଳା। ଅଭିରାମ ବାବୁ କହିଲେ, କାଳୀଗାଈ ସବୁଜ ଘାସ, ହଳଦିଆ କୁଟାଖାଇ ଧଳା ରଙ୍ଗର କ୍ଷୀର କିପରି ଦିଏ? ଏହାକୁ ବୈଜ୍ଞାନିକମାନେ କରିପାରିବେ କି? ଯୋଗେଶ କହିଲା ନା, ବାପା ଏହାକୁ କେବଳ ଭଗବାନ୍ କରିପାରିବେ। ଅଭିରାମ ବାବୁ କହିଲେ ଯେଉଁ ଶକ୍ତି କାଳୀଗାଈ ଭିତରେ ସବୁଜ ଘାସକୁ ଧଳା କ୍ଷୀରରେ ପରିଣତ କଲେ ସେ ହିଁ ଭଗବାନ୍।

ଭକ୍ତ ଓ ଲୋକମାନେ ଯୁଗାବତାର ପୁରୁଷଙ୍କର ଗୋକୁଳମ୍‌ସ୍ଥିତ କ୍ଷୀର ଖାଉଥିଲେ ମଧ୍ୟ ଏହାକୁ ଠିକ୍ ଭାବରେ ବୁଝି ପାରୁ ନ ଥିଲେ। ଅନ୍ଧାର ଘରେ ଆଲୁଅ ଜାଳିଲେ, ଯେପରି ଅନ୍ଧକାର ଦୂର ହୁଏ, ସେପରି ଭଗବାନ୍ ସବୁ ପ୍ରାଣୀଙ୍କ ମଧ୍ୟରେ ବିଦ୍ୟମାନ। ତେଣୁ ସେ ଗୋକୁଳମ୍‌ର କ୍ଷୀର ଲୋକମାନଙ୍କୁ ଯୋଗାଇ ଲୋକମାନଙ୍କ ମଧ୍ୟରେ ପୁଷ୍ଟିବର୍ଦ୍ଧନ କରୁଥିଲେ। ଭଗବାନ୍ ଆମ ମଧ୍ୟରେ ରହି ବିଭିନ୍ନ ଖାଦ୍ୟଖାଇ ଖାଦ୍ୟକୁ ଶକ୍ତିରେ ପରିଣତ କରି ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକୁ ଶକ୍ତି ଯୋଗାଇ ଦେଇଥାନ୍ତି। ଏହା ତାଙ୍କର ଏକ ମୁଖ୍ୟ କାମ। ସେ ବିଶ୍ୱରେ ବିଭିନ୍ନ ନାମରେ ବିଭିନ୍ନ ରୂପରେ ଏ କାର୍ଯ୍ୟ କରିଥାନ୍ତି। ଯୋଗେଶ କହିଲା, ବାପା ବୁଝିଗଲି। ଆମର ପ୍ରଧାନମନ୍ତ୍ରୀ ଭାରତୀୟ ସଂସ୍କୃତି ଓ ଐତିହ୍ୟକୁ ଠିକ୍ ବୁଝିଛନ୍ତି। ସେ ଜାଣି ପାରିଛନ୍ତି ଭଗବାନ୍ କିଏ? ସେ କେଉଁଠି ଅଛନ୍ତି? ସେ କ'ଣ କରନ୍ତି? ତାଙ୍କର ୧୦୦ଟି ଗୋଦାନ ଯାହା ସେ ଯୁଗାବତାରଙ୍କ ଆଶ୍ରମକୁ କରିଛନ୍ତି ତାହା ଯଥାର୍ଥ। ଭକ୍ତମାନେ ସେ କ୍ଷୀର ଖାଇ ଜାଣିପାରିବେ ଭଗବାନ୍ କିଏ? କେଉଁଠି ଅଛନ୍ତି? କ'ଣ କରନ୍ତି?

**ପ୍ରାଧ୍ୟାପିକା, ସିଡିଏ, କଟକ**
**ମୋ: ୯୬୯୨୯୮୦୦୨୬**

## ଏଇ ଭାରତରେ

ଆକାଶରେ ଉଡ଼ିପାରୁଥିବା ସବୁଠୁ ଉଚ୍ଚପକ୍ଷୀ ସାରସ (ଏକ ଜାତୀୟ ବଡ଼ ବଗ)। ଏମାନଙ୍କ ଉଚ୍ଚତା ୧୫୨–୧୫୬ ସେଣ୍ଟିମିଟର ହୋଇଥାଏ। ହେଲେ ଏହି ପକ୍ଷୀ ଆକାଶରେ ଭଲ ଭାବେ ଉଡ଼ିପାରେ । କିନ୍ତୁ ପରିବର୍ତ୍ତିତ ଜଳବାୟୁ ସ୍ଥିତିରେ ଏହି ପକ୍ଷୀଙ୍କ ଜୀବନ ଏବେ ବିପଦରେ। ଖାଦ୍ୟାଭାବ ଓ ଉପଯୁକ୍ତ ପରିବେଶ ଅଭାବରୁ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ଏବେ ୧୫,୦୦୦–୨୦,୦୦୦ ମଧ୍ୟରେ ରହିଛି। ତେବେ ଏମାନଙ୍କ ଜୀବନ ବଞ୍ଚାଇବା ପାଇଁ ଉତ୍ତରପ୍ରଦେଶର କୃଷକମାନେ ଭିନ୍ନ ଉପାୟ ଆପଣାଇଛନ୍ତି। ସାରସ ହାବିଟାଟ ସିକ୍ୟୋରମେଣ୍ଟ ପ୍ରୋଜେକ୍ଟ ମାଧ୍ୟମରେ ଉତ୍ତରପ୍ରଦେଶର ୧୦ଟି ଜିଲାରେ କୃଷକମାନେ ସେମାନଙ୍କ ବସାର ସୁରକ୍ଷା କରିବା ସହ ବଂଶବୃଦ୍ଧିରେ ସହଯୋଗ କରୁଛନ୍ତି। ସେମାନଙ୍କ ଖାଦ୍ୟ ପାଇଁ ଆର୍ଦ୍ରଭୂମିର ସଂରକ୍ଷଣ ମଧ୍ୟ କୃଷକମାନେ କରୁଛନ୍ତି। ଏହି ପ୍ରୋଜେକ୍ଟ ୨୦୧୩ରେ ଆରମ୍ଭ କରାଯାଇଥିଲା। ଚଳିତବର୍ଷ ୨୩୭ ବସା ସଂରକ୍ଷଣ କରାଯାଇ ଅଣ୍ଡା ଫୁଟାଇବାର ବ୍ୟବସ୍ଥା କରାଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୧୯ ଡିସେମ୍ବର ୧୯୭୬

- ରାଜ୍ୟର ମରୁଡ଼ିଗ୍ରସ୍ତ ଲୋକମାନଙ୍କ ସାହାଯ୍ୟ ପାଇଁ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ତାଙ୍କ ଜାତୀୟ ସାହାଯ୍ୟ ପାଣ୍ଠିରୁ ୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।
- ଜାତିସଂଘରେ ଆମେରିକାର ପ୍ରଥମ ନିଗ୍ରୋ ରାଷ୍ଟ୍ରଦୂତ ରୂପେ ଜର୍ଜିଆର କଂଗ୍ରେସ ସଦସ୍ୟ ଆଣ୍ଡ୍ରଉ ୟଙ୍ଗ ନିଯୁକ୍ତ।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 8 | 1 | 2 |
| | 2 | | | 3 | | | | |
| | | 7 | | | | | 5 | |
| | 4 | | | 5 | | 2 | | |
| | | | | | 4 | | 7 | 8 |
| | | 3 | | 1 | | | | |
| | 1 | | | 2 | | 4 | | 3 |
| | 8 | | | 9 | | 5 | | |
| | | 4 | | | 1 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 6 | 4 | 2 | 1 | 8 | 3 | 9 |
| 9 | 3 | 2 | 8 | 7 | 5 | 4 | 1 | 6 |
| 8 | 1 | 4 | 3 | 9 | 6 | 5 | 2 | 7 |
| 1 | 8 | 9 | 2 | 3 | 4 | 6 | 7 | 5 |
| 2 | 5 | 3 | 7 | 6 | 9 | 1 | 8 | 4 |
| 6 | 4 | 7 | 5 | 1 | 8 | 3 | 9 | 2 |
| 4 | 9 | 5 | 1 | 8 | 2 | 7 | 6 | 3 |
| 3 | 2 | 1 | 6 | 4 | 7 | 9 | 5 | 8 |
| 7 | 6 | 8 | 9 | 5 | 3 | 2 | 4 | 1 |

ଗତକାଲିର ଉତ୍ତର

# କୃତ୍ରିମ ବୁଦ୍ଧିମତ୍ତା ଓ ମାନବ ଅଧିକାର




ପ୍ରକାଶ ତ୍ରିପାଠୀ

ନିକଟରେ ଜଣେ ମହିଳା ଇନ୍‌ଷ୍ଟାଗ୍ରାମ୍‌ରେ ଲେଖିଥିଲେ ଯେ ସେ ଗୋଟିଏ ଆପ୍‌ରେ ଶାଢ଼ିପିନ୍ଧା ଫଟୋ ଅପ୍‌ଲୋଡ କରି ପରିବର୍ତ୍ତିତ ଫଟୋ ଦେଖି ତାଜୁବ ହୋଇଗଲେ। ଏହି କୃତ୍ରିମ ବୁଦ୍ଧିମତ୍ତା ସମ୍ପନ୍ନ ଆପ୍ ତାଙ୍କ ଶରୀରର ସେହି ଅଂଶରେ ଏକ କଳାଜାଇ ଦେଖାଇଥିଲା, ଯାହା ଅପ୍‌ଲୋଡ ହୋଇଥିବା ଫଟୋରେ ଦେଖାଯାଉ ନ ଥିଲା। ଏହା ଦେଖି ମହିଳା ଜଣକ ବହୁତ ଭୟଭୀତ ହୋଇଗଲେ। ଲୋକମାନେ ଚିନ୍ତା ନ କରି ଏପରି ଆପ୍ସରେ ସେମାନଙ୍କର ଫଟୋ ଅପ୍‌ଲୋଡ ନ କରିବାକୁ ମଧ୍ୟ ସେ ଚେତାବନୀ ଦେଇଥିଲେ । ସେହିପରି ଆଉ ଏକ ଘଟଣା। ଜଣେ ପୁଅ ଗୋଟିଏ ଝିଅକୁ ଏକତରଫା ପସନ୍ଦ କରୁଥିଲା। ଝିଅଟି ପୁଅର ପ୍ରସ୍ତାବରେ ରାଜି ନ ହେବାରୁ ପୁଅଟି ଉତ୍‌କ୍ଷିପ୍ତ ହୋଇ କୃତ୍ରିମ ବୁଦ୍ଧିମତ୍ତା ସାହାଯ୍ୟରେ ନିଜ ଫଟୋ ଏବଂ ସେ ଝିଅର ଫଟୋକୁ ମିଶ୍ରଣ କରି ଏକ ଚୁମ୍ବନ ଭିଡିଓ ତିଆରି କରି ଝିଅଟିର ସମ୍ପର୍କୀୟ ଏବଂ ବନ୍ଧୁମାନଙ୍କୁ ପଠାଇଥିଲା। ପରିସ୍ଥିତି ଏପରି ହୋଇଥିଲା ଯେ ଝିଅଟି ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିଲା, କିନ୍ତୁ ତାକୁ ରକ୍ଷା କରାଯାଇପାରିଥିଲା। ଏହା ଏକ ଛୋଟ ଘଟଣା ହେଲେ ବି ଚିନ୍ତାଜନକ। ସାରା ଦେଶରେ ପ୍ରତିଦିନ ଶହ ଶହ ଏପରି ଘଟଣା ଘଟୁଛି, ଯାହା ଯୋଗୁ ଲୋକଙ୍କ ସମ୍ମାନ ଏବଂ ଜୀବନ ହାନିର କାରଣ ହେଉଛି।

ଗତ ସେପ୍ଟେମ୍ବରରେ, ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା ଏବଂ ଅନ୍ୟାନ୍ୟ ଉପାୟରେ ଅନେକ ବ୍ୟକ୍ତି ଏବଂ ପ୍ଲାଟଫର୍ମ ତାଙ୍କର ଫଟୋ ଅପବ୍ୟବହାର କରୁଥିବାରୁ ତାହାକୁ ରୋକିବା ପାଇଁ ଦିଲ୍ଲୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଓକିଲ ଯୁକ୍ତି କରିଥିଲେ ଯେ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ନାମ ଏବଂ ମୁହଁ ତାଙ୍କ ଅନୁମତି ବିନା ବ୍ୟବହାର କରାଯାଉଛି ଯଦ୍ୱାରା କି ସ୍ଥଳ ବିଶେଷରେ ତାଙ୍କର ସମ୍ମାନ କ୍ଷୁଣ୍ଣ ହେଉଛି। ଏପରି କି ତାଙ୍କ ଛବି 'ଯୌନ ଇଚ୍ଛା ପୂରଣ କରିବା' ପାଇଁ ଅନ୍‌ଲାଇନରେ ବ୍ୟବହାର କରାଯାଉଛି, ଯାହାକୁ ସେ 'ଅତ୍ୟନ୍ତ ଦୁର୍ଭାଗ୍ୟଜନକ' ବୋଲି ବର୍ଣ୍ଣନା କରିଥିଲେ। ତାଙ୍କ ନାମରେ ଟଙ୍କା ମଧ୍ୟ ଆଦାୟ କରାଯାଉଥିବା ଅଭିଯୋଗ ଆସୁଛି। ଐଶ୍ୱର୍ଯ୍ୟାଙ୍କ ଆବେଦନ ଭାରତର ମନୋରଞ୍ଜନ ଶିଳ୍ପରେ ଡିପଫେକ ଏବଂ ଏଆଇ–ଜେନେରେଟେଡ ବିଷୟବସ୍ତୁ ଦ୍ୱାରା ବଢୁଥିବା ବିପଦକୁ ଉଜ୍ଜ୍ୱଳ କରିଦେଇଥିଲା। କେବଳ ଐଶ୍ୱର୍ଯ୍ୟା ରାୟ ନୁହନ୍ତି, ଅନେକ ସେଲିବ୍ରିଟି ମଧ୍ୟ ସେମାନଙ୍କ ଫଟୋ ଅପବ୍ୟବହାର ହେଉଥିବା ନେଇ କୋର୍ଟଙ୍କ ଦ୍ୱାରସ୍ଥ ହେଉଛନ୍ତି। ପ୍ରକୃତରେ ଏଆଇର ଅପବ୍ୟବହାର କରି ଲୋକଙ୍କୁ ହଇରାଣ କରୁଛନ୍ତି। ଏହା ବ୍ୟକ୍ତି ଗୋପନୀୟତାକୁ ତଥା ମାନବ ଅଧିକାରକୁ ମଧ୍ୟ ଉଲ୍ଲଂଘନ କରୁଛି। ଅନେକଙ୍କ ଜୀବନରେ ସମସ୍ୟା ସୃଷ୍ଟି କରୁଛି। ଏହାର ଅପବ୍ୟବହାର ବିରୋଧରେ କଠୋର ଆଇନ ପ୍ରଣୟନ କରାଯିବା ଉଚିତ, ଯେଉଁଥିରେ କାହାର ଫଟୋ ଏବଂ ଅନ୍ୟାନ୍ୟ ଡକ୍ୟୁମେଣ୍ଟକୁ ଅପବ୍ୟବହାର କରିବାରୁ କେହି ରୋକିପାରିବେ ନାହିଁ।

ଆଜି ମାନବାଧିକାର ଆଲୋଚନା ସମୟରେ କ୍ଷୁଧା, ଦାରିଦ୍ର୍ୟ, ଯୁଦ୍ଧ, କୁପୋଷଣ, ଶିଶୁ ଶ୍ରମିକ,



ଲିଙ୍ଗ–ଭିତ୍ତିକ ହିଂସା ଏବଂ ସ୍ୱାସ୍ଥ୍ୟସେବାର ଅଭାବ ଭଳି ପ୍ରସଙ୍ଗଗୁଡ଼ିକ ସାମ୍‌ନାକୁ ଆସେ। କିନ୍ତୁ ଏହି ପୁରୁଣା ଚ୍ୟାଲେଞ୍ଜ ମଧ୍ୟରେ ଏକ ନୂତନ ଚ୍ୟାଲେଞ୍ଜ ଦେଖାଦେଇଛି ତାହା ହେଲା କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ । ଏହି ଚ୍ୟାଲେଞ୍ଜ ଏତେ ବ୍ୟାପକ ଯେ ଏହାର ପ୍ରଭାବ କେବଳ ସାମାଜିକ ଜୀବନ, ଆର୍ଥିକ ବ୍ୟବସ୍ଥା, ଶାସନ ବ୍ୟବସ୍ଥା, ନିଯୁକ୍ତି ଏବଂ ନୈତିକତାକୁ ପରିବର୍ତ୍ତନ କରୁନାହିଁ ବରଂ ମାନବ ଅସ୍ତିତ୍ୱ, ସ୍ୱାଧୀନତା ଏବଂ ଗୋପନୀୟତାର ପରିଭାଷାକୁ ପୁନର୍ଗଠନ ମଧ୍ୟ କରୁଛି। କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ମାନବ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ବ୍ୟାପିଗଲାଣି। ନିଷ୍ପତ୍ତି ଗ୍ରହଣ, ଯାହା ଏପର୍ଯ୍ୟନ୍ତ ମାନବ ବିବେକ ହାତରେ ଥିଲା, ତାହା ଧୀରେ ଧୀରେ ମେଶିନ ଆଲଗୋରିଦମକୁ ହସ୍ତାନ୍ତର କରାଯାଉଛି। ନ୍ୟାୟପାଳିକାଠାରୁ ସ୍ୱାସ୍ଥ୍ୟ, ଅର୍ଥ, ଶିକ୍ଷା, ସୁରକ୍ଷା, ଗଣମାଧ୍ୟମ ଏବଂ ଚାକିରି ପର୍ଯ୍ୟନ୍ତ କୃତ୍ରିମ ବୁଦ୍ଧିମତ୍ତା ଉପରେ ଆଧାରିତ ନିଷ୍ପତ୍ତି ମାନବ ଅଧିକାରର ଧାରଣାକୁ ଚ୍ୟାଲେଞ୍ଜ କରୁଥିବା ପରି ମନେହୁଏ। ପ୍ରଶ୍ନ ହେଉଛି: କ'ଣ ଏକ ଆଲଗୋରିଦମ ନିର୍ଣ୍ଣୟ କରିପାରିବ ଯେ କିଏ ଅପରାଧୀ, କିଏ ଚାକିରି ପାଇବ, କାହାକୁ ତଦାରଖ କରାଯିବା ଉଚିତ, କାହାର ପରିଚୟ ସନ୍ଦିଗ୍ଧ କିମ୍ବା କେଉଁ ଧାରଣା ବୈଧ? ଯଦି କୌଣସି ମେଶିନ ଭୁଲ ନିଷ୍ପତ୍ତି ନିଏ ତେବେ କିଏ ଦାୟୀ ରହିବ? ମାନବ ଗୋପନୀୟତା ଏକ ମେଶିନର ସମ୍ପତ୍ତି ହୋଇପାରିବ କି ? ଡିଜିଟାଲ ପରିଚୟ ଆମର ଜୈବିକ ପରିଚୟକୁ ଅତିକ୍ରମ କରିପାରିବ କି ନାହିଁ ଏହି ପ୍ରଶ୍ନ ଅପ୍ରାସଙ୍ଗିକ ମନେ ହେଉଥିଲେ ମଧ୍ୟ ଏହି ଭୟ ଆଜି ଏକ ବାସ୍ତବତା।

ଆଜି, ବିଶ୍ୱର ଅଧିକାଂଶ ଅଂଶ ସ୍ମାର୍ଟଫୋନ, ସୋସିଆଲ ମିଡିଆ ଏବଂ ତଥ୍ୟ–ଚାଳିତ ସିଷ୍ଟମର କବ୍‌ଜାରେ ଅଛି। ଆମର ଆଚରଣ, ଆମର ପସନ୍ଦ, ଆମର ଗୋପନୀୟତା, ଆମର ଦୁର୍ବଳତା ଏବଂ ଆମର ଭବିଷ୍ୟତ ସବୁକିଛି ତଥ୍ୟ ଆକାରରେ ସର୍ଭରରେ ସଂରକ୍ଷିତ। ଏହି ତଥ୍ୟ ହେଉଛି ଆମର ନୂତନ ପରିଚୟ ଏବଂ ଆମର ଏହି 'ଡିଜିଟାଲ ରୂପ' ମାନବାଧିକାରର ପରିଭାଷାକୁ ଏକ ନୂତନ ସ୍ତରରେ ପହଞ୍ଚାଇଛି। କୃତ୍ରିମ ବୁଦ୍ଧିମତ୍ତାର ସବୁଠାରୁ ବିପଦପୂର୍ଣ୍ଣ ଦିଗ ହେଉଛି ଏହା ନିଜକୁ ନିରପେକ୍ଷ ବୋଲି ଦାବି କରେ, କିନ୍ତୁ ତଥ୍ୟ ଏବଂ ଆଲଗୋରିଦମ ସମାଜର ପକ୍ଷପାତୀ ମାନସିକତାରୁ ମୁକ୍ତ ନୁହେଁ। ଯଦି ତଥ୍ୟ ପକ୍ଷପାତୀ ହୁଏ, ତେବେ ଏଆଇ ସେହି ପକ୍ଷପାତକୁ ବୈଜ୍ଞାନିକ ସତ୍ୟରେ ପରିଣତ କରିବ । ଏହି ପ୍ରଯୁକ୍ତିବିଦ୍ୟା କେତେକ ସମୟରେ ଶତ୍ରୁ ଶକ୍ତିର ସବୁଠାରୁ ଶକ୍ତିଶାଳୀ ସହଯୋଗୀ ମଧ୍ୟ ହୋଇପାରେ। ଏହା ପ୍ରଯୁକ୍ତିବିଦ୍ୟାର ଏକପ୍ରକାର ଏକଚ୍ଛତ୍ରବାଦ, ଯାହା ପାଇଁ ଅସ୍ତ୍ରଶସ୍ତ୍ର, ଜେଲ, ହତ୍ୟା କିମ୍ବା ଦୋଷ ବିଚାରର ଆବଶ୍ୟକ କରେ ନାହିଁ। କେବଳ ତଥ୍ୟ, ନିରୀକ୍ଷଣ ଏବଂ ଡିଜିଟାଲ ବିଶ୍ଳେଷଣ ଜଣେ ନାଗରିକଙ୍କୁ ତାଙ୍କର ସ୍ୱାଧୀନତାରୁ ବଞ୍ଚିତ କରିପାରେ। ଗୋପନୀୟତାର ଅଧିକାର, ଡିଜିଟାଲ ପରିଚୟର ସୁରକ୍ଷା, ଆଲଗୋରିଦମିକ ନିଷ୍ପତ୍ତି ଗ୍ରହଣର ସ୍ୱଚ୍ଛତା ଆଦି କୃତ୍ରିମ ବୁଦ୍ଧିମତ୍ତା ତାଲିକାର ଅତ୍ୟାବଶ୍ୟକ ଅଂଶ ହେବା ଆବଶ୍ୟକ। ଯଦି ଆମେ ଏହି ଦିଗରେ ସ୍ପଷ୍ଟ ନୀତି ନ କରୁ, ତେବେ ନିକଟ ଭବିଷ୍ୟତରେ ମଣିଷ ସ୍ୱୟଂ–ନିର୍ଣ୍ଣୟ ନେଉଥିବା ପ୍ରାଣୀରୁ କେବଳ ମେଶିନ ଦ୍ୱାରା ନିୟନ୍ତ୍ରିତ ପରିସଂଖ୍ୟାନରେ ପରିଣତ ହୋଇପାରେ।

କୃତ୍ରିମ ବୁଦ୍ଧିମତ୍ତା ମାନବାଧିକାରକୁ ଉଭୟ ସକାରାତ୍ମକ ଏବଂ ନକାରାତ୍ମକ ଭାବରେ ପ୍ରଭାବିତ କରିପାରେ। ତେଣୁ ଏହାର ଉପଯୋଗକୁ ସକାରାତ୍ମକ ଢଙ୍ଗରେ ନେବା ପ୍ରାକୃତିକ ବୁଦ୍ଧିସମ୍ପନ୍ନ ମଣିଷର କାର୍ଯ୍ୟ। କୃତ୍ରିମ ବୁଦ୍ଧିମତା ହେଉଛି ବର୍ତ୍ତମାନ ସମୟରେ ଆମର ସହଯୋଗୀ। ଏହାକୁ ବାଦ୍ ଦେଇ ଆଗକୁ ବଢ଼ିବା ଆଉ ସମ୍ଭବ ନୁହେଁ। କିନ୍ତୁ ଏହା ଯେପରି ନୈତିକ, ଦାୟିତ୍ୱ ସମ୍ପନ୍ନ ଓ ମାନବିକ ଅଧିକାର ଧାରାରେ ଆଗେଇବ ତାହା ହିଁ ଗୁରୁତ୍ୱପୂର୍ଣ୍ଣ।

**ମୋ:୯୪୩୭୨୩୨୪୬୩**

## ପାଠକ ଶ୍ରେଷ୍ଠ ବିଚାରକ

### ଟ୍ରାଫିକ୍ ସମସ୍ୟା ସୁଧୁରିବ କେବେ

ମହାଶୟ,

ବର୍ଦ୍ଧିତ ଜନସଂଖ୍ୟା ଓ ଟ୍ରାଫିକ୍ ଜାମ୍ ସମସ୍ୟାକୁ କମ୍ କରିବା ଉଦ୍ଦେଶ୍ୟରେ ସରକାର ଏକ ନିୟମ ପ୍ରଣୟନ କରି ଚୁପ୍ ହୋଇବସିରହିଛନ୍ତି। ଅତୀତ ସରକାରଙ୍କର ଯାହା କେତେକ ପରିବର୍ତ୍ତନକୁ ଏହି ସରକାର ବାସ୍ତବ ରୂପ ଦେବାରେ ଅସଫଳ ଏବଂ ଅସମର୍ଥ। ଭୁବନେଶ୍ୱରରେ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ଅଣାୟତ ହୋଇପଡୁଛି। ଏଥିପ୍ରତି କାହାର ନିଘା ନାହିଁ। ବିଏମ୍‌ସି ପକ୍ଷରୁ ଘରୋଇ ଜମିକୁ ଏକ ଦୀର୍ଘ କାଳୀନ ଭଡା ଅଥବା ଲିଜ୍ ସୂତ୍ରରେ ନିଆଯାଇଥିଲା ଏବଂ ପାର୍କିଂ ସ୍ଥଳ ପାଇଁ ସମସ୍ତ ଉପକ୍ରମ କରାଯାଇଥିଲା। ହେଲେ ଅଧୁନା କୌଣସି ସିଦ୍ଧାନ୍ତରେ ମଧ୍ୟ ବିଏମ୍‌ସି କିମ୍ବା କମିଶନରେଟ୍ ପୋଲିସ ବିଭାଗ ଚୂଡାନ୍ତ ନିଷ୍ପତ୍ତି ନେବାରେ ଅସମର୍ଥ। ଦେଖିବାକୁ ଗଲେ କଟକରୋଡ୍ ସଦାସର୍ବଦା ଟ୍ରାଫିକ୍ ଜାମ ଏବଂ ପ୍ରବଳ ଭିଡ଼ ଲାଗି ରହୁଛି। ଏହି ସମସ୍ୟାର ସମାଧାନ ଦିଗରେ ରାଜ୍ୟ ସରକାର ଏବଂ ବିଏମ୍‌ସି ପଦକ୍ଷେପ ନେବା ଦରକାର।

**–ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗାନଗର, କଟକ ରୋଡ୍, ଭୁବନେଶ୍ୱର**

## ଚିରନ୍ତନୀ

ପ୍ରାନ୍ତର ପଥେ ଖେଳିଉଠୁ ଶ୍ୟାମ ଘାସ
ଅନ୍ତରେ ଫୁଟୁ କୋମଳ କମଳ–ହାସ
ନିର୍ମଳ କରି ଆଲୋକ ପବନ
ନିର୍ମଳ କରି ଧରଣୀ ଗଗନ
ଜୀବନର ଧାରା ଦିଅ ହେ ଖେଳାଇ
ବିଶ୍ୱେ ସକଳ ପଥେ
ଅଶ୍ରୁ–ସଲିଳେ ନିର୍ମଳ କର ମୋତେ ।
–(ବର୍ଷା–ଅଶ୍ରୁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଆଳୁର ଅଭାବୀ ବିକ୍ରି ଆଶଙ୍କାରେ ଚାଷୀ

## ଶୀତଳଭଣ୍ଡାର ସ୍ଥାପନ ପାଇଁ ୨୫୨ କୋଟି ଟଙ୍କା ବ୍ୟବସ୍ଥା

ଯାଜପୁର,୧୮।୧୨ (ହର୍ଷବର୍ଦ୍ଧନ ବେହେରା)

ଆଳୁ ଉତ୍ପାଦନରେ ଓଡ଼ିଶାକୁ ଆତ୍ମନିର୍ଭରଶୀଳ କରିବାକୁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା ରାଜ୍ୟର ସମସ୍ତ ବ୍ଲକ ଅଞ୍ଚଳରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ୨୦୨୪-୨୫ ବର୍ଷରେ ରାଜ୍ୟର ୩,୧୧୫ କ୍ଲଷ୍ଟରରେ ୩,୬୦୦ରୁ ଅଧିକ ସଚେତନତା କାର୍ଯ୍ୟକ୍ରମ କରାଯାଇ ପ୍ରାୟ ୧ ଲକ୍ଷ ହିତାଧିକାରୀଙ୍କୁ ଆଳୁଚାଷରେ ସାମିଲ କରାଯାଇଛି। ଗତ ରବିଋତୁରେ ୧୨,୩୭୫ ହେକ୍ଟର ଆଳୁଚାଷ ହୋଇଛି। ଏହାସହ ୨୦୨୫-୨୬ ବର୍ଷରେ ୨୧,୭୫୦ ହେକ୍ଟର ଜମିରେ ଆଳୁଚାଷ କରାଯିବାର ଲକ୍ଷ୍ୟଧାର୍ଯ୍ୟ ହୋଇଛି। ଏଥିପାଇଁ ସମସ୍ତ ଜିଲାରେ ୧,୬୦,୮୭୪ କୁଇଣ୍ଟାଲ ଆଳୁ ବିହନ ବଣ୍ଟନ କରାଯାଇଛି, ଯାହା ପୂର୍ବ ବର୍ଷ ତୁଳନାରେ ୩ ଗୁଣ ଅଧିକ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ଏହି ଯୋଜନା ଯଦି ସଫଳ ହୁଏ, ତେବେ ଆଗାମୀ ଦିନରେ ଓଡ଼ିଶା ଆଳୁକୁ ନେଇ ପଡ଼ୋଶୀ କିମ୍ବା ଅନ୍ୟ ରାଜ୍ୟ ଉପରେ ଆଉ ନିର୍ଭରଶୀଳ ହେବ ନାହିଁ ବୋଲି ଆଶା କରାଯାଉଛି। ହେଲେ ଆବଶ୍ୟକ ଜଳସେଚନ ସୁବିଧାର ଅଭାବ ସାଙ୍ଗକୁ ସାର



ଏବଂ କୀଟନାଶକ ଯୋଗାଣ ହେଉ ନଥିବାରୁ ଚାଷୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷେ ଆବଶ୍ୟକ ଶୀତଳଭଣ୍ଡାର ସ୍ଥାପନ ହୋଇ ପାରୁ ନ ଥିବାରୁ ଆଳୁ ବିକ୍ରି ଓ ତାହାର ସୁରକ୍ଷାକୁ ନେଇ ଚାଷୀ ମହଲରେ ଆଶଙ୍କା ପ୍ରକାଶ ପାଇଛି।

ରାଜ୍ୟବାସୀଙ୍କ ପାଇଁ ଆଳୁ ଏକ ଦୈନନ୍ଦିନ ଅଭ୍ୟାସଗତ ଖାଦ୍ୟ। ନ୍ୟାଶନାଲ ସାମ୍ପୁଲ ସର୍ଭେ ଅଫିସ୍ (ଏନ୍‌ଏସ୍‌ଏସ୍‌ଓ) ସର୍ଭେ ଅନୁଯାୟୀ ଓଡ଼ିଶାରେ ବାର୍ଷିକ ୧୦.୨୧ ଲକ୍ଷ ମେଟ୍ରିକ ଟନ୍ (ଏମ୍‌ଟି) ଆଳୁର ଆବଶ୍ୟକତା ରହିଛି। କିନ୍ତୁ ଏହା ପୂର୍ବରୁ ମାତ୍ର ୨୦% ଆଳୁ ରାଜ୍ୟରେ ଉତ୍ପାଦନ ହେଉଥିଲା। ରାଜ୍ୟରେ ବର୍ତ୍ତମାନ ୨ରୁ ୨.୫ ଲକ୍ଷ ଏମ୍‌ଟି ଆଳୁ ଉତ୍ପାଦନ ହୋଇଥାଏ। ଅନ୍ୟପକ୍ଷେ ନିଅଣ୍ଟିଆ ଆଳୁଚାଷ ସହ ପଡ଼ୋଶୀ ରାଜ୍ୟରୁ ଯୋଗାଣ ହେଉ ନଥିବା ସମୟରେ ଆଳୁ କିଲୋ ପ୍ରତି ୫୦ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟରେ କିଣି ରାଜ୍ୟବାସୀ ଅଧିକ ଖର୍ଚ୍ଚାନ୍ତ ହୋଇଥାନ୍ତି। ତେଣୁ ସ୍ୱାବଲମ୍ବୀ ହେବା ସହ ଆଳୁ ଅଭାବକୁ ଦୂର କରିବାକୁ ୨୦୧୫ରେ ରାଜ୍ୟ ଆଳୁ ମିଶନ ଯୋଜନା ଆରମ୍ଭ ହୋଇଥିଲା। ଉକ୍ତ ଯୋଜନାରେ ଆଳୁ ଉତ୍ପାଦନ ବୃଦ୍ଧି, ବଜାର ସୁବିଧା, ଶୀତଳଭଣ୍ଡାର କ୍ଷମତା ବୃଦ୍ଧି, ରାଜ୍ୟରେ ଆଳୁ ବିହନ ଉତ୍ପାଦନ, ଚାଷ ଓ ଭଣ୍ଡାରଣ ପାଇଁ କ୍ରେଡିଟ୍ ଲିଙ୍କେଜ୍, ଆଳୁ ଚାଷୀ ସଂଘ ଗଠନ ଇତ୍ୟାଦି ବିଷୟ ରହିଥିଲା। ଏଥିପାଇଁ ୨୦୧୫-୧୬ରୁ ୨୦୧୯-୨୦ ପର୍ଯ୍ୟନ୍ତ ୫ ବର୍ଷରେ ରାଜ୍ୟରେ ୫ ଲକ୍ଷ ୬୦ ହଜାର ଏମ୍‌ଟି କ୍ଷମତା ବିଶିଷ୍ଟ ୧୧୨ଟି ଶୀତଳ ଭଣ୍ଡାର ନିର୍ମାଣ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା, କିନ୍ତୁ ଏହା ଲକ୍ଷ୍ୟରେ ହିଁ ସୀମିତ ରହିଗଲା। ଫଳରେ ଚାଷୀମାନେ ଆଳୁଚାଷ କରିବାକୁ ଆଗ୍ରହ ପ୍ରକାଶ କରି ନ ଥିଲେ।

ଏଥର ରାଜ୍ୟ ସରକାର ୨୦୨୫ ଜାନୁଆରୀରେ ଶୀତଳଭଣ୍ଡାର ସ୍ଥାପନ ନିମନ୍ତେ ଆର୍ଥିକ ସହାୟତା ଯୋଜନା କରିଛନ୍ତି। ଏଥିରେ ପ୍ରତ୍ୟେକ ଉପଖଣ୍ଡସ୍ତରରେ ଗୋଟିଏ ଲେଖାଏଁ ଶୀତଳଭଣ୍ଡାର ଘରୋଇ ସହଭାଗିତାରେ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରହିଛି। ଫସଲ ଅମଳ ପରବର୍ତ୍ତୀ କ୍ଷତିକୁ ରୋକିବା ସହ ଏହି ଯୋଜନାରେ କୃଷି ଉତ୍ପାଦର ଉପଯୁକ୍ତ ମୂଲ୍ୟ ଦ୍ୱାରା ବଜାର ସୁବିଧା ଯୋଗାଇ ଦିଆଯିବ। ଏହାଦ୍ୱାରା ଅଭାବୀ ବିକ୍ରି ରୋକାଯାଇ ପାରିବ। ଏଥିପାଇଁ ୨୦୨୫-୨୬ରୁ ୨୦୨୯-୩୦ ବର୍ଷ ମଧ୍ୟରେ ୨୫୨ କୋଟି ଟଙ୍କା ବ୍ୟୟ କରିବାକୁ ବ୍ୟବସ୍ଥା କରାଯାଇଛି। ଚାଷୀମାନଙ୍କୁ ଜମି, ଭିତ୍ତିଭୂମି ପ୍ରତିଷ୍ଠା, ସୁଧରେ ଆର୍ଥିକ ସହାୟତା, ବିଦ୍ୟୁତ୍ ଶୁଳ୍କ ଉପରେ ସବ୍‌ସିଡି, ଚଳନ୍ତି ରାଶି ସହାୟତା ସହ ଅଚଳ ଶୀତଳଭଣ୍ଡାର ପୁନଃ କାର୍ଯ୍ୟକ୍ଷମ ପାଇଁ ସହାୟତା ପ୍ରଦାନ କରାଯିବ। ୨୦୨୫-୨୬ରେ ଗୋ ସୁଗମ୍ ପୋର୍ଟାଲରେ ଏଥିପାଇଁ ୧୭ଟି ଆବେଦନ ଗ୍ରହଣ କରାଯାଇଛି। ତନ୍ମଧ୍ୟରୁ ୫ଟି ଶୀତଳଭଣ୍ଡାର ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

ଯାଜପୁର ଜିଲା ବରୀ ବ୍ଲକ ବାଲିବିଲ ଗ୍ରାମର ଆଳୁଚାଷୀ ଅଶୋକ ପଡ଼ିହାରୀ ଏବଂ ଡିହସାହି ଗ୍ରାମର ରବୀନ୍ଦ୍ର ସାମଲ କହିଛନ୍ତି, ସରକାରଙ୍କ ପକ୍ଷରୁ ବିହନ ଯୋଗାଇ ଦିଆଯାଇଛି। କିନ୍ତୁ ସାର କିମ୍ବା କୀଟନାଶକ ଏଯାଏ ମିଳି ନାହିଁ। ଜଳସେଚନ ସୁବିଧା ନଥିବାରୁ ଦୁଧେଇ ନଦୀରୁ ଆବଶ୍ୟକ ସ୍ଥଳେ ଭାର କିମ୍ବା ପମ୍ପ ଯୋଗେ ଆଳୁ କ୍ଷେତରେ ପାଣି ମଡ଼ାଯାଉଛି। ତେବେ ଶୀତଳଭଣ୍ଡାର ସ୍ଥାପନ କରା ନଗଲେ ନିଶ୍ଚିତ ଭାବେ ଅଭାବୀ ବିକ୍ରିର ଶିକାର ହେବାକୁ ପଡ଼ିବ।




# ଏସ୍‌ଏଚ୍‌ଜିଙ୍କୁ ୩୧୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସୁଧ ଫେରସ୍ତ

ଭୁବନେଶ୍ୱର,୧୮।୧୨ (ସୁଚିସ୍ମିତା ସାହୁ)

ମିଶନ ଶକ୍ତି ବିଭାଗ ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଙ୍କ ବ୍ୟାଙ୍କ ଋଣ ସୁଧ ଫେରସ୍ତ ବାବଦକୁ ଆର୍ଥିକ ଅନୁଦାନ ପ୍ରଦାନ କାର୍ଯ୍ୟକ୍ରମ ଗୁରୁବାର ମିଶନ ଶକ୍ତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟର ୧ଲକ୍ଷ ୫୫ହଜାର ୮୫୨ ଏସ୍‌ଏଚ୍‌ଜିଙ୍କୁ ସେମାନଙ୍କ ବ୍ୟାଙ୍କ୍ ଋଣ ସୁଧ ଫେରସ୍ତ ବାବଦକୁ ୯୦ କୋଟି ୨୦ ଲକ୍ଷ ୫୨ହଜାର ୬୨୧ ଟଙ୍କା ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରେରଣ କରାଯାଇଥିଲା। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଲେ, ଏସ୍‌ଏଚ୍‌ଜିଙ୍କୁ ନିୟମିତ ସୁଧ ଫେରସ୍ତ ପାଇଁ ସରକାର ପ୍ରତିବଦ୍ଧ। ଏହା ସଦସ୍ୟାଙ୍କ ଅର୍ଥନୈତିକ ଭାଗୀଦାରିକୁ ଆହୁରି ସଶକ୍ତ କରିବ। ଉପମୁଖ୍ୟମନ୍ତ୍ରୀ ପରିଡ଼ା ଉପସ୍ଥିତ ବ୍ୟାଙ୍କ ପ୍ରତିନିଧିମାନଙ୍କ ସହ ଏସ୍‌ଏଚ୍‌ଜିଙ୍କ ବ୍ୟାଙ୍କ ଋଣ କାର୍ଯ୍ୟକ୍ରମ ବିଷୟରେ ଆଲୋଚନାକରି ବିତ୍ତୀୟ ପରିଚାଳନା ବିଷୟରେ ସଚେତନ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଭାଗୀୟ କମିଶନର ଗିରିଶ ଏସ. ଏନ୍. ସ୍ୱାଗତ ଭାଷଣରେ କହିଲେ, ଏହି ପଦକ୍ଷେପ ମହିଳା-ନେତୃତ୍ୱାଧୀନ ଉଦ୍ୟୋଗମାନଙ୍କୁ ଆର୍ଥିକ ଭାବେ ଅଧିକ ସଶକ୍ତ କରିବା ସହ ରାଜ୍ୟର ଆର୍ଥିକ ପ୍ରଗତିରେ ମହିଳାମାନଙ୍କ ଅବଦାନକୁ ଆହୁରି ସୁଦୃଢ଼ କରୁଛି। ୨୦୨୫-୨୬ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ୩୧୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସୁଧ ଫେରସ୍ତ କରାଯାଇଛି। ବିଭାଗୀୟ ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶିନୀ, ଅତିରିକ୍ତ ସଚିବ ଏବଂ ଓଡ଼ିଶା ଜୀବିକା ମିଶନର ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିସହ ବିଭିନ୍ନ ବ୍ୟାଙ୍କର ପ୍ରତିନିଧିଙ୍କ ସହ ବିଭାଗର ସମସ୍ତ କ୍ଷେତ୍ରସ୍ତରୀୟ କର୍ମଚାରୀ, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାବୃନ୍ଦ ଆଭାସି ମାଧ୍ୟମରେ ଯୋଗଦେଇଥିଲେ।

# ଖବରଦାତାଙ୍କ ମାତୃ ବିୟୋଗ



ସରୋଜିନୀ ଦେବୀ

ବ୍ରହ୍ମପୁର,୧୮।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ଧରିତ୍ରୀ ବ୍ରହ୍ମପୁରର ବରିଷ୍ଠ ଖବରଦାତା ଅଶୋକ କୁମାର ସାହୁଙ୍କ ମା’ ସରୋଜିନୀ ଦେବୀ(୭୮)ଙ୍କ ଗୁରୁବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ଗଜପତି ନଗର ୪ର୍ଥ ଲାଇନରେ ରହୁଥିବା ସରୋଜିନୀଙ୍କ ଗତ ମାସେ ତଳେ ବ୍ରେନ୍ ଷ୍ଟ୍ରୋକ ହୋଇଥିଲା। ସେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ରହିଥିଲେ। ସେ ଜଣେ ଧର୍ମପରାୟଣା ଓ ମିଷ୍ଟଭାଷୀ ମହିଳା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ଆନନ୍ଦ ପାତ୍ର, ବଡ଼ପୁଅ ଅଶୋକ ସାହୁ, ବଡ଼ବୋହୂ ସଂଯୁକ୍ତା କୁମାରୀ ସାହୁ, ସାନବୋହୂ ବିନିତା କୁମାରୀ ସାହୁ, ବଡ଼ନାତି କୃଷ୍ଣଚରଣ ସାହୁ ଓ ଝିଅଜ୍ୱାଇଁ ଉପସ୍ଥିତ ଥିଲେ। ସରୋଜିନୀଙ୍କ ସାନପୁଅ ଦିଲ୍ଲୀରେ କାମ କରୁଥିବା ବେଳେ ସେ ଆସିବା ପରେ ମରଶରୀର ପୁରୀ ସ୍ୱର୍ଗଦ୍ୱାରଠାରେ ସତ୍କାର କରାଯିବ ବୋଲି ପରିବାର ପକ୍ଷରୁ କୁହାଯାଇଛି।

# ରାଜ୍ୟର ସମସ୍ତ ପର୍ଯ୍ୟଟନସ୍ଥଳରେ ବଢ଼ିବ ସୁରକ୍ଷା

ଭୁବନେଶ୍ୱର,୧୮।୧୨ (ତ୍ରିନାଥ ମହାନ୍ତି)

**ଧଉଳି ଗଣବଳାତ୍କାର ପରେ ଚେତିଲା ପୋଲିସ**

- ମୁତୟନ ହେବେ ଟୁରିଷ୍ଟ ପୋଲିସ, ପାଟ୍ରୋଲିଂ ବଢ଼ିବ: ଏଡିଜି
- ୩ ବର୍ଷରେ ୧୪୯ରୁ ଅଧିକ ମାମଲା ପର୍ଯ୍ୟଟନ ସ୍ଥଳରୁ ଆସିଛି

ଐତିହ୍ୟସ୍ଥଳ ଶାନ୍ତିସ୍ତୂପ ଧଉଳି ପାଦଦେଶରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର ଘଟଣା ପରେ ରାଜ୍ୟରେ ଥିବା ପର୍ଯ୍ୟଟନ ସ୍ଥଳରେ ମହିଳାଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ପୂର୍ବରୁ ମଧ୍ୟ ଲିଙ୍ଗରାଜ ମନ୍ଦିରକୁ ବୁଲି ଆସିଥିବା ଜଣେ ବିଦେଶୀ ପର୍ଯ୍ୟଟକଙ୍କୁ ଅସଦାଚରଣ କରାଯାଇଥିବା ବେଳେ ଖଣ୍ଡଗିରିରେ ଜଣେ ଯୁବତୀଙ୍କୁ ଅସଦାଚରଣ ସହ ବ୍ଲାକ୍‌ମେଲିଂ କରାଯାଇଥିଲା। ସେହିପରି ନନ୍ଦନକାନନରେ ମଧ୍ୟ ଏକାଧିକ ପର୍ଯ୍ୟଟକ ଅସଦାଚରଣର ଶିକାର ହେଉଥିବା ନଜିର ରହିଛି। ଜିଲା ପୋଲିସ ସୁରକ୍ଷା ଓ ପାଟ୍ରୋଲିଂ କାରଣରୁ ଏପରି ଘଟଣା ବାରମ୍ବାର ଘଟୁଥିବା ଅଭିଯୋଗ ହେଉଛି। ତେବେ ଧଉଳି ଘଟଣା ପରେ ରାଜ୍ୟ ପୋଲିସର ଚେତା ପଶିଛି। ରାଜ୍ୟରେ ଥିବା ପ୍ରମୁଖ ପର୍ଯ୍ୟଟନସ୍ଥଳରେ ପାଟ୍ରୋଲିଂ କଡ଼ାକଡ଼ି ସହ ଟୁରିଷ୍ଟ ପୋଲିସ ଅଧିକ ନିୟୋଜିତ କରିବାକୁ ଡିଜିପି ସମସ୍ତ ଏସ୍‌ପି ଏବଂ ଡିସିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ପିକ୍‌ନିକ୍ ଋତୁରେ ଅଧିକ ସଜାଗ ରହିବାକୁ କୁହାଯାଇଛି। ବିଶେଷକରି ପର୍ଯ୍ୟଟନସ୍ଥଳରେ ଅସାମାଜିକ ବ୍ୟକ୍ତିମାନେ ଅସଦାଚରାଣ, ଲୁଟ୍‌ପାଟ କରୁଥିବାବେଳେ ମଦ୍ୟପମାନେ ବେଶି ଉତ୍ପାତ କରୁଥିବା ଦେଖିବାକୁ ମିଳୁଛି। ଏମାନଙ୍କୁ ସାବାଡ଼ କରିବା ସହ ପର୍ଯ୍ୟଟନସ୍ଥଳ ନିକଟରେ ମଦ କାରବାର ବନ୍ଦ ପାଇଁ ଡିଜିପି ଗୁରୁତ୍ୱ ଦେଇଛନ୍ତି। ସନ୍ଧ୍ୟା ପରଠୁ ପର୍ଯ୍ୟଟନ ସ୍ଥଳରେ ଅଧିକ ପୋଲିସ ମୁତୟନ ସହ ବିଟ୍ ପାଟ୍ରୋଲିଂ କରିବାକୁ କୁହାଯାଇଛି।

ରିପୋର୍ଟ ଅନୁସାରେ, ଗତ ୩ବର୍ଷରେ ରାଜ୍ୟର ବିଭିନ୍ନ ପର୍ଯ୍ୟଟନ ସ୍ଥଳରେ ୧୪୯ରୁ ଅଧିକ ଆପରାଧିକ ଘଟଣା ଘଟିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏଥିରେ ମହିଳା ନିର୍ଯାତନା ନେଇ ୪୮ରୁ ଅଧିକ ମାମଲା ଓ ଲୁଟ୍‌ପାଟ ନେଇ ୬୦ଟି ମାମଲା ହୋଇଛି। ବାକି ମାମଲା ପର୍ଯ୍ୟଟନସ୍ଥଳରେ ଗଣ୍ଡଗୋଳ ପାଇଁ ହୋଇଥିବା ଜଣାପଡ଼ିଛି। ତେଣୁ ପୁରୀ, କୋଣାର୍କ, ଲିଙ୍ଗରାଜ, ଧଉଳି, ଖଣ୍ଡଗିରି, ଉଦୟଗିରି, ନନ୍ଦନକାନନ, ପାରାଦୀପ ବନ୍ଦର, ଗୋପାଳପୁର, ବାଲେଶ୍ୱର ସମୁଦ୍ରକୂଳ, ସମ୍ବଲପୁର ହୀରାକୁଦ ଡ୍ୟାମ୍ ଆଦି ପର୍ଯ୍ୟଟନସ୍ଥଳରେ ପୋଲିସ ପାଟ୍ରୋଲିଂ ବଢ଼ିବ। ସେହିଭଳି ଅନ୍ୟ ରାଜ୍ୟ ଭଳି ପ୍ରତି ପର୍ଯ୍ୟଟନ ସ୍ଥଳୀରେ ସ୍ୱତନ୍ତ୍ର ଆଉଟ୍‌ପୋଷ୍ଟ କରାଯାଇ ଆବଶ୍ୟକ ଟୁରିଷ୍ଟ ପୋଲିସକୁ ନିୟୋଜିତ କରାଯିବ। ଏମାନେ ସ୍ୱତନ୍ତ୍ର ପୋଷାକ ପିନ୍ଧି କାର୍ଯ୍ୟ କରିବେ। କୌଣସି ଆପରାଧିକ କାର୍ଯ୍ୟକଳାପ ନେଇ ସୂଚନା ମିଳିବା ମାତ୍ରେ ତୁରନ୍ତ ପଦକ୍ଷେପ ନେବାକୁ କୁହାଯାଇଛି।

ଏନେଇ ଆଇନ ଶୃଙ୍ଖଳା ଏଡିଜି ସଞ୍ଜୟ କୁମାର କହିଛନ୍ତି, ଏବେ ପର୍ଯ୍ୟଟନ ଋତୁ ଚାଲିଛି। ଆଗକୁ ନୂଆ ବର୍ଷ ଆସୁଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ପର୍ଯ୍ୟଟନ ସ୍ଥଳରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇବା ପାଇଁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଏସବୁ ସ୍ଥାନରେ ଅପରାଧ ରୋକିବାକୁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## କିସ୍‌ରେ ୯ମ ଶ୍ରେଣୀ ଛାତ୍ରଙ୍କୁ ହତ୍ୟା ଘଟଣା

# ଏନ୍‌ସିଏସ୍‌ଟିଙ୍କ ରିପୋର୍ଟ ତଲବ

ଭୁବନେଶ୍ୱର,୧୮।୧୨ (ସତ୍ୟଜିତ ରାଉତ)

କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ (କିସ୍)ରେ ପଢୁଥିବା ନବମ ଶ୍ରେଣୀ ଛାତ୍ର କେନ୍ଦୁଝରର ଶିବ ମୁଣ୍ଡାଙ୍କ ହତ୍ୟା ଘଟଣାକୁ ଜାତୀୟ ଅନୁସୂଚିତ ଜନଜାତି ଆୟୋଗ (ଏନ୍‌ସିଏସ୍‌ଟି) ଗୁରୁତ୍ୱର ସହ ନେଇ ନିଜ ଆଡୁ ମାମଲା ପଞ୍ଜୀକୃତ କରିଛନ୍ତି। ଏଥିସହ ରାଜ୍ୟ ଗଣଶିକ୍ଷା ସଚିବ, ଖୋର୍ଦ୍ଧା ଜିଲାପାଳ ଓ ଏସ୍‌ପିଙ୍କୁ ମଧ୍ୟ ରିପୋର୍ଟ ତଲବ କରାଯାଇଛି। ଏହି ଘଟଣାରେ ଏଯାଏ କ’ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ତାହା ୩ଦିନ ମଧ୍ୟରେ ଜଣାଇବାକୁ ନୋଟିସରେ ନିର୍ଦ୍ଦେଶ ଦିଆଯାଇଛି। ଏପରିକି ରିପୋର୍ଟ ଆସିବା ପରେ ଆୟୋଗର ଏକ ଟିମ୍ ଭୁବନେଶ୍ୱର ଆସି ତଦନ୍ତ ମଧ୍ୟ କରିବେ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ, ଏହି ମାମଲାରେ ବୁଧବାର ଇନ୍‌ଫୋସିଟି ଥାନା ପୋଲିସ କିସ୍‌ର ୮ଜଣ କର୍ମଚାରୀଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ସେହିପରି ସମ୍ପୃକ୍ତ ୩ ନାବାଳକ ଛାତ୍ରଙ୍କୁ ବାଳସୁଧାର ଗୃହକୁ ପଠାଯାଇଥିଲା। ବାଥ୍‌ରୁମ୍‌ରେ ବାଲ୍‌ଟି ନ ଦେବାରୁ ଶିବଙ୍କ ତଣ୍ଟିଚିପି ସହପାଠୀମାନେ ହତ୍ୟା କରିଥିଲେ ବୋଲି ପୋଲିସ କହିଥିଲା। ୧୧ ତାରିଖ ରାତିରେ ଏହି ଘଟଣା ଘଟିଥିଲା। ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ପୋଲିସକୁ ନ ଜଣାଇ ମୃତଦେହକୁ ତାଙ୍କ ବାପାଙ୍କୁ ହସ୍ତାନ୍ତର କରିବା ସହ ନିଜ ଗ୍ରାମ କେନ୍ଦୁଝର ପଠାଇଦେଇଥିଲେ।


**DISTRICT PROJECT OFFICE**
**SAMAGRA SIKSHYA, SUNDARGARH**
E-mail : dpcsndgssa@nic.in
No.3903/Ped/2025 Dated.18.12.2025

**TENDER CALL NOTICE**

Sealed tender under two bid systems are invited from reputed agency/ suppliers/manufacturer having valid PAN, GST & IT clearance along with registration of firm etc. for supply of equipment for OVEP activities. The tender paper (bid documents) containing detailed specification with terms & conditions, application for technical and financial bid can be downloaded from district website i.e. http://www.sundargarh.odisha.gov.in and OSEPA website i.e. www.osepa.odisha.gov.in. The last date and time for submission of tender paper is 15- 01-26 by 4 PM and will be opened on 16-01-26 at 11`AM in the office of the Collector, Sundargarh in the presence of bidders or their authorized representative. Corrigendum/ addendum if required will be uploaded in the above website. Hence, the potential bidders are requested go through the above website for any updates. The authority reserves all the rights to reject/modify or cancel part or whole tender without assigning any reason thereof.

By Order of
Collector-cum-Chairperson,
SS, Sundargarh
Sd./- DEO & DPC, SS, Sundargarh

**BERHAMPUR UNIVERSITY**
**BHANJA VIHAR, BERHAMPUR-760007 (ODISHA)**
Letter No.8133/Adm-I (TE) Date:18.12.2025

**WALK-IN-INTERVIEW**

Walk-in-Interview will be held for engagement of **02 (TWO)** Assistant Professors **(English -1 post and Botany -1 post)** in Liberal Discipline and Pedagogy for ITEP on contractual basis in the **School of Education, Berhampur University** for Integrated Teacher Education Programme (ITEP) to be engaged from the academic session 2026-27 under Self-Financing mode.

The Walk-in-Interview will be held in the **New Syndicate Hall, Berhampur University** on **22.12.2025 at 10.30 A.M.** The tenure of the post is initially for one year and may be extended on year-to-year basis with one day break subject to satisfactory performance. In no circumstances the appointed contractual teachers shall claim for regular teaching posts and for this they have to give an undertaking on Non-Judicial Stamp Paper. For all purposes, they shall abide by Self-Financing Course Guidelines of the University.

The University reserves the right to cancel the Walk-in-Interview without assigning any reason thereof. For further details on number of posts, eligibility criteria etc., please visit University website: **www.buodisha.edu.in.**

By Order of the Vice-Chancellor
Sd./- REGISTRAR

**SBI STATE BANK OF INDIA**
**Regional Business Office - IV, Khurda**

**ORDER**

Note No.: RBO-IV/HR/2025-26/20 Date: 28.05.2025

**STAFF: AWARD VOLUNTARY VACATION OF EMPLOYMENT UNDER CLAUSE 28 OF THE 8TH BIPARTITE SETTLEMENT DATED 02.05.2005**

**Shri Ranjan Rana,** Associate (CSS), PF ID: 8408920, posted at Banki Branch (0222) is absenting from duty unauthorisedly since 24.06.2024 without submitting an application for leave.

02. Banki Branch (0222) has issued 1st notice for voluntary vacation of employment to Shri Rana Vide Letter No. BR/STAFF/2024-25/24 Dated 15.10.2024 and 2nd notice vide Letter No. BR/STAFF/2024-25/14 Dated 26.11.2024 through Registered Post with AD on his last known address available with the Bank calling upon him to report for duty and submit satisfactory explanation for his unauthorised absence within 30 days from the date of notice. But both the notices have been returned with reason “addressee moved”. Notice for voluntary vacation of employment was also published in two daily newspapers, the Dharitri (Odia) and The New Indian Express (English) on 10.04.2025. Shri Rana has, so far, not complied with the instructions contained therein.

03. Now, that Shri Rana has failed to report for duly in spite of the above notices, it is deemed that he has voluntarily vacated his employment amounting to voluntary resignation from the service of the Bank with effect from 12.05.2025.

04. Shri Ranjan Rana is advised to pay one month emoluments within 15 days of the receipt of this order, failing which, the Bank will be constrained to set off the same against his terminal dues and any other amount payable to him, if any, without prejudice to recovering the full amount or part thereof through Competent Count by way of suit.

Sd/- Regional Manager,
State Bank of India, RBO, Khurda

**AUCTION NOTICE**

**Condemned Technical Equipments of SIB Bhubaneswar are to be disposed off.**

Interested parties may inspect during office hours from 1000 hrs to 1300 hrs & 1500 hrs to 1800 hrs on any working day before 05.01.2026 and submit the sealed quotations by 1700 hrs on 05.01.2026 along with a demand draft (not A/c Payee) of Rs. 2000/- as EMD in favour of DDO, SIB Bhubaneswar payable at SBI Main Branch, Bhubaneswar. Quotation should be submitted either by hand or by DAK in a sealed cover superscribed as “Quotation for auction of Technical Store” and addressed to Assistant Director, SIB (MHA), Bidyut Marg, Unit-V, Bhubaneswar-751001, Telephone No. 0674-2395680. Quotations will be opened in presence of supervising officers and parties present on 06.01.2026 at 1130 hrs.

Quotations of the highest bidder will be accepted as a whole to the best advantage of Govt. and decision of the supervising officers will be final. The highest bidder has to deposit 25% of the bid value on the spot and the remaining 75% of the total bid value will be deposited within seven days before lifting of auctioned articles, failing of which the offer will be rejected and the amount deposited is to be seized. GST of 5% is to be deposited in government account by the highest bidder, having NGT certificate and GST of 18% is to be deposited in government account by the highest bidder, not having NGT certificate. GST deposit receipt is to be submitted before lifting of articles. The prospective bidder has to deal with the hazardous waste/scrap batteries/e-waste as per NGT guidelines with their responsibility. The Head of the office reserves the right to cancel any bid without assigning any reason thereof.

**Office Address: SIB Office (MHA), Govt. Of India, Bidyut Marg, Unit-V, Bhubaneswar.**

Sd./- Assistant Director

**e-Procurement Cell**
**Executive Engineer, National Rural Employment Programme, Ranchi**
**JHARKHAND, RANCHI**

**Very Short Term e-Procurement Notice**
**Tender Reference No.31/2025-26**

| Sl. No | Name of Scheme | Estimated Amount (Lac) | Earnest Money (Lac) | BoQ Cost | Scheme Completion Date | Tools & Plant |
|---|---|---|---|---|---|---|
| 1 | चान्हो प्रखण्ड अन्तर्गत Govt UPG High School Sons के लिए सात कमरो का निर्माण | 102.36350 | 205000.00 | 10000.00 | 12 month | कार्य के अनुरूप |
| 3 | Date of Publication of Tender on Website | 20.12.2025 at 9:00 AM | | | | |
| 4 | Start Date of Submission of Bids | 20.12.2025 at 11:00 AM | | | | |
| 5 | Last Date/Time of Submission of Bids | 26.12.2025 at 11:00 AM | | | | |
| 6 | Date/Time of opening of Bid | 29.12.2025 at 2:00 PM | | | | |
| 7 | Name & Address of office Inviting tender e-Procurement Cell, | National Rural Employment Programme, Ranchi. | | | | |
| 8 | Helpline Number of e-procurement Cell | 94727-45569 | | | | |

**Any change can be seen on Website *http:// Jharkhandtenders.gov.in.***
***Any other information can be seen on http:// Jharkhandtenders.gov.in.***

Nodal Officer, e-Procurement Cell
PR 368908 NREP(25-26)#D Executive Engineer, National Rural Employment Program me, Ranchi

ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ଦ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ, ୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ୍‌ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE), IICA Building, 7th Floor, Plot P- 6, 7, 8, Sector-5, IMT Manesar, Gurgaon, Haryana - 122050
Email: roc.cpace@mca.gov.in

**ଫର୍ମ ନଂ. ଏସ୍‌ଟିକେ-୬**
**ସର୍ବସାଧାରଣ ବିଜ୍ଞପ୍ତି**

*[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]*

ସର୍ବସାଧାରଣ ନୋଟିସ: ଆର୍‌ଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୫-୨୬/୧୫୬୦ ତାରିଖ:- ୧୨।୧୨।୨୦୨୫
ସନ୍ଦର୍ଭ:
କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୩)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏବି୮୭୫୮୮୭୯ | ୟୁ୫୨୬୦୯ଓଆର୍‌୨୦୨୨ପିଟିସି୦୩୯୭୬୩ | ମହାକୁଡ଼ ଆସୋସିଏଟ ଟ୍ରେଡିଂ ଏଣ୍ଟରପ୍ରାଇଜେସ୍ ପ୍ରାଇଭେଟ୍ ଲିମିଟେଡ୍ |
| ୨ | ଏବି୮୭୭୧୮୮୪ | ୟୁ୭୪୯୯୪ଓଆର୍‌୨୦୧୮ପିଟିସି୦୨୮୮୪୫ | ଏନ୍‌ପିଏସ୍‌ଏମ୍ ଇନ୍‌ଫ୍ରା ପ୍ରାଇଭେଟ୍ ଲିମିଟେଡ୍ |
| ୩ | ଏବି୯୦୫୬୩୯୭ | ୟୁ୫୧୯୦୯ଓଆର୍‌୨୦୨୨ପିଟିସି୦୩୮୯୧୯ | ଟଣ୍ଡନ ବୁଲିୟନ ଏନ୍ ଜୁଏଲର୍ସ ପ୍ରାଇଭେଟ୍ ଲିମିଟେଡ୍ |

(୨) ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ୧ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍‌ସନ୍‌କୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏ’ର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ-ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନଙ୍କ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି।
(୩) ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି।
(୪) କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି।

ଇର୍କନ ଟିର୍କୀ, ସହକାରୀ ନିବନ୍ଧକ
ଦ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର
CBC 07123/11/0520/2526

**କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ**
ସା:ପୋ - କେନ୍ଦୁଝରଗଡ଼, କେନ୍ଦୁଝର-୭୫୮୦୦୧ (ଓଡ଼ିଶା)
**KEONJHAR CENTRAL CO-OPERATIVE BANK LTD.**
AT/PO : KEONJHARGARH, KEONJHAR - 758001 (Odisha)
Email : kendujharccb@gmail.com
Telephone : (06766) 255183, 251745, Fax : 253137
No.KCCB/6157/HRD/2025-26 Date : 17.12.2025

**Fresh Expression of Interest**

It is hereby notified that the earlier Expression of Interest Notice No. 5760 dated 01.12.2025 issued for selection of Insurance Company for providing Group Mediclaim Insurance Policy has been cancelled on technical grounds due to non-availability of sufficient number of eligible bidders.

In this regard, fresh Expressions of Interest are invited from IRDAI Accredited Insurance Companies for providing a fresh Group Mediclaim Insurance Policy for Bank Employees along with their dependents (spouse, first Two dependent children up to the age of 25 years) for the year 2026, commencing from 00:00 hours on 01 January 2026 to midnight of 31 December 2026. The tender documents must reach the office of the undersigned in a sealed envelope on or before 24.12.2025 by 11:00 A.M. Delay in receipt of tender documents/bids after the due date and time will not be entertained at all and the undersigned will, in no way, be responsible for the same. The quotations so received shall be opened at 01:00 P.M. on 24.12.2025 in the Conference Hall of the Bank, in presence of the bidders or their authorized representatives, if any.

The detailed terms and conditions of the tender may be downloaded from the Bank’s website www.kendujharccb.com. The Authority of the Bank reserves the right to accept or reject any or all quotations without assigning any reason thereof.

Sd./- Chief Executive Officer
Keonjhar Central Cooperative Bank Ltd


Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ




**SHOWROOMS: ODISHA:** RENAULT **CUTTACK** Ph: 9311772648. RENAULT **BHUBANESWAR** Ph: 8860076082, RENAULT **BHUBANESWAR CENTRAL** Ph: 7428190232. RENAULT **BHAWANIPATNA** Ph: 9311733963. RENAULT **JEYPORE** Ph: 9311596618. RENAULT **SAMBALPUR** Ph: 8448890323.

ଧରିତ୍ରୀ 52 Years
ପୃଷ୍ଠା–୮+୮
ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୧୯/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Friday, December 19/2025 | Page 16 | ₹ 7.00 | DHENKANAL
୫୨ଶ ଭାଗ ୨୬ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 52 ISSUE 26 | ମୂଲ୍ୟ ₹୭/-

# ବାଂଲାଦେଶରେ ଭାରତ ବିରୋଧୀ ବିକ୍ଷୋଭ

## ଦିଲ୍ଲୀର ମୁଣ୍ଡ କାଟିଦେବୁ: ଛାତ୍ରନେତାଙ୍କ ଧମକ



ରାଜଶାହିରେ ଭାରତ ବିରୋଧୀ ସ୍ଲୋଗାନ ଦେଉଛନ୍ତି ବିକ୍ଷୋଭକାରୀ।

**ଢାକା,୧୮।୧୨**

ବାଂଲାଦେଶରେ ଗୁରୁବାର ପୁଣି ମୁଣ୍ଡ ଟେକିଛି ଭାରତ ବିରୋଧୀ ଆନ୍ଦୋଳନ। ବିକ୍ଷୋଭକାରୀମାନେ ରାଜଶାହିସ୍ଥିତ ଭାରତୀୟ ମିଶନକୁ ଶୋଭାଯାତ୍ରା କରିବାରୁ ସେଠାରେ ଦିନକ ପାଇଁ ଅପରେଶନ୍ ବନ୍ଦ କରିଦିଆଯାଇଛି। ଏଥିସହ ୨ଟି ସେଣ୍ଟରରେ ସେବା ପ୍ରଦାନକୁ ମଧ୍ୟ ବନ୍ଦ ରଖାଯାଇଛି। ଢାକାରେ ବାଂଲାଦେଶୀ ନେତା ତଥା ପୂର୍ବତନ ଛାତ୍ରନେତା ହସନତ୍ ବୁଧବାର ଏକ ବିକ୍ଷୋଭ ସମାବେଶରେ ଯୋଗଦେଇ କହିଥିଲେ, ଆମେ ପୁନର୍ବାର ଜିତିବୁ, ପାର୍ଲାମେଣ୍ଟରେ ପହଞ୍ଚିବୁ ଓ ଦିଲ୍ଲୀର ମୁଣ୍ଡ କାଟିଦେବୁ।

ବାଂଲାଦେଶର କ୍ଷମତାଚ୍ୟୁତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଭାରତକୁ ପଳାୟନ କରିବା ଏବଂ ଅନ୍ତରୀଣ ସରକାର ମୁଖ୍ୟ ଭାବେ ମହମ୍ମଦ ୟୁନୁସ୍ ଅବସ୍ଥାପିତ ହେବା ପରଠୁ ପଡ଼ୋଶୀ ଦେଶରେ ଭାରତ ବିରୋଧୀ ଆଭିମୁଖ୍ୟ ବଢ଼ିବାରେ ଲାଗିଛି। ଗୋଟିଏ ପରେ ଗୋଟିଏ ଆନ୍ଦୋଳନ ମୁଣ୍ଡ ଟେକୁଛି। ୨୦୨୪ ଜୁଲାଇରେ ହାସିନା ସରକାର ବିରୋଧୀ ଆନ୍ଦୋଳନର ନେତୃତ୍ୱ ନେଇଥିବା ନ୍ୟାଶନାଲ ସିଟିଜେନ୍ ପାର୍ଟି (ଏନ୍‌ସିପି) ସଦସ୍ୟ ହସନତ୍ ନୂଆଦିଲ୍ଲୀ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ନୂଆଦିଲ୍ଲୀ ବାଂଲାଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ତତ୍ପରତାର ସହ ହସ୍ତକ୍ଷେପ କରୁଛି ବୋଲି ସେ କହିଛନ୍ତି। ବିଶେଷକରି କିଛିଦିନ ହେଲା ଛାତ୍ରୀଛାତ୍ରଙ୍କ ନେତୃତ୍ୱରେ ଆୟୋଜିତ ବିକ୍ଷୋଭ ସମାବେଶଗୁଡ଼ିକରେ ଭାରତ ବିରୋଧୀ ସ୍ଲୋଗାନ ଦିଆଯାଉଛି। ୨୦୨୬ ଫେବୃଆରୀ ୧୨ରେ ଦେଶରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ଉଗ୍ର ଜାତୀୟତାବାଦକୁ ସେଠାରେ ଉସୁକାଇ ରାଜନୈତିକ ଲାଭ ଉଠାଇବା ପାଇଁ ଉଦ୍ୟମ ଜୋର୍ ଧରିଛି। 'ଜୁଲାଇ ୟୁନିଟି' ପକ୍ଷରୁ ବୁଧବାର ଆୟୋଜିତ ଏକ ବିକ୍ଷୋଭ ସମାବେଶ ବେଳେ ହାସିନା ଓ ତାଙ୍କ ନେତୃତ୍ୱାଧୀନ ଆୱାମି ଲିଗ୍‌ର ଅନ୍ୟ ନେତାମାନଙ୍କ ପ୍ରତ୍ୟର୍ପଣ ଦାବି କରାଯାଇଥିଲା। ସେହିପରି ଭାରତର (ସେଭେନ୍ ସିଷ୍ଟର୍ସ) ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ ଛଡ଼ାଇନେବୁ ବୋଲି ମଧ୍ୟ ଧମକ ଦିଆଯାଇଥିଲା। ଏହା ପରେ ନୂଆଦିଲ୍ଲୀରେ ଅବସ୍ଥାପିତ ବାଂଲାଦେଶର ଉଚ୍ଚାୟୁକ୍ତ ମୁହମ୍ମଦ ରିଆଜ୍ ହମିଦୁଲ୍ଲାଙ୍କୁ ଭାରତ ପକ୍ଷରୁ ସମନ କରାଯାଇଥିଲା। ଏହାସତ୍ତ୍ୱେ ବାଂଲାଦେଶରେ ଭାରତୀୟ ମିଶନ ବିରୋଧରେ ଆନ୍ଦୋଳନ ଜାରି ରହିଛି। ପଦ୍ମ ରେସିଡେନ୍ସିଆଲ ଏରିଆରେ ଥିବା କନ୍‌ସୁଲେଟ୍‌କୁ ଯାଇ ବିକ୍ଷୋଭକାରୀମାନେ ଭଙ୍ଗାରୁଜା କରିଛନ୍ତି। ତେବେ ପ୍ରଗତି ସାରଣୀରେ ସେମାନଙ୍କୁ ହଟାଯିବା ପରେ ବିକ୍ଷୋଭକାରୀମାନେ ଧାରଣାରେ ବସିଛନ୍ତି। ବାବରଙ୍କ ପଥ ଅନୁସରଣ କର ଏବଂ ସାତଭଉଣୀକୁ ମୁକ୍ତ କର ବୋଲି ସେମାନେ ସ୍ଲୋଗାନ ଦେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ସୁରକ୍ଷା କାରଣରୁ ଖୁଲନା ଓ ରାଜଶାହିରେ ଥିବା ଭିଜା ଆପ୍ଲିକେଶନ୍ ସେଣ୍ଟରକୁ ବନ୍ଦ କରିଦିଆଯାଇଥିବା ହାଇକମିଶନ ଅଫିସର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ବାଂଲାଦେଶର ଅନ୍ତରୀଣ ସରକାର ମିଶନ ଓ ପୋଷ୍ଟଗୁଡ଼ିକରେ କୂଟନୈତିକ ଉତ୍ତରଦାୟିତ୍ୱ ସମ୍ପାଦନ ପୂର୍ବକ ଅଧିକାରୀମାନଙ୍କ ସୁରକ୍ଷା ସୁନିଶ୍ଚିତ କରନ୍ତୁ।

# ସୃଷ୍ଟି ହେଲା ୩୮,୭୦୦ କୋଟିର ପୁଞ୍ଜି ନିବେଶ: ମୁଖ୍ୟମନ୍ତ୍ରୀ

## ଦୁଇଦିନିଆ ଇନ୍‌ଭେଷ୍ଟର୍ସ ମିଟ୍

**ଭୁବନେଶ୍ୱର,୧୮।୧୨**
**(ରବିନାରାୟଣ ଜେନା)**

ଓଡ଼ିଶାକୁ ଏକ ଶିଳ୍ପ ସମୃଦ୍ଧ ରାଜ୍ୟ ଭାବେ ଗଢ଼ିତୋଳିବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଏହାକୁ ନେଇ ସରକାରଙ୍କ ପକ୍ଷରୁ ହାଇଦ୍ରାବାଦ୍‌ରେ ଅନୁଷ୍ଠିତ ଇନ୍‌ଭେଷ୍ଟର୍ସ ମିଟ୍‌ର ପ୍ରଥମ ଦିନରେ ଓଡ଼ିଶାକୁ ବଡ଼ ସଫଳତା ମିଳିଛି। ଗୋଟିଏ ଦିନରେ ୩୮,୭୦୦ କୋଟି ଟଙ୍କାର ପୁଞ୍ଜି ନିବେଶ ପାଇଁ ସୁଯୋଗ ସୃଷ୍ଟି ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହାଇଦ୍ରାବାଦରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ଦୁଇଦିନିଆ ନିବେଶ ରୋଡ୍–ଶୋ 'ଓଡ଼ିଶା ନିବେଶକ ସମ୍ମିଳନୀ' ଅବସରରେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଅକ୍ଷୟଶକ୍ତି, ବସ୍ତ୍ର, ଖାଦ୍ୟ ପ୍ରକ୍ରିୟାକରଣ, ଇଞ୍ଜିନିୟରିଂ ସାମଗ୍ରୀ, ଯାନବାହନ ଉପାଦାନ, ଔଷଧ ନିର୍ମାତାଙ୍କ ସହିତ ଚିକିତ୍ସା ଉପକରଣ, ଏବଂ କ୍ୟାପିଟାଲ ଉପକରଣ କମ୍ପାନୀ ସହିତ ୱାନ୍ ଟୁ ୱାନ୍ ଆଲୋଚନା କରିଛନ୍ତି। ପରେ ଇନ୍ଦୋରାମା ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ଜିନ୍ଦଲ୍ ପଲି ଫିଲ୍ମସ୍ (ରେୟାର ଆର୍ଥ ପ୍ରୋସେସିଂ), ଏବିଆଇ ଶୋୱାଟେକ୍ ପ୍ରାଇଭେଟ୍ ଲିମିଟେଡ୍ (ପ୍ରତିରକ୍ଷା ଉତ୍ପାଦନ), ମାରୁତି (ଧାତୁ ଏବଂ ଡାଉନଷ୍ଟ୍ରିମ୍ ସେକ୍ଟର) ଏବଂ ଅନ୍ୟାନ୍ୟ ଅଗ୍ରଣୀ କମ୍ପାନୀମାନଙ୍କ ସହ ଆଲୋଚନା କରିଛନ୍ତି। ଆଲୋଚନା ପରେ ପ୍ରାୟ ୧୯,୫୦୦ କୋଟି ଟଙ୍କାର ନିବେଶ ସମ୍ଭାବନା ସୃଷ୍ଟି ହୋଇଥିଲା, ଯାହା ମାଧ୍ୟମରେ ପ୍ରାୟ ୭,୫୦୦ଙ୍କୁ ନିଯୁକ୍ତି ମିଳିପାରିବ। ସମ୍ମିଳନୀ ଅବସରରେ ୭ଟି ବୁଝାମଣା ସ୍ୱାକ୍ଷରିତ ହୋଇଛି। ଏହା ମାଧ୍ୟମରେ ଆଉ ୧୯,୨୦୦ କୋଟି ଟଙ୍କାର ନିବେଶ ସମ୍ଭାବନା ସୃଷ୍ଟି ହେବା ସହିତ ପ୍ରାୟ ୧୨,୭୦୦ଙ୍କ ପାଇଁ ରୋଜଗାର ସୁଯୋଗ ସୃଷ୍ଟି ହେବ ବୋଲି ସମ୍ମିଳନୀରୁ ଜଣାଯାଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ ଶିଳ୍ପ ଅନୁକୂଳ ପରିବେଶ ଶିଳ୍ପଜଗତର ବିଶ୍ୱାସକୁ ପ୍ରତିଫଳିତ କରୁଛି। ନୀତିଗତ ନିଷ୍ପତ୍ତି, ଭବିଷ୍ୟତମୁଖୀ ପରିବେଶ ମାଧ୍ୟମରେ ଦୀର୍ଘକାଳୀନ ସହଯୋଗ ସୃଷ୍ଟି କରିବା ଆମର ମୁଖ୍ୟ ଲକ୍ଷ୍ୟ। ଏହି ରୋଡ୍–ଶୋ ଶିଳ୍ପର ଆକାଂକ୍ଷା ସହ ରାଜ୍ୟର ବିକାଶ ପ୍ରାଥମିକତାକୁ ସମନ୍ୱୟ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ଯୋଗାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ତେବେ ଓଡ଼ିଶା ଫାର୍ମା ସମ୍ମିଳନୀ–୨୦୨୫ ପରେ ଶିଳ୍ପପତିଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ସମ୍ମିଳନୀରେ ଔଷଧ ନିର୍ମାତାମାନଙ୍କ ସହ ଏକ ସେକ୍ଟରାଲ୍ ରାଉଣ୍ଡଟେବୁଲ୍ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ରାଜ୍ୟ ସରକାରଙ୍କ ନୂତନ ଫାର୍ମାସ୍ୟୁଟିକାଲ୍ ନୀତି ଏବଂ ନିର୍ଦ୍ଦିଷ୍ଟ ଔଷଧ ଓ ଚିକିତ୍ସା ଉପକରଣ ପାର୍କଗୁଡ଼ିକର ବିକାଶ ମାଧ୍ୟମରେ ଓଡ଼ିଶାର ଉତ୍ପାଦନ ପରିବେଶକୁ ସୁଦୃଢ଼ କରିବା ଉପରେ ଆଲୋଚନା କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟ ରାଜ୍ୟ ସରକାରଙ୍କ ଶିଳ୍ପ ଓ ଦକ୍ଷତା ବିକାଶ ଏବଂ ଟେକ୍ନିକାଲ୍ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା।




ହାଇଦ୍ରାବାଦ୍‌ରେ ଅନୁଷ୍ଠିତ ୨ ଦିନିଆ ଇନ୍‌ଭେଷ୍ଟର୍ସ ମିଟ୍‌ର ଗୁରୁବାର ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିବେଶକଙ୍କ ସହ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରୁଛନ୍ତି। ନିକଟରେ ଅଛନ୍ତି ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ।




# ବରା ଓ ପାଳ ବାଇଗଣ ଜିଆଇ ମାନ୍ୟତା ପାଇଁ ପ୍ରସ୍ତୁତି ବୈଠକ



ଢେଙ୍କାନାଳ,୧୮।୧୨(ରତନ ନାୟାର)

ଢେଙ୍କାନାଳର ପ୍ରସିଦ୍ଧ ବରା ଓ ପାଳ ବାଇଗଣର ଜିଆଇ (ଭୌଗୋଳିକ ସଂକେତ) ମାନ୍ୟତା ପାଇଁ ନିମନ୍ତେ ଗୁରୁବାର ପୂର୍ବାହ୍ନରେ କୃଷି ବିଜ୍ଞାନ କେନ୍ଦ୍ରର ସମ୍ମିଳନୀ କକ୍ଷଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଆଇଏସ ପ୍ରୋବେସନର ଭଗତ ସାମଲ କଲ୍ୟାଣ ରାଓ ଯୋଗଦେଇ ଢେଙ୍କାନାଳ ଜିଲାର ବରା ଓ ପାଳ ବାଇଗଣ ସ୍ୱତନ୍ତ୍ର ଏବଂ ଖୁବ୍ ସ୍ୱାଦିଷ୍ଟ । ଏହା ଜିଆଇ ମାନ୍ୟତା ପାଇବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏଥି ନିମନ୍ତେ ସମସ୍ତ ବ୍ୟବସାୟୀ ବନ୍ଧୁ, ଚାଷୀଭାଇ, ଗଣ ମାଧ୍ୟମ ପ୍ରତିନିଧି ଓ ବିଭାଗୀୟ ଅଧିକାରୀମାନେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବିଜ୍ଞାନିକ ବିମଳେନ୍ଦୁ ମହାନ୍ତି ସମସ୍ତ ପ୍ରକାରର ତଥ୍ୟ ସଂଗ୍ରହ କରାଯାଇ ଜିଆଇ ମାନ୍ୟତାପ୍ରାପ୍ତି ନିମନ୍ତେ ଆସନ୍ତା ଜାନୁଆରୀ ମାସ ୧୫ ତାରିଖ ମଧ୍ୟରେ ଆବେଦନ କରାଯିବ ବୋଲି କହିଛନ୍ତି। ପାଳ ବାଇଗଣ ସମ୍ପର୍କରେ ସମସ୍ତ ପ୍ରକାରର ତଥ୍ୟ ଏକ କମିଟି ମାଧ୍ୟମରେ ସଂଗ୍ରହ କରାଯିବ । ବରା ସମ୍ପର୍କରେ ପ୍ରାମାଣିକ ତଥ୍ୟ ସଂଗ୍ରହ ପାଇଁ ସୌମ୍ୟବ୍ରତ ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରାଗଲା ସେ ପ୍ରକାଶ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଏହି ପାଳ ବାଇଗଣ ଓ ବରାର ସ୍ୱତନ୍ତ୍ରତା ପରୀକ୍ଷା କରାଯାଇ ଜିଆଇ ମାନ୍ୟତାପ୍ରାପ୍ତି ନିମନ୍ତେ ଆବେଦନ କରାଯିବ ବୋଲି ସେ କହିଥିଲେ। ଏହି ବୈଠକରେ ଜିଲା ମୁଖ୍ୟ କୃଷି ଅଧିକାରୀ, ଡିପିସି, ମିଶନଶକ୍ତି, ଡେପୁଟୀ ସିଇଓ, ଓରମାସ, ସୁଇଟ୍ ଆସୋସିଏସନର ସଭାପତି ଏବଂ ସଂପାଦକ, କପିଳେଶ୍ୱର ମହାଦେବ ଫାର୍ମର ପ୍ରଡ୍ୟୁସର କୋ–ଅପରେଟିଭ ସୋସାଇଟିର କମକର୍ତାଓ ଇଂ. ସୌମ୍ୟବ୍ରତ ସାହୁ ପ୍ରମୁଖ ଯୋଗ ଦେଇ ଢେଙ୍କାନାଳ ବରା ଓ ପାଳ ବାଇଗଣର ଜିଆଇ ମାନ୍ୟତା ପ୍ରାପ୍ତି ସମ୍ପର୍କରେ ଆଲୋଚନା କରିଥିଲେ ।

# ଜିଲାସ୍ତରୀୟ ଜୁନିୟର ରେଡକ୍ରସ୍ ତାଲିମ୍ ଶିବିର ଉଦ୍‌ଯାପିତ



ଢେଙ୍କାନାଳ,୧୮।୧୨(ରତନ ନାୟାର)

ଢେଙ୍କାନାଳ ସହର ଉପକଣ୍ଠ ସୁନ୍ଦରିଖୋଲଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଜିଲାସ୍ତରୀୟ ୩୭ ଜୁନିୟର ରେଡକ୍ରସ୍ ଶିକ୍ଷା ଓ ତାଲିମ୍ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପ୍ରାତଃ ଶିବିରରେ ସର୍ବଧର୍ମ ପ୍ରାର୍ଥନା, ଯୋଗାସନ, ଦିନଚର୍ଯ୍ୟା ଲିଖନ ଓ ପ୍ରଦର୍ଶନୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୌରାଧକ୍ଷା ଜୟନ୍ତୀ ପାତ୍ର, ମୁଖ୍ୟବକ୍ତା ଭାବେ ବିରଂଚି ନାରାୟଣ ପାଣି, ଜୁନିୟର ରେଡ୍‌କ୍ରସ୍‌ର ସମ୍ପାଦକ ଉମେଶ ଚନ୍ଦ୍ର

## ସେବା ମନୋବୃତ୍ତି ନେଇ କାମ କରିବାକୁ ପରାମର୍ଶ

ସାମଲ୍, ଜିଲା ଜୁନିୟର ରେଡକ୍ରସ୍ ଅଧିକାରୀ ସୁବ୍ରତ କୁମାର ମିଶ୍ର, ସଂଗଠନ ସମ୍ପାଦକ ପ୍ରଧାନ ଆଚାର୍ଯ୍ୟ ନଗେନ୍ କୁମାର ଦାସ, ପ୍ରୋଗ୍ରାମ୍ କୋଡ଼ିନେଟର୍ ନରେଶ କୁମାର ମହାରଣା, ଶିଶୁମନ୍ଦିର ସମ୍ପାଦକ ଗଗନ ବିହାରୀ ନାୟକ ପ୍ରମୁଖ ଯୋଗଦେଇ ଶିବିରାର୍ଥୀ ମାନଙ୍କୁ ସେବା ମନୋବୃତି ନେଇ କାମ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଭା ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଓଏଭି ବାରିହାପୁରର ଶୀତଲ୍ ସାହୁ ଶ୍ରେଷ୍ଠ ଜୁନିୟର ଓ ଆର୍‌କେଜେୟୁବି.ପି କର୍ଣ୍ଣିଳର ଗଦାଧର ପ୍ରଧାନଙ୍କୁ ଶ୍ରେଷ୍ଠ କାଉନସେଲର୍ ଭାବେ ପୁରସ୍କୃତ କରାଯାଇଥିଲା। ଶିବିରରେ ସାଧନକର୍ମୀ ସୁରେଶ ଚନ୍ଦ୍ର ବିଶ୍ୱାଳ, ସୁଶୀଲ କୁମାର ପଣ୍ଡା, ବିପିନ ବିହାରୀ ଶତପଥୀ, ପ୍ରଶାନ୍ତ ଧଳ ଏବଂ ୮ଗୋଟି ସଂଯୋଜକ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ସନ୍ତୋଷ ଆଚାର୍ଯ୍ୟ, ପ୍ରମୋଦ କୁମାର ପଣ୍ଡା, ସତ୍ୟବ୍ରତ ପାତ୍ର ଓ ଶ୍ରୀରାମ ରାଉତ ସହଯୋଗ ପ୍ରଦାନ କରିଥିଲେ। ବିପୀନ ବିହାରୀ ସାହୁ ମଂଚ ପରିଚାଳନା କରିଥିଲେ।

# ଅଧ୍ୟୟନ ସହିତ ସଂସ୍କାର, ସଂସ୍କୃତି ଓ ପରମ୍ପରାକୁ ଧରି ରଖନ୍ତୁ

ଢେଙ୍କାନାଳ,୧୮।୧୨(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ୍ ବଣସିଂହ ପଞ୍ଚାୟତର ବଣସିଂହ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ପୂର୍ବତନ ସରପଞ୍ଚ ଜୟନ୍ତ କୁମାର ହୋତା, ମୁଖ୍ୟବକ୍ତା ଭାବେ ରାଜ୍ୟ କଳା ସଂସ୍କୃତିର ଉପସଭାପତି ଅବନୀ କୁମାର ମିଶ୍ର ଯୋଗଦେଇ ଅଧ୍ୟୟନ ସହିତ ସଂସ୍କାର, ସଂସ୍କୃତି ଓ ପରମ୍ପରାକୁ ଜୀବନ ସହିତ ଯୋଡି ପାରିଲେ ସଫଳତା ଅର୍ଜନ କରିପାରିବ ବୋଲି ଛାତ୍ରୀଛାତ୍ର ମାନଙ୍କୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ କଣ୍ଠଶିଳ୍ପୀ ସ୍ନିଗ୍ଧା ନନ୍ଦ, ସରପଂଚ ରାଧାଦେଇପୁର ଟୁକୁନି ସ୍ୱାଇଁ, ବଣସିଂ ସରପଞ୍ଚ ପ୍ରମିଳା ବେହେରା, ବଣସିଂହ

## ବଣସିଂହ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଡିଗ୍ରୀ କଲେଜ୍‌ର ଅଧ୍ୟକ୍ଷ ଗଗନ ବିହାରୀ ସ୍ୱାଇଁ, ଅଧ୍ୟାପକ ଶରତ ଚନ୍ଦ୍ର ରାଉତ, ରମେଶ ଚନ୍ଦ୍ର ବାରିକ, ସମ୍ପାଦକ କାଳନ୍ଦି ଚରଣ ସ୍ୱାଇଁ, ସମାଜସେବୀ ଗଙ୍ଗାଧର ସେଠୀ ପ୍ରମୁଖ ଯୋଗ ଦେଇଥିଲେ । କଲେଜ୍‌ର ଅଧ୍ୟକ୍ଷ ସୁଶାନ୍ତ କୁମାର ବାରିକ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ସଭାପତି ଶିକ୍ଷାବିତ୍ ଶଙ୍କର୍ଷଣ ଶତପଥୀ ସଭାପତିତ୍ୱ କରିଥିଲେ। ଅଧ୍ୟାପିକା ରଶ୍ମିଲତା ପତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିକ୍ରମ କୁମାର ସେଠୀ ସଂଯୋଜନା କରିଥିଲେ। ଏହି ଅବସରରେ ବିଭିନ୍ନ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ମିତାଞ୍ଜଳି ଦାଶ ସର୍ବାଧିକ ନମ୍ବର ରଖି ପୁରସ୍କୃତ ହୋଇଥିଲେ। ପରେ ଓଡିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ପମି ମିଶ୍ର, ରଶ୍ମି ରଞ୍ଜନ ପଣ୍ଡା, କମଳ ନନ୍ଦ, ସ୍ନିଗ୍ଧା ନନ୍ଦ ପ୍ରମୁଖ ସଂଗୀତ ପରିବେଷଣ କରିଥିଲେ । ଛାତ୍ରୀଛାତ୍ର ମାନେ ନୃତ୍ୟ ପରିବେଷଣ କରିଥିଲେ । ଅଧ୍ୟାପିକା ସୁତପା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ସ୍ମିତା ନାଥ, ସୁତପା ଦାସ, ସବିତା ଦାସ, ବିନୋଦିନୀ ଖଡୁଆ, କ୍ରିଷ୍ଣା ତାପସୀ, ଡି. ଶକ୍ତିରୂପା, ଜଗବନ୍ଧୁ ମହାରଣା, ଜମେଶ୍ୱର ସେନାପତି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଗୋବିନ୍ଦ ଚନ୍ଦ୍ର ସାହୁ, ଅଶ୍ୱିନୀ କୁମାର ସାହୁ ଏବଂ ସୁଧାକର ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଧର୍ମପରାୟଣ ମହିଳାଙ୍କ ପରଲୋକ

ଭୁବନ, ୧୮।୧୨ ( ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଶାମଳ ଗ୍ରାମର ସଖି ଥାଟୋଇ (୯୫)ଙ୍କ ଗୁରୁବାର ଅପରାହ୍ନରେ ବିୟୋଗ ହୋଇଛି । ସେ ଜଣେ ଧର୍ମପରାୟଣ ସହିତ ପରୋପକାରୀ



ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳବାସୀଙ୍କ ମନରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ବିୟୋଗ ସମୟରେ ପୁଅ ଜଳଧର, ବୀରବର, ଅଜୟ ,ଶ୍ରୀବସ୍ତ ,ନାତି ସ୍ମୃତି ପ୍ରଭାତ ,ପ୍ରମୋଦ ,ପର୍ଶୁରାମ, ଅମିତ ପୃଥ୍ୱିରାଜ, ବିରାଟ ,ବିକ୍ରମ ନାତୁଣୀ ପୁଷ୍ପଲତା ,ସୂଚିସ୍ମିତା , ସୈମ୍ୟସୌରଭ ଉପସ୍ଥିତ ଥିଲେ । ତାଙ୍କ ମର ଶରୀରକୁ ଗ୍ରାମ ପରିକ୍ରମା ପରେ ଶ୍ମଶାନରେ ଅନ୍ତେଷ୍ଟି କ୍ରିୟା କରାଯାଇଥିଲା । ଶେଷ ଦର୍ଶନ ପାଇଁ ଭୁବନ କଲେଜର ଅଧ୍ୟକ୍ଷ ପ୍ରଭାତ କୁମାର ତ୍ରିପାଠୀ ଙ୍କ ସମେତ କଲେଜ କର୍ମଚାରୀ ଓ ବୁଦ୍ଧିଜିବୀ ଉପସ୍ଥିତ ଥିଲେ ।

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RWS&S DIVISION, SUNDARGARH**
"e"- Procurement Notice
1st Corrigendum to Identification No.11 of 2025-26
Letter No.3089 Dated 16.12.2025

No.O-1811: 1) Name of Works:- Execution of Solar P.W.S. Scheme in the district of Sundargarh. 2) Total Number of Works: 2 Nos. (Detailed list available in the website). 3) Estimated Cost: From Rs.54.39 Lakhs to 81.58 Lakhs. 4) Class of Contractor: "B". 5) Period of Completion: 6 Months.

| Procurement Officer | Bid Identification No. | Availability of tender online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Water Supply & Sanitation Division, Sundargarh | Online Tender/ 11/ RWSS/SNG/ 2025-26 | 18.12.2025 at 11.00 Hours | 07.01.2026 upto 17.00 Hours |

NB- Further details can be seen from the website www.tendersodisha.gov.in
OIPR-25009/11/0006/2526 Sd./- Superintending Engineer, RWS&S Division, Sundargarh

**GOVERNMENT OF ODISHA**
Email: eebbsr1@yahoo.co.in
**OFFICE OF THE SUPERINTENDING ENGINEER, BHUBANESWAR (R&B) DIVISION NO.I, BHUBANESWAR**
Mail Id: eebbsr1@yahoo.co.in
**INVITATION FOR BIDS**
E-Procurement Tender Call Notice No.74 of 2025-26
No.12980 (Estg) Bhubaneswar, Dated the 05.12.2025

No.B-823:The Superintending Engineer, Bhubaneswar (R&B) Division No.I, Bhubaneswar on behalf of the Governor of Odisha invites percentage rate bids in **Double cover** system (**online**) for following works as detailed in the table given below.

| Sl. No. | Name of the Work | Approximate Estimated cost put to Tender (Rs. in Lakh) | EMD/Bid Security | Cost of Bid Document | Class of Contractor | Period of Completion |
|---|---|---|---|---|---|---|
| 1 | Improvement to Lokaseva Bhavan, Bhubaneswar such as construction of Pre-fabricated Annex Office Building for C.M. Block at 3rd Floor roof top of RD Department for the year 2025-26. | Rs.90.50 | Rs.90,500/- | Rs.10,000/- Online | B Class Only | 03 (Three) Calendar Months |

Date & Time of availability of bid document in the portal/online:From 11.00 AM of 12.12.2025 to 5.30 P.M. of 26.12.2025. Last Date of online submission of bid document in the portal/online: 5.30 P.M. of 26.12.2025. Date of Opening: 12.30 P.M. of 27.12.2025. Name and address of officer inviting bid: Superintending Engineer, (R&B) Division No.I, Bhubaneswar. Further details can be seen from the e-procurement portal: https://tendersodisha.gov.in.
OIPR-34076/11/0040/2526 Sd./- Superintending Engineer, BBSR (R&B) Division No.I, Bhubaneswar

# କଳ୍ପନା କ୍ଲବର କର୍ମକର୍ତ୍ତା ନିର୍ବାଚନ

କାମାକ୍ଷାନଗର, ୧୮।୧୨
( ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗରର ସର୍ବପୁରାତନ କଳ୍ପନା କ୍ଲବର ବାର୍ଷିକ ନିର୍ବାଚନ ବୁଧବାର କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ସ୍ଥାୟୀ ସଭାପତି ହୋଇ ଥିବା ବେଳେ ଅନ୍ୟ ପଦବୀମାନଙ୍କ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଗୋବିନ୍ଦ ଚନ୍ଦ୍ର ସାହୁ ଉପସଭାପତି, ସମ୍ପାଦକ ଭାବେ ଶ୍ରୁତିପଦ ନିର୍ବାଚିତ ହୋଇଥିଲେ। ସେହିଭଳି କ୍ରୀଡା ସମ୍ପାଦକ ଭାବେ ବିଦ୍ୟାଧର ବରାଳ, ନାଟ୍ୟ ସମ୍ପାଦକ ଭାବେ ଜଗଦୀଶ ପ୍ରସାଦ





ତ୍ରିପାଠୀ, କାର୍ଯ୍ୟନିର୍ବାହୀ ସଭ୍ୟ ଭାବେ ସୁନିଲ କୁମାର ପଟ୍ଟନାୟକ, ସୁବ୍ରତ କୁମାର ମହାନ୍ତି, ହିମାଂଶୁ ଶେଖର ମହାତ୍ମା, ଆଦିତ୍ୟ କୁମାର ଆଚାର୍ଯ୍ୟ, ମିହିର ପ୍ରଷାଦ ମହାପାତ୍ର ନିର୍ବାଚିତ ହୋଇଥିଲେ।

# ବିଦ୍ୟୁତ୍ ସମସ୍ୟା ସମାଧାନ ଦାବିରେ ବିକ୍ଷୋଭ ଶୋଭାଯାତ୍ରା



ବଦ୍ୟୁତ୍ ସମସ୍ୟା ସମାଧାନ ଦାବିରେ ବିକ୍ଷୋଭ ପ୍ରଦର୍ଶନ

ଢେଙ୍କାନାଳ,୧୮।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ଓକିଲ ସଂଘ ଆବାହତତ୍ୱରେ ଜିଲା ବିଦ୍ୟୁତ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗୁରୁବାର ମଧ୍ୟାହ୍ନରେ ଏକ ବିକ୍ଷୋଭ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଦ୍ୟୁତ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ସ୍ଥାନିୟ କୋର୍ଟ ଛକଠାରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଁଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସମସ୍ୟାର ସମାଧାନ ନେଇ ପ୍ରଶାସନର ଆନ୍ତରିକତା ଅଭାବ ବୋଲି ଅସନ୍ତୋଷ ବ୍ୟକ୍ତ କରିଥିଲେ। ଜିଲା ଓକିଲ ସଂଘର ସଭାପତି ଗୋପାଳଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଉପସଭାପତି ଟଙ୍କଧର ବେହେରା, ସମ୍ପାଦକ ତାପସ କବିଶତପଥୀଙ୍କ ସମେତ ସଂଘର କର୍ମକର୍ତାମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଦ୍ୟୁତ ଉପଭୋକ୍ତା କାର୍ଯ୍ୟକାରୀ କମିଟିର ସଦସ୍ୟ ଦିପକ ପ୍ରସାଦ ପଟ୍ଟନାୟକ, ସୁକାନ୍ତ ମିଶ୍ର, ନିର୍ମଳ ମିଶ୍ର, ଦେବାଶିଷ ମିଶ୍ର, ପୌର ଉପାଧକ୍ଷ ପ୍ରକାଶଚନ୍ଦ୍ର କୁଅଁର, ସୁରେନ୍ଦ୍ର ମିଶ୍ର, ସୁନିଲ କୁମାର ଦାଶ, ଜିଲା ସମ୍ବାଦିକ ସଂଘର ସମ୍ପାଦକ ସତ୍ୟ ସ୍ୱରୁପ ଦାସ, ବିଶ୍ୱନାଥ ବେହେରା, ସରୋଜ ଶତପଥୀ, ପଙ୍କଜ ନାୟକଙ୍କ ସମେତ ବହୁ ସଦସ୍ୟ ଉଦବୋଧନ ପ୍ରଦାନ କରିଥିଲେ ।

**ODISHA PUBLIC SERVICE COMMISSION CUTTACK**

**NOTICE**

No. 8678 / PSC., Dt. 17.12.2025
(DR-IV)(2PA-01-2025-26)

**Recruitment to the post of Assistant Section Officer in the Office of Advocate General, Odisha (Advt. No. 02 of 2025-26)**

**No.D-281** : In continuation to this office Notice No. 8539/PSC, dtd. 10.12.2025, it is for information of all provisionally qualified candidates that the **Document Verification and Skill Test in Computer (Practical)** for recruitment to the post of **Assistant Section Officer in the Office of Advocate General, Odisha,** pursuant to Advertisement No. 02 of 2025-26 will be held on **24.12.2025 (Wednesday)** at two Technical Institutions of Cuttack Zone as per the programme detailed below.

**PROGRAMME OF DOCUMENT VERIFICATION**

| Date and time | Venue | Roll No of candidates to be verified |
|---|---|---|
| **24.12.2025 (Wednesday)** 11.30 A.M. to 02.30 P.M. | **KMBB Science Higher Secondary School Campus-II, Naranpur, Belagachia, Trisulia, Cuttack-754005** | 200309, 200866, 201301, 201897, 202375, 202671, 202902, 203588, 206381, 206646, 303011, 304523, 305729, 305968, 308411, 308871, 308925, 308930, 309088, 309095, 310597, 400099, 400128, 400151, 400424, 400425, 400470, 405432, 405917, 406264 **= 30 Candidates** |
| | **Bhubanananda Orissa School of Engineering (BOSE), Near SCB Medical College Hospital, Po-Mangalabag, Jobra, Cuttack, 753007** | 407849, 408903, 409168, 409487, 409551, 410436, 412654, 412756, 413471, 413583, 413639, 413695, 415335, 416205, 416410, 416525, 417758, 418189, 418231, 419057, 419615, 419893, 420131, 420359, 420791, 421111, 422480, 422809, 423825, 425248, 500959, 502215, 504052, 601129, 601141, 601309, 601832, 604135 **= 38 Candidates** |

**N.B.** - The candidates are required to report **30 minutes before** the commencement of Document Verification.

**PROGRAMME OF SKILL TEST IN COMPUTER (PRACTICAL)**

| Date | Venue | Time of Skill test | Generation of printout of Answer sheets |
|---|---|---|---|
| **24.12.2025 (Wednesday)** | **KMBB Science Higher Secondary School Campus-II, Naranpur, Belagachia, Trisulia, Cuttack-754005** | 03.00 P.M. to 04.00 P.M. (03.00 P.M. to 04.20 P.M. for PwD Candidates) | 04.00 P.M. to 05.00 P.M. (04.20 P.M. Onwards for PwD Candidates) |
| | **Bhubanananda Orissa School of Engineering (BOSE), Near SCB Medical College Hospital, Po-Mangalabag, Jobra, Cuttack, 753007** | | |

The candidates are required to download the **"Admission Certificate" & "Instruction to Candidates"** from website of the Commission **www.opsc.gov.in** from 20.12.2025 onwards.

It is also made clear that the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original certificates/documents and is subject to fulfilment of terms & conditions laid down in the Advertisement.

**THE CANDIDATES ARE REQUIRED TO SUBMIT THE FOLLOWING ORIGINAL CERTIFICATES ALONG WITH A SET OF SELF ATTESTED PHOTOCOPY OF THE FOLLOWING DOCUMENTS AT THE TIME OF VERIFICATION:-**

1. Hard copy of online Application form mentioning Roll No. at the Top Right-Hand Corner. Application Forms are available in the website of the Commission.
   The candidates are required to download the same using their respective e-mail ID/Phone Number and Password/ OTP etc through OPSC e-Chayan Portal via **www.opscechayan.in**.
2. **Four (04) passport size photographs tagged** with the Application Form.
3. **H.S.C. or Equivalent Certificate** in support of declaration of age.
4. **Bachelor's Degree Certificate** issued by the recognized University;
5. Mark-lists in support of all the aforesaid examinations (H.S.C. to Bachelor's Degree) passed including fail marks, if any, issued by the concerned Board/Council/University.
6. **Conversion Certificate/ Conversion Formula** in case of award of "grade marks" in from the concerned University indicating the actual equivalent percentage of marks and the conversion formula of Bachelor's Degree wherever applicable.
7. **Caste Certificate by birth** in support of claim as S.C./ S.T., wherever applicable **(Please see Note-1)** issued (within the last date of submission of Online Application Form).
8. Required **Odia Test Pass Certificate** issued (within the last date of submission of Online Application Form).
9. **Permanent Disability Certificate** (indicating percentage of permanent disability i.e., 40% or more) issued by the concerned Medical Board wherever applicable.
10. **Discharge** Certificates in case of Ex-Servicemen **issued as per Orissa Ex-Servicemen (Recruitment to State Civil Services and Posts) Rules, 1985 vide G.A. Department notification No.22586-Gen., dt.16.10.1985**.
    Further, Ex-Servicemen candidates must submit that he/she has not been appointed against a civil post after retirement from military service.
11. **No Objection Certificate** issued by the Competent Authority in case of Government servants.
12. **Any proof of photo Identity**.
13. **Attestation Form** duly filled-in by the candidate and signed by a Gazetted Officer (to be downloaded from the website of the Commission).
14. Any other documents as per Para-11 of the Advertisement.

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date on the same**.

OIPR-12002/11/0344/2526 Sd./- Secretary

# କଂଗ୍ରେସ ପକ୍ଷରୁ ଆଲୋଚନା ବୈଠକ





ଢେଙ୍କାନାଳ,୧୮।୧୨(ରତନ ନାୟାର)

ଢେଙ୍କାନାଳ ସହରସ୍ଥିତ କଂଗ୍ରେସ ଜିଲା କାର୍ଯ୍ୟାଳୟ ଠାରେ ନ୍ୟାସନାଲ୍ ହେର୍ଡୋଲସ୍ ସମ୍ପର୍କିତ ମାମଲା ଦିଲ୍ଲୀ ହାଇକୋର୍ଟରେ ଖାରଜ ହୋଇଥିବା ନେଇ କଂଗ୍ରେସର ନେତୃମଣ୍ଡଳୀ ମାନଙ୍କର ଏକ ସ୍ୱତନ୍ତ୍ର ଆଲୋଚନା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ କଂଗ୍ରେସ୍ ନେତା ବିପ୍ରବର ସାହୁଙ୍କ ନେତୃତ୍ୱରେ ପୂର୍ବତନ ଜିଲା ସଭାପତି ସୁନିଲ୍ କୁମାର ଦାଶ, ଜିଲା ଉପଦେଷ୍ଟା ପ୍ରେମ୍ ଶଙ୍କର ମିଶ୍ର, ରୁଦ୍ର ପ୍ରକାଶ ଶରଣ, ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସଂପାଦକ ଶିଳ୍ପୀଶ୍ରୀ ହରିଚନ୍ଦନ, ଯୁବ କଂଗ୍ରେସ ନେତ୍ରୀ ସୁସ୍ମିତା ଦାଶ, ପୂର୍ବତନ ମହିଳା କଂଗ୍ରେସ ସଭାନେତ୍ରୀ ସ୍ମିତାରାଣୀ ସାମଲ, ପ୍ରବକ୍ତା ସରୋଜ କୁମାର ଶତପଥୀ, ପୂର୍ବତନ ଜିଲା ସାଧାରଣ ସଂପାଦକ ଜିତେନ୍ଦ୍ର କୁମାର ସାହୁ, ଗୟାଧର ସେଠୀ, ସାରଙ୍ଗଧର ରାଜ, ଆଇନ୍‌ଜୀବୀ ବିକାଶ ରଞ୍ଜନ ନାଏକ, ସର୍ବେଶ୍ୱର ପରିଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀଙ୍କୁ ନେସନାଲ୍ ହେରାଲ୍ଡ ମାମଲାରେ ମିଥ୍ୟାରେ ଛନ୍ଦି ଇଡି ଜରିଆରେ ଦିଲ୍ଲୀ ହାଇକୋର୍ଟରେ କେଶ୍ ଦାଏର କରିବା ଅତ୍ୟନ୍ତ ନିନ୍ଦନୀୟ ଅଟେ । ସର୍ବଶେଷରେ ଦିଲ୍ଲୀ ହାଇକୋର୍ଟ ଏହି ମାମଲାକୁ ଖାରଜ କରିଥିବା ଏବଂ ହାଇକୋର୍ଟ ଉଚିତ୍ ବିଚାର କରିଛନ୍ତି ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ଏଥିସହିତ ଭୋଟ୍ ଚୋରିର ସତ୍ୟତା, ମହାତ୍ମାଗାନ୍ଧୀ କର୍ମ ଯୋଜନାକୁ ମହାତ୍ମା ଗାନ୍ଧୀଙ୍କ ନାମକୁ କାଟି ଏମ୍‌ଜି ରାମ କରିବା ଆଦି ସତ୍ୟତାକୁ ରାହୁଲ୍ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଲୋକ ଲୋଚନକୁ ଆଣିବା ଫଳରେ କେନ୍ଦ୍ର ସରକାର ପୂର୍ଣ୍ଣ ମାତ୍ରାରେ ଅସହିଷ୍ଣୁ ହୋଇପଡିଛନ୍ତି ବୋଲି ନେତୃବୃନ୍ଦ କହିଥିଲେ ।

# ପଞ୍ଚପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକୋତ୍ସବ

ସାତମାଇଲ, ୧୮।୧୨ (ସୁଶାନ୍ତ ପତି)

ହିନ୍ଦୋଳ ଉପଖଣ୍ଡ ଚିତଲପୁର ପଞ୍ଚାୟତ ପଞ୍ଚପଡା ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୁରୁବାର ବିଦ୍ୟାଳୟର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ତରଣୀସେନ ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ହରିହର ଦେହୁରୀ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ମାମିନା ସେଠୀ, ବ୍ଲକ ସହକାରୀ ଶିକ୍ଷାଧିକାରୀ ପ୍ରକାଶ ଚନ୍ଦ୍ର ପ୍ରଧାନ , ମୋସ୍କୁଲ ଅଭିଯାନ ସଭାପତି ପ୍ରାବନ୍ଧିକ ଦଣ୍ଡଧର ପତି , ପରିଚାଳନା କମିଟି ସଭାପତି ବିଜୟ ପାଳ , ସିଆରସିସି ଦିଲ୍ଲୀପ ବେହେରା ପ୍ରମୁଖ ଯୋଗଦେଇଥିଲେ । ସହକାରୀ ଶିକ୍ଷକ ସୁଶାନ୍ତ କୁମାର ପଣ୍ଡା ମଞ୍ଚ ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରତ୍ୟକ ଶିଶୁ ଆଗାମୀ ଭବିଷ୍ୟତ , ଶିକ୍ଷାକୁ ନିଜର ବ୍ରତ ଭାବେ ଗ୍ରହଣ କରି ପ୍ରତ୍ୟକ ଜଣେ ଜଣେ ଭଲ ମଣିଷ ହୋଇ ବିଦ୍ୟାଳୟର ସୁନାମ ରଖିବାକୁ ଅତିଥି ବୃନ୍ଦ ବହୁମୁଲ୍ୟ ପରାମର୍ଶ ଦେଇଥିଲେ । ଏହି ଅବସର ରେ ବିଦ୍ୟାଳୟର କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ମାନପତ୍ର ସହ ପଦକ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ଯତୀନ୍ଦ୍ରନାଥ ବେହେରା ,ଶିକ୍ଷୟତ୍ରୀ କନକଲତା ନନ୍ଦ , ରୀନା ସାହୁ , ମଞ୍ଜରୀ ବିଶ୍ୱାଳ , ଅର୍ଣ୍ଣପୂର୍ଣ୍ଣା ନାଥ , ପ୍ରିୟଦର୍ଶନୀ ପତି , ମନିଷା ନାଥ ସକ୍ରିୟ ସହଯୋଗ କରିଥିଲେ।



# କେନ୍ଦ୍ର ସରକାରଙ୍କୁ ଅନୁଗୋଳ କଂଗ୍ରେସର କଡ଼ା ସମାଲୋଚନା

**ଅନୁଗୋଳ,୧୮।୧୨(ମାନସ ବିଶ୍ୱାଳ)**

କେନ୍ଦ୍ରର ଭାଜପା ସରକାର ଇଡି ସମେତ କେନ୍ଦ୍ରୀୟ ଏଜନ୍ସିଗୁଡ଼ିକର ଦୁରୁପଯୋଗ କରୁଥିବା ଅଭିଯୋଗ କରି ଅନୁଗୋଳ ଜିଲା କଂଗ୍ରେସ ପକ୍ଷରୁ ଗୁରୁବାର ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପୂର୍ବାହ୍ନରେ ଜିଲା କଂଗ୍ରେସ ସଭାପତି ସୁନୀଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ବିକ୍ଷୋଭ ଶୋଭାଯାତ୍ରା ସ୍ଥାନୀୟ କଂଗ୍ରେସ ଭବନରୁ ବାହାରି ଅନୁଗୋଳ ବଜାର ପରିକ୍ରମା କରିବା ପରେ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ବିକ୍ଷୋଭ ପ୍ରଦର୍ଶନ ସହ କେନ୍ଦ୍ରର ଭାଜପା ସରକାରଙ୍କୁ କଡ଼ା ସମାଲୋଚନା କରାଯାଇଥିଲା। କେନ୍ଦ୍ରର ଭାଜପା ସରକାର ଯେଉଁଭଳି ଭାବେ ବିରୋଧୀମାନଙ୍କ କଣ୍ଠରୋଧ କରିବା ପାଇଁ ଇଡି, ସିବିଆଇ ଆଦିକୁ ବ୍ୟବହାର କରି କଂଗ୍ରେସ ନେତାମାନଙ୍କୁ ଡରାଇବାକୁ ଉଦ୍ୟମ କରୁଛି, ତାହାକୁ କଡ଼ା ବିରୋଧ କରାଯାଇଥିଲା। ନ୍ୟାଶନାଲ ହେରାଲ୍ଡ ମାମଲା ମିଛ ପ୍ରମାଣିତ ହେବା ଦ୍ୱାରା କେନ୍ଦ୍ରର ଭାଜପା ସରକାରଙ୍କ ଚକ୍ରାନ୍ତକାରୀ ମୁଖା ଖୋଲିଯାଇଥିବା କଂଗ୍ରେସ ନେତାମାନେ ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କୃଷକ ସେଲ୍ ଉପାଧ୍ୟକ୍ଷ ଉମେଶ ଚନ୍ଦ୍ର ସାହୁ, ପ୍ରଦେଶ କଂଗ୍ରେସ କମିଟି ପେନାଲିଷ୍ଟ ରୂପାଦୀପ୍ତା ମହାପାତ୍ର, ରାଜ୍ୟ ଏସ୍‌ଟି ସେଲ୍ ସାଧାରଣ ସମ୍ପାଦକ ତପନ ପ୍ରଧାନ, ରାଜ୍ୟ କୃଷକ ସେଲ୍ ସଂଯୋଜକ ଦାଶରଥି ସାହୁ, ଫକୀର ପ୍ରଧାନ, ଗୋପାଳ ଚନ୍ଦ୍ର ନାଥ, ଚିତ୍ତରଞ୍ଜନ ନାଏକ, ବଳବୀର ସିଂହ, ରାଜ କିଶୋର ସାହୁ, ସହଦେବ ବେହେରା, ଗୋବିନ୍ଦ ନାଏକ, ସୁଦୀପ ମିଶ୍ର, ବିନୋଦ ମାଝୀ, ସନ୍ତୋଷ ପଟ୍ଟନାୟକ, ଅମୂଲ୍ୟ ବେହେରା, ସଞ୍ଜୀବ ମାଣ୍ଡୋଠିଆ, ବାସୁଦେବ ସାମଲ, ଭଜମନ ଦାସ, ଛାତ୍ର କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ସାହୁ, ଲୁଲୁ ପାଣିଗ୍ରାହୀ, ହେମନ୍ତ ମହାଳିକ, ଅଲେଖ ବେହେରା, ନଗର ସଭାନେତ୍ରୀ କସିଦା ଖାନ, ସ୍ୱାଗତିକା ସାହୁ, ସୁବାସ ସାହୁ, ରଶ୍ମି ରଞ୍ଜନ ସାହୁ, ଦୁର୍ଗା ଚରଣ ଶତପଥୀ, ସଂଗ୍ରାମ ବେହେରା ପ୍ରମୁଖ ଶତାଧିକ କଂଗ୍ରେସ ନେତା ଓ କର୍ମୀ ବିକ୍ଷୋଭରେ ଭାଗ ନେଇଥିଲେ।



ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଗୋଳ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା



**ବଇଣ୍ଡା,୧୮।୧୨(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ରାମଦେଓ ଉଚ୍ଚ ବିଦ୍ୟାଳୟର ଷଷ୍ଠ ଶ୍ରେଣୀ ଛାତ୍ର ତୃପ୍ତୀମୟ ପ୍ରଧାନ ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ତାଙ୍କୁ ଗୁରୁବାର ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ଦିଆଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ମଞ୍ଜରୀ ଚଟମ୍ବା ଯୋଗଦେଇ କୃତୀ ଛାତ୍ରଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟତମ ଅତିଥି ଭାବେ ଶିକ୍ଷକ ଭବାନୀ ଶଙ୍କର ପ୍ରଧାନ, ବିଶ୍ୱଜିତ ଦେହୁରୀ, ସିସୋଲୀନ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ଗୋଡ଼ିବନ୍ଧ-କଣିହାଁ ରାସ୍ତା ଏନ୍‌ଏଚ୍‌ଏଆଇକୁ ହସ୍ତାନ୍ତର ପାଇଁ ଢେଙ୍କାନାଳ ଏମ୍‌ପିଙ୍କ ଦାବି

**ତାଳଚେର,୧୮।୧୨ (ମନୋଜ ନନ୍ଦ)**

ଅନୁଗୋଳ ଜିଲା ଦେଇ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥର ବଲ୍ଲର ଠାରୁ ଗୋଡ଼ିବନ୍ଧ କଣିହାଁ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଗୋଡ଼ିବନ୍ଧ ଠାରୁ କଣିହାଁ ପର୍ଯ୍ୟନ୍ତ ରାସ୍ତା ଏନ୍‌ଟିପିସି ଅଧୀନରେ ଥିବାରୁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ଉକ୍ତ ରାସ୍ତାର ଉନ୍ନତୀକରଣ ଠିକ୍ ଭାବେ କରିପାରୁନାହାନ୍ତି। ତେଣୁ ଗୋଡ଼ିବନ୍ଧ ଠାରୁ କଣିହାଁ ପର୍ଯ୍ୟନ୍ତ ରାସ୍ତାକୁ ଏନ୍‌ଏଚ୍‌ଏଆଇକୁ ହସ୍ତାନ୍ତର କରିବାକୁ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ସଂସଦରେ ଦାବି କରିଛନ୍ତି। ଉକ୍ତ ରାସ୍ତା ହସ୍ତାନ୍ତର ସମ୍ପର୍କିତ ଏଭଳି କିଛି ପ୍ରସ୍ତାବ ରହିଛି କି, ଏବଂ ଏ ଦିଗରେ ସ୍ଥାୟୀ ସମାଧାନ ପାଇଁ ସରକାର ଦୃଷ୍ଟି ଦେବେ କି ବୋଲି ଏମ୍‌ପି ପାଣି ପ୍ରଶ୍ନ କରିଛନ୍ତି। ଏହାର ଉତ୍ତର ଦେଇ କେନ୍ଦ୍ର ଉର୍ଜା ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ନାଏକ କହିଛନ୍ତି, ଉକ୍ତ ରାସ୍ତା ପ୍ରତି ସରକାର ଯତ୍ନଶୀଳ ଅଛନ୍ତି ଏବଂ ଗୋଡ଼ିବନ୍ଧ ଛକ ଠାରୁ ଏନ୍‌ଟିପିସି ଛକ ପର୍ଯ୍ୟନ୍ତ ୧୬ ମିଟର ଚଉଡ଼ା ରାସ୍ତାକୁ ଜାତୀୟ ରାଜପଥ ମନ୍ତ୍ରଣାଳୟକୁ ଏନ୍‌ଟିପିସି ହସ୍ତାନ୍ତର କରିବା ଦିଗରେ ପାଲଲହଡ଼ାସ୍ଥିତ ଏନ୍‌ଏଚ୍ ଡିଭିଜନକୁ ଲିଖିତ ଭାବେ ୨୬ ମେ ୨୦୨୫ରେ ଜଣାଇ ଦିଆଯାଇଛି ବୋଲି ରାଷ୍ଟ୍ରମନ୍ତ୍ରୀ ନାଏକ ପ୍ରକାଶ କରିଛନ୍ତି।

## ଜୁନିୟର ଜାତୀୟ ଭଲିବଲ ଚାମ୍ପିୟନଶିପ୍‌ରେ ଅନୁଗୋଳର କାହ୍ନା

**ଅନୁଗୋଳ, ୧୮।୧୨ (ମାନସ ବିଶ୍ୱାଳ)**



ଅନୁଗୋଳ ଜିଲା ବଣ୍ଟଁରପାଳ ବ୍ଲକ ନୂଆହତା ପଞ୍ଚାୟତ ତାଳବାହାଳି ଗ୍ରାମର କାହ୍ନା ନାଏକ ଜୁନିୟର ନ୍ୟାଶନାଲ ଭଲିବଲ ଚାମ୍ପିୟନଶିପ୍‌ରେ ସାମିଲ ହୋଇଛନ୍ତି। ଡିସେମ୍ବର ୧୬ ରୁ ୨୧ ତାରିଖ ଯାଏ ଏହି ଚାମ୍ପିୟନଶିପ୍ ରାଜସ୍ଥାନରେ ଖେଳାଯାଉଛି। ଏଥିରେ ସାମିଲ ହୋଇଥିବା କାହ୍ନା ଓଡ଼ିଶା ଟିମ୍ ପାଇଁ ପ୍ରତିନିଧିତ୍ୱ କରୁଛନ୍ତି। ଟାଟା ଷ୍ଟିଲ ଫାଉଣ୍ଡେଶନ (ଟିଏଲ୍‌ଏଫ୍) ପକ୍ଷରୁ ମେରାମଣ୍ଡଳୀରେ ଆୟୋଜିତ କ୍ରୀଡ଼ା କାର୍ଯ୍ୟକ୍ରମରେ ଏଥିପାଇଁ କାହ୍ନାଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। କାହ୍ନାଙ୍କ ସଫଳତାକୁ ନେଇ ତାଙ୍କ ପରିବାର ଓ ଗ୍ରାମବାସୀଙ୍କ ଭିତରେ ଖୁସିର ଲହରି ଖେଳିଯାଇଛି।

## ପ୍ଲାଷ୍ଟିକ୍ ବ୍ୟବହାରରୁ ଦୂରେଇ ରହିବାକୁ ପରାମର୍ଶ


ଛାତ୍ରୀଛାତ୍ରମାନେ ସଂଗୃହୀତ ପ୍ଲାଷ୍ଟିକ୍‌କୁ ଡଷ୍ଟବିନରେ ପକାଉଛନ୍ତି।

**ବଇଣ୍ଡା,୧୮।୧୨(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ସାନହୁଲା ହାଇସ୍କୁଲ ପରିସରରେ ଗୁରୁବାର ଇକୋ କ୍ଲବ ପକ୍ଷରୁ ଏକ ପ୍ଲାଷ୍ଟିକ ବର୍ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଶ୍ୱନାଥ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇକୋ କ୍ଲବ ଶିକ୍ଷକ କ୍ଷୀରେନ୍ଦ୍ର ମେହେର, ଜଗଦୀଶ ନନ୍ଦ ଯୋଗଦେଇ ବିଦ୍ୟାଳୟ ପରିସରରେ ଥିବା ପ୍ଲାଷ୍ଟିକଗୁଡିକୁ ଏକତ୍ରିତ କରି ଏକ ନିର୍ଦ୍ଧାରିତ ଡଷ୍ଟବିନରେ ପକାଇବା ସହ ପ୍ଲାଷ୍ଟିକ ବ୍ୟବହାରରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେଇଥିଲେ।

# ଆଧାରକାର୍ଡ ନ ଥିବାରୁ ସରକାରୀ ଯୋଜନାରୁ ବଞ୍ଚିତ ଅଭିଯୋଗ

**ସହଯୋଗ କଲେ ସାମାଜିକ କର୍ମୀ, ୯ ଜଣଙ୍କର ହେଲା ଆଧାରକାର୍ଡ**

**ବନ୍ତଲା,୧୮।୧୨(ସୁଶିତ ସାହୁ)**

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତ କୋହ୍ଲ ସାହିର ୧୦ଜଣଙ୍କ ଆଧାରକାର୍ଡ ନ ଥିଲା। ତେଣୁ ସେମାନେ ସରକାରୀ ସୁବିଧାରୁ ବଞ୍ଚିତ ରହିଥିବା ଅଭିଯୋଗ କରିଛନ୍ତି। ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ କେହି ଶୁଣି ନ ଥିବା ଅଭିଯୋଗକାରୀମାନେ କହିଛନ୍ତି। ତେବେ ଏ ସମ୍ପର୍କରେ ଜାଣିବା ପରେ ସାମାଜିକ କର୍ମୀ ଝୁନୁଲତା ପ୍ରଧାନ, କୁନା ପ୍ରଧାନ ସେମାନଙ୍କୁ ସହାୟତାର ହାତ ବଢ଼ାଇଥିବା ସୂଚନା ମିଳିଛି।

ପ୍ରକାଶ ଯେ, କୋହ୍ଲସାହିର ଲକ୍ଷ୍ମଣ ପ୍ରଧାନ, ଗଣେଶ ପ୍ରଧାନ, ଗୀତା ପ୍ରଧାନ, ଲକ୍ଷ୍ମୀ ପ୍ରଧାନ, ବର୍ଷା ପ୍ରଧାନ, ଶାନ୍ତି ପ୍ରଧାନ, ଅନନ୍ତ ପ୍ରଧାନ, ମାମି ସାହୁ, ପାଟ ସାହୁ, ବନିତା ସାହୁ ପ୍ରମୁଖଙ୍କ ଆଧାର କାର୍ଡ ନ ଥିଲା। ଏଥିଯୋଗୁ ସେମାନେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ସୁଫଳ ପାଉ ନ ଥିଲେ। ମୂଲମଜୁରି କରି ଚଳୁଥିବା ଏହି ଲୋକେ ବିଭିନ୍ନ ସମୟରେ ଗାଁକୁ ଆସୁଥିବା ସରକାରୀ ବାବୁଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସେମାନଙ୍କ ଆଧାରକାର୍ଡ ତିଆରି ହୋଇପାରି ନ ଥିଲେ। ଏହା ଜାଣି ସାମାଜିକ କର୍ମୀ ଝୁନୁଲତା ଓ କୁନା ଗୁରୁବାର ଅଭିଯୋଗକାରୀମାନଙ୍କୁ ଅନୁଗୋଳ ବ୍ଲକ ପରିସରରେ ଥିବା ସାଧନ କେନ୍ଦ୍ରକୁ ଆଣି ନିଜସ୍ୱ ଖର୍ଚ୍ଚରେ ଆଧାରକାର୍ଡ ତିଆରି ପାଇଁ ପଦକ୍ଷେପ ନେଇଥିଲେ। ୯ଜଣଙ୍କ ଆଧାର କାର୍ଡ ତିଆରି ହୋଇଯାଇ ଥିବାବେଳେ ଜଣଙ୍କର ଶୁକ୍ରବାର କରାଯିବ। ଖୁବ୍‌ଶୀଘ୍ର ସମସ୍ତେ ସରକାରୀ ଯୋଜନାରେ ସମ୍ପୃକ୍ତ ଅଭିଯୋଗକାରୀମାନେ ସାମିଲ ହେବେ ବୋଲି ସାମାଜିକ କର୍ମୀ ଝୁନୁଲତା ପ୍ରକାଶ କରିଛନ୍ତି।


ସାମାଜିକ କର୍ମୀଙ୍କ ସହ ଆସିଥିବା ଅଭିଯୋଗକାରୀ।

## ଟିକରପଡ଼ାରେ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ

**ଅନୁଗୋଳ,୧୮।୧୨(ମାନସ ବିଶ୍ୱାଳ)**

ଅନୁଗୋଳ ଜିଲାର ସାମାଜିକ ଅନୁଷ୍ଠାନ ଓଡ଼ିଶା ଉଦୟ ଫାଉଣ୍ଡେଶନ ପକ୍ଷରୁ ଟିକରପଡ଼ା ପଞ୍ଚାୟତର ୬ଟି ଗ୍ରାମରେ ଗରିବ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଗଇନ୍ଦୀ, ବେହେରା ସାହି, ମଝିପଡ଼ା, ଟିକରପଡ଼ା, ନୂଆଁଗଇନ୍ଦୀ ଆଦି ଅଞ୍ଚଳର ୪୦୦ରୁ ଅଧିକ ଗରିବ ଲୋକଙ୍କୁ ଏହି ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା। ଫାଉଣ୍ଡେଶନ ଅଧ୍ୟକ୍ଷା ସ୍ମୃତିଲିପି ମିଶ୍ର, ଯୁଗ୍ମ ସମ୍ପାଦିକା ଅର୍ଚ୍ଚନା ପଟ୍ଟନାୟକ, ପରାମର୍ଶଦାତା ସନ୍ତୋଷ ବେହେରା, ସଦସ୍ୟ ସତ୍ୟଜିତ ଦାଶ, ଜନ୍ମେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ରହି ଏହି ସହାୟତା ପ୍ରଦାନ କରିଥିବା ସଙ୍ଗଠନ ଅଧ୍ୟକ୍ଷା ମିଶ୍ର ସୂଚନା ଦେଇଛନ୍ତି।


ଟିକରପଡ଼ା ପଞ୍ଚାୟତର ୬ଟି ଗ୍ରାମରେ କମ୍ବଳ ବଣ୍ଟନ କରାଯାଉଛି।

## କ୍ରୀଡ଼ାରେ ମନୋନିବେଶ କରିବାକୁ ପରାମର୍ଶ



**ବଇଣ୍ଡା, ୧୮।୧୨ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଫୁଲାମ୍ବା ହାଇସ୍କୁଲ ପରିସରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଅବସରରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଆନନ୍ଦ ଚନ୍ଦ୍ର ସାହୁ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରିବା ସହ ଛାତ୍ରୀଛାତ୍ରମାନେ କ୍ରୀଡ଼ାରେ ମନୋନିବେଶ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଉରୁକୁଳା ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁଧାକର ପ୍ରଧାନ, ଝରାବେରେଣୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ରଞ୍ଜିତ କୁମାର ସାହୁ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ତ୍ରିଦିବ ସୁନ୍ଦର ବରାଳ ଯୋଗଦେଇ ପୁରସ୍କାର ବଣ୍ଟନ କରିଥିଲେ। ପ୍ରଦୀପ କୁମାର ମାଝୀ ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଧରଣୀଧର ସେଠୀ, ଅଞ୍ଜନା ସାହୁ, ଘାସିରାମ ସେଠୀ, ବସନ୍ତ କୁମାର ବିଶ୍ୱାଳ, ନୀହାର ରଞ୍ଜନ ଦେଓ, ପ୍ରଭାତ କୁମାର ସାହୁ, ଶୁଭସ୍ମିତା ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ବନାଗ୍ନି ପ୍ରତିରୋଧ ସଚେତନତା


ଅତିଥିଙ୍କ ସହ ଉଭୟ ଦଳର ଖେଳାଳି।

**ଆଠମଲ୍ଲିକ,୧୮।୧୨(ଉଦୀପ୍ତ ପୁରୋହିତ)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ନଅଗାଁ ପଞ୍ଚାୟତ ଲିପିଲୋଇ ଖେଳ ପଡ଼ିଆରେ ଚାଲିଥିବା ପପୁ ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରଗଲପୁରକୁ ୧-୦ ଗୋଲରେ ହରାଇ ଆଠମଲ୍ଲିକ ଫାଇନାଲରେ ପ୍ରବେଶ କରିଛି। ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଗିରାସିଙ୍ଗାକୁ ୧-୦ ଗୋଲରେ ହରାଇ ପତାକା ଅଷ୍ଟକିଳା କ୍ଲବ ଫାଇନାଲରେ ପ୍ରବେଶ କରିଥିଲା। ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ବନଖଣ୍ଡ ଅଧିକାରୀ ସନ୍ତୋଷ କୋପୁଲା, ସମ୍ମାନିତ ଅତିଥି ଭାବେ ରେଞ୍ଜ ଅଧିକାରୀ ସୁନୀଲ କୁମାର ସାହୁ, ବନ ବିଭାଗ ସଂଯୋଜକ ଦେବାନନ୍ଦ ନାଏକ, ଖବରଦାତା ଉଦୀପ୍ତ ପୁରୋହିତ ଓ କମଳାକାନ୍ତ ମିଶ୍ର ଯୋଗଦେଇଥିଲେ। ଅମିତ ନାଏକ, ସୁଶୀଲ ବେହେରା, ଅର୍ଜୁନ ନାଏକ, ପ୍ରଫୁଲ୍ଲ କୁମାର ସାହୁ ଖେଳ ପରିଚାଳନା କରିଥିଲେ। କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଏହି ଅବସରରେ ବନବିଭାଗ ତରଫରୁ ବନାଗ୍ନି ପ୍ରତିରୋଧ ନେଇ ସଚେତନତା ସୃଷ୍ଟି କରାଯାଇଥିଲା। ପରିବେଶ ଓ ବନ୍ୟଜନ୍ତୁ ସୁରକ୍ଷାକୁ ନେଇ ସଚେତନତା କବିତା ପରିବେଷଣ କରାଯାଇଥିଲା।

## ହାତୀ ସୁରକ୍ଷା ନେଇ ସଚେତନତା କାର୍ଯ୍ୟକ୍ରମ

**ପବିତ୍ରନଗର,୧୮।୧୨(ନିରୋଜ ପ୍ରଧାନ)**

ଅନୁଗୋଳ ଜିଲା କଣିହାଁ ବନାଞ୍ଚଳ କମରେଇ ଗ୍ରାମରେ ଗୁରୁବାର ହାତୀ ସୁରକ୍ଷା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ସରକାରୀ ଉଚ୍ଚ ବିଦ୍ୟାଳୟ କୁମୁଣ୍ଡାର ଇକୋ କ୍ଲବ ଛାତ୍ରୀଛାତ୍ର, ଶିକ୍ଷକ, ଶିକ୍ଷୟିତ୍ରୀ, କଣିହାଁ ବନପାଳଙ୍କ ସହ କର୍ମଚାରୀ କମରେଇ ଗ୍ରାମ ପରିକ୍ରମା କରି ଜନସାଧାରଣଙ୍କୁ ହାତୀର ସୁରକ୍ଷା ପାଇଁ ସଚେତନତା ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରଶାନ୍ତ କୁମାର ବେହେରା, ବିଜୟ କୁମାର ପ୍ରଧାନ, ରଞ୍ଜନ କୁମାର ପ୍ରଧାନ, ସବିତା ପ୍ରଧାନ, ବାବୁଲ ସାହୁଙ୍କ ସହ କଣିହାଁ ବନପାଳ ଦୀପକ କୁମାର ସେଠୀ, ବନରକ୍ଷୀ କବିତା ପ୍ରଧାନ, ମନସ୍ମିତା ସାହୁ, ଗଜମିତ୍ର ଗଜସାଥୀ ପ୍ରମୁଖ କର୍ମଚାରୀ ହାତୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।


ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ ଶୋଭାଯାତ୍ରାରେ ଯାଉଛନ୍ତି।

## ଶ୍ରୀମଦ୍ ଭାଗବତ କଥାମୃତ କାର୍ଯ୍ୟକ୍ରମ

**ଛେଣ୍ଡିପଦା,୧୮।୧୨(ଅଜିତ୍ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାଗଡ଼ିଆ ଠାରେ ୭ ଦିନବ୍ୟାପୀ ଶ୍ରୀମଦ୍ ଭାଗବତ କଥାମୃତ ଭକ୍ତି ଜ୍ଞାନଯଜ୍ଞ ଅନୁଷ୍ଠିତ ହେଉଛି। ଗୁରୁବାର ଶ୍ରୀମଦ୍ ଭାଗବତ କଥାମୃତର ଚତୁର୍ଥ ଦିବସ ଶ୍ରଦ୍ଧା, ଭକ୍ତି ଓ ସମର୍ପଣର ସହ ସମ୍ପନ୍ନ ହୋଇଯାଇଛି। ଶ୍ରୀଧାମ ବୃନ୍ଦାବନରୁ ଆସିଥିବା ଭାଗବତ କଥା ପ୍ରବଚକ ବେଦବ୍ୟାସ ମହାରାଜ ଭାଗବତ କଥା ବଖାଣି ଥିଲେ। ଏହି ଅବସରରେ ପ୍ରତ୍ୟହ ଜ୍ଞାନଯଜ୍ଞ ସହ ଅନ୍ନଯଜ୍ଞ ଆୟୋଜନ କରାଯାଉଛି। ଏହି ଭାଗବତ ଜ୍ଞାନଯଜ୍ଞର ପୂର୍ଣ୍ଣାହୁତି ଆସନ୍ତା ରବିବାର ସମାପନ ହେବ। ବଗଡ଼ିଆର ରଣଜିତ୍ ଅଗ୍ରୱାଲ, ଚତୁର୍ଭୁଜ ଅଗ୍ରୱାଲ, ଗୋପାଳ ଅଗ୍ରୱାଲ, ଅସନ୍ତୋଷ ଅଗ୍ରୱାଲ ପ୍ରମୁଖ ପରିଚାଳନା କରୁଛନ୍ତି।

## ହାତୀ ଭୟ: ସୁରକ୍ଷା ପାଇଁ ଗାଁ ଚାରିପାଖେ ନିଆଁଜାଳ

**ଅନୁଗୋଳ,୧୮।୧୨(ଦିବ୍ୟଶାନ୍ତନୁ ନାଥ):**

ଅନୁଗୋଳ ଉପକଣ୍ଠ ବେନ୍ତପୁର ଗାଁରେ ଦୀର୍ଘ ୨ ମାସର ବ୍ୟବଧାନ ପରେ ୮୦ ଟିକିଆ ହାତୀପଲ ପଶି ପୁଣି ଉତ୍ପାତ ଆରମ୍ଭ କରିଛନ୍ତି। ଲଗାତର ୪ଦିନ ଧରି ଏହି ହାତୀପଲ ଲୋକଙ୍କ ବାଡ଼ି ବଗିଚାରେ ପଶି ଫସଲ ନଷ୍ଟ କରୁଥିବା ଅଭିଯୋଗ ହେଉଛି। ପ୍ରତି ସନ୍ଧ୍ୟାରେ ଗାଁ ନିକଟ ପଦ୍ମପାଦ ମଠ ନିକଟରୁ ହାତୀପଲ ବାହାରି ଭେରୁଗୋଠା ସାହି ଅଞ୍ଚଳରେ ପଶୁଛନ୍ତି। ତେଣୁ ହାତୀ ଦାଉରୁ ରକ୍ଷା ପାଇଁ ଗ୍ରାମବାସୀ ଗୁରୁବାର ରାତିରେ ଗାଁ ନିକଟ ବିଲରେ ପଡ଼ିରହିଥିବା ଧାନ ପାଳରେ ନିଆଁ ଲାଗଇ ଦେଇଥିବା ଦେଖାଯାଇଛି। ଫଳରେ ଗ୍ରାମର ଚର୍ତ୍ତୁପାର୍ଶ୍ୱରେ ନିଆଁ ଜଳୁଥିବା ବେଳେ ହାତୀ ନିଆଁକୁ ଦେଖି ଅଧିକ ଉତ୍ପାତ ଆରମ୍ଭ କରିଥିବା ସୂଚନା ମିଳିଛି।


ବେନ୍ତପୁର ଗ୍ରାମବାସୀ ଗାଁ ଚାରିପଟ ବିଲରେ ପଡ଼ିଥିବା ପାଳରେ ନିଆଁ ଲଗାଇଛନ୍ତି।

## ନାଲ୍‌କୋର ପୂର୍ବତନ କର୍ମଚାରୀଙ୍କ ବିୟୋଗ

**ବଣ୍ଟଁରପାଳ,୧୮।୧୨(ସୁବାସ ସାହୁ)**



ଅନୁଗୋଳ ଜିଲା ନାଲ୍‌କୋ ଏସ୍‌ଆଣ୍ଡପି କମ୍ପ୍ଲେକ୍ସର ପୂର୍ବତନ କର୍ମଚାରୀ ଶ୍ୟାମସୁନ୍ଦର ନନ୍ଦ (୭୭)ଙ୍କ ଗୁରୁବାର ପରଲୋକ ହୋଇଯାଇଛି। ସେ କିଡ୍‌ନୀ ରୋଗରେ ପୀଡିତ ଥିଲେ। ଖବର ପାଇ ବଣିଆବାହାଳ ବାସଭବନଠାରେ ପରିବାରବର୍ଗ ଓ ବନ୍ଧୁ ପରିଜନ ପହଞ୍ଚିଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ନଳିନୀ ମହାପାତ୍ର, ବଡ଼ପୁଅ ବୁଲୁ ନନ୍ଦ, ସିଲୁ ନନ୍ଦ, ନିଲୁ ନନ୍ଦ ଓ ୨ ବୋହୂ ଉପସ୍ଥିତ ଥିଲେ। ଜିଲା କଂଗ୍ରେସ ଉପସଭାପତି ବଳବୀର ସିଂ, ଜିଲା ଯୁବକଂଗ୍ରେସ ସଭାପତି ଲୁଲୁ ପାଣିଗ୍ରାହୀ, ଛାତ୍ର କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ସାହୁ, କାଉନ୍‌ସିଲର ସରିତା ମିଶ୍ର, ଡାକ୍ତର, ଅନୁଗୋଳ ଜଗନ୍ନାଥ ମନ୍ଦିରର ସମସ୍ତ ସେବାୟତ ପହଞ୍ଚି ଶେଷଦର୍ଶନ କରିଥିଲେ।

# ମାନସିକ ରୋଗୀଙ୍କ ଚିକିତ୍ସା, ପୁନର୍ବାସରେ ସହଯୋଗ କରାଯିବ

**ଅନୁଗୋଳ,୧୮।୧୨ (ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ଗୋଷ୍ଠୀ ମାନସିକ ସ୍ୱାସ୍ଥ୍ୟ ଓ ବିକାଶ କାର୍ଯ୍ୟକ୍ରମ ଅଧୀନରେ ବିଶ୍ୱ ଯୁବକେନ୍ଦ୍ର ଦ୍ୱାରା ଆଠମଲ୍ଲିକ ବ୍ଲକର ୧୧ଟି ପଞ୍ଚାୟତର ୧୨୫ ଗ୍ରାମରେ କାର୍ଯ୍ୟକ୍ରମ ସଫଳତାର ସହ କାର୍ଯ୍ୟକାରୀ ହେଉଛି। ବିଶ୍ୱ ଯୁବକେନ୍ଦ୍ର ଓ ବେସିକ ନିଡ୍ ଇଣ୍ଡିଆଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମର ଜିଲାସ୍ତରୀୟ ପରାମର୍ଶ ବୈଠକ ଜିଲା ମୁଖ୍ୟ ଚିକିତ୍ସାଳୟସ୍ଥିତ ଜିଲା ପ୍ରଶିକ୍ଷଣ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନମୋହନ ପ୍ରଧାନ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ଧନଞ୍ଜୟ ବେହେରା, ଜିଲା ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ରଶ୍ମିତା ଭଞ୍ଜଦେଓ, ଗୋଷ୍ଠୀ ପରିଚାଳିକା ସୁଭାଷିନୀ ସାହୁ, କ୍ଲିନିକାଲ ସାଇକୋଲୋଜିଷ୍ଟ, କେସ ୱାର୍କର, ବ୍ଲକ ପ୍ରୋଗ୍ରାମ ଅଫିସର ସରୋଜ କୁମାର ଦାସ, ଡା. ତପସ୍ୱିନୀ ମିଶ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ପେଡ଼ିପଥର ଓ ସାନହୁଲା, ବିଶ୍ୱ ଯୁବ କେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର, ଅଭୟ ଚରଣ ସ୍ୱାଇଁ (ଭିଡିଏମ୍‌ପି), ସହ ଗୋଷ୍ଠୀ ମାନସିକ ସ୍ୱାସ୍ଥ୍ୟ ଓ ବିକାଶ କାର୍ଯ୍ୟକ୍ରମର ସଂଯୋଜିକା ମନସ୍ୱିନୀ ପାତ୍ର, ଫିଲ୍ଡ ୱାର୍କ ଅଫିସର ଜୋତ୍ସ୍ନିତା ପ୍ରଧାନ, ୧୦ଜଣ ଗୋଷ୍ଠୀ ସଂଯୋଜକ, ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ, ଆଇସିଡିଏସ ସୁପରଭାଇଜର ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ମାନସିକ ରୋଗୀମାନଙ୍କୁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ମାଧ୍ୟମରେ ସହଜରେ ଔଷଧ ଯୋଗାଣ, ସରକାରୀ ଭତ୍ତା ପ୍ରଦାନ, ଭିନ୍ନକ୍ଷମ ସାର୍ଟିଫିକେଟ ପ୍ରସ୍ତୁତି, ଜୀବନ ଜୀବିକାରେ ସେମାନଙ୍କୁ ଅନ୍ତର୍ଭୁକ୍ତ କରିବା ସହ ସରକାରଙ୍କ ଦ୍ୱାରା ଉପଲବ୍ଧ ସମସ୍ତ ସୁବିଧା ଓ ସୁଯୋଗ ପ୍ରଦାନ ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଡା. ମଦନ ମୋହନ ପ୍ରଧାନ ମାନସିକ ରୋଗୀଙ୍କ ଚିକିତ୍ସା ଓ ପୁନର୍ବାସ ପାଇଁ ସରକାରୀସ୍ତରରେ ସମ୍ପୂର୍ଣ୍ଣ ସହଯୋଗ ଦେବାକୁ ଆଶ୍ୱାସନା ଦେଇଥିଲେ। ଡା. ରଶ୍ମିତା ଭଞ୍ଜଦେଓ ମାନସିକ ରୋଗର ଲକ୍ଷଣ, ପ୍ରକାର ଓ ପ୍ରତିକାର ସମ୍ପର୍କରେ ଅଂଶଗ୍ରହଣକାରୀଙ୍କୁ ସଚେତନ କରିଥିଲେ। ବିଶ୍ୱ ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ସମସ୍ତଙ୍କ ସହଯୋଗ ପାଇଁ ଆଶାବ୍ୟକ୍ତ କରିଥିଲେ।



ଜିଲାସ୍ତରୀୟ ପରାମର୍ଶ ବୈଠକରେ ଉପସ୍ଥିତ ଅଧିକାରୀମାନେ।

# ଓଡ଼ିଶା କ୍ରୀଡ଼ାରେ ନୂଆ ଅଧ୍ୟାୟ



ପ୍ରଜ୍ଞା ପ୍ରଶାନ୍ତି ସାହୁ

ଅଗଷ୍ଟ ୧୦ରେ ଓଡ଼ିଶା କ୍ରୀଡ଼ାରେ ଯୋଡ଼ିହୋଇଥିଲା ନୂଆ ଅଧ୍ୟାୟ। ପ୍ରଥମଥର ପାଇଁ କଳିଙ୍ଗ ଷ୍ଟାଡିୟମରେ ୱାର୍ଲ୍ଡ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ଲେଭଲ ପ୍ରତିଯୋଗିତା ସଫଳତାର ସହ ଆୟୋଜନ ହୋଇଥିଲା। ଏଥିରେ ମୋଟ ୧୭ଟି ଇଭେଣ୍ଟ ଅନୁଷ୍ଠିତ ହୋଇ ଥିବାବେଳେ ଭାରତରୁ ୯୩ ଓ ବିଦେଶରୁ ୬୩ ଆଥ୍ଲେଟ୍ ଏଥିରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ପ୍ରଜ୍ଞା ପ୍ରଶାନ୍ତି ସାହୁ ମହିଳା ୧୦୦ ମିଟର ହର୍ଡଲ୍ସରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟ ଓ ଦେଶକୁ ଗର୍ବିତ କରିଥିବାବେଳେ ଓଡ଼ିଶା ଏଚ୍‌ପିସିର ଅନିମେଶ କୁଜୁର ପୁରୁଷ ୨୦୦ ମିଟରରେ ପ୍ରଥମସ୍ଥାନ ଅଧିକାର କରିଥିଲେ। ସେହିପରି ଆଇଟିଟିଏଫ୍-ଏଟିଟିୟୁ ଏସିଆନ ଟେବୁଲ ଟେନିସ ଚାମ୍ପିୟନଶିପ୍ ଅକ୍ଟୋବର ୧୧ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଅକ୍ଟୋବରରେ ଏସିଆନ ଟେବୁଲ ଟେନିସ ଟିମ୍ ଚାମ୍ପିୟନଶିପ୍, ଜାତୀୟ ଜୁନିୟର ଆଥ୍ଲେଟିକ୍ସ ଓ ଆଇଟିଏଫ୍ ମାଷ୍ଟର୍ସ ୧୦୦ ଟେନିସ ଟୁର୍ନାମେଣ୍ଟ ଆୟୋଜନ କରି ଓଡ଼ିଶା ସରକାର ନିଜ ଆୟୋଜନ ଦକ୍ଷତା ଦେଖାଇଥିଲେ।

କଟକର ବାରବାଟୀ ଷ୍ଟାଡିୟମରେ ଏହିବର୍ଷ ୨ଟି ଅନ୍ତର୍ଜାତୀୟ ମ୍ୟାଚ ଆୟୋଜନ ହୋଇଥିଲା। ଫେବୃଆରୀ ୯ରେ ଅନୁଷ୍ଠିତ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତ ୪ ଉଇକେଟରେ ଇଂଲଣ୍ଡକୁ ପରାସ୍ତ କରିଥିବାବେଳେ ଡିସେମ୍ବର ୯ରେ ଅନୁଷ୍ଠିତ ଟି୨୦ ମୁକାବିଲାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୧୦୧ ରନରେ ଦମ୍‌ଦାର ବିଜୟ ହାସଲ କରିଥିଲା। ଭାରତୀୟ ଖେଳାଳି ଓ ଦର୍ଶକଙ୍କ ଲାଗି ଏହା ସ୍ମୃତିମଧୁର ହୋଇଥିଲା।

ବିଦାୟ ବେଳାରେ ୨୦୨୫ କ୍ରୀଡ଼ାବର୍ଷ। ଏହି ବର୍ଷ ଓଡ଼ିଶା କ୍ରୀଡ଼ାବିତ୍‌ମାନେ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରି ରାଜ୍ୟ ଏବଂ ଦେଶକୁ ଗର୍ବିତ କରିଛନ୍ତି। ପ୍ରତିଭା ସମ୍ପନ୍ନ ଭାରୋତ୍ତୋଳିକା ପ୍ରୀତିସ୍ମିତା ଭୋଇ ଏସିଆନ ୟୁଥ୍ ଗେମ୍ସରେ ନୂଆ ଏସିଆନ ଓ ବିଶ୍ୱ ରେକର୍ଡ ସୃଷ୍ଟି କରିଥିବାବେଳେ ଓଡ଼ିଶା ଏଚ୍‌ପିସିର ସ୍ପ୍ରିଣ୍ଟର ଅନିମେଶ କୁଜୁର ଏକାଧିକଥର ନିଜ ଜାତୀୟ ରେକର୍ଡ ଭାଙ୍ଗିଛନ୍ତି। ବାରବାଟୀ ଓ କଳିଙ୍ଗ ଷ୍ଟାଡିୟମଠାରୁ ଆରମ୍ଭ କରି ଓଡ଼ିଶାର ବିଭିନ୍ନ ସ୍ଥାନରେ ଆୟୋଜିତ ହୋଇଛି ଏକାଧିକ ଜାତୀୟ ଓ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ। ତୃଣମୂଳ ସ୍ତରରେ କ୍ରୀଡ଼ାର ବିକାଶ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ସିଏମ୍ ଟ୍ରଫି ଆୟୋଜନ ଦେଖାଇଛି ନୂଆ ଦିଶା। ଅର୍ଜୁନ ପୁରସ୍କାରପ୍ରାପ୍ତ ବିଜୟ କୁମାର ଶତପଥୀଙ୍କ ପରଲୋକ କ୍ରୀଡ଼ାପ୍ରେମୀଙ୍କୁ ଶୋକରେ ରଖିଥିବାବେଳେ ପାୟଲ ନାଗ୍ ଓ ସାଇ ସ୍ୱରୂପଙ୍କ ଚମକ ଏହି ବର୍ଷ ଚର୍ଚ୍ଚାରେ ରହିଥିଲା...


ବାରବାଟୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଟିମ୍ ଇଣ୍ଡିଆ ଅଧିନାୟକ ସୂର୍ଯ୍ୟ କୁମାର ଯାଦବ
କଳିଙ୍ଗ ଷ୍ଟାଡିୟମ

## ଜାତୀୟ କ୍ରୀଡ଼ାରେ ଓଡ଼ିଶାକୁ ୪୬ ପଦକ

ଉତ୍ତରାଖଣ୍ଡରେ ଫେବୃଆରୀରେ ଆୟୋଜିତ ୩୮ତମ ଜାତୀୟ କ୍ରୀଡ଼ାରେ ଓଡ଼ିଶା କ୍ରୀଡ଼ାବିତ୍‌ମାନେ ୪୬ଟି ପଦକ ହାସଲ କରିଥିଲେ। ଏହା ମଧ୍ୟରେ ୧୪ ସ୍ୱର୍ଣ୍ଣ, ୧୫ ରୌପ୍ୟ ଓ ୧୭ ବ୍ରୋଞ୍ଜ ପଦକ ସାମିଲ। ଓଡ଼ିଶାରୁ ୩୦୨ ଆଥ୍ଲେଟ୍ ଓ ୭୫ ସପୋର୍ଟ ଷ୍ଟାଫ୍ ଯୋଗଦେଇଥିଲେ। ବିଭିନ୍ନ ବର୍ଗରେ ଓଡ଼ିଶା କ୍ରୀଡ଼ାବିତମାନେ ନୂଆ ଜାତୀୟ ରେକର୍ଡ ସୃଷ୍ଟି କରିଥିଲେ।

## ଦୃଷ୍ଟିବାଧିତ ମହିଳା ଟି୨୦ ବିଶ୍ୱକପ

ଶ୍ରୀଲଙ୍କାର କଲମ୍ବୋଠାରେ ଆୟୋଜିତ ପ୍ରଥମ ଦୃଷ୍ଟିବାଧିତ ମହିଳା ଟି୨୦ ବିଶ୍ୱକପ୍‌ରେ ଭାରତୀୟ ମହିଳା କ୍ରିକେଟ୍ ଦଳ ଚାମ୍ପିୟନ ହୋଇ ଇତିହାସ ରଚିଥିଲା। ଏହି ଦଳରେ ସାମିଲ ରହି ବିଶ୍ୱ ବିଜେତା ହେବାର ସୌଭାଗ୍ୟ ଲାଭ କରିଥିଲେ ଓଡ଼ିଶାର ୪ ଖେଳାଳି। ସେମାନେ ହେଲେ ବାଲେଶ୍ୱରର ଫୁଲ ସୋରେନ, ମୟୂରଭଞ୍ଜର ପାର୍ବତୀ ମାର୍ଣ୍ଡି, ଯମୁନାରାଣୀ ଟୁଡୁ ଏବଂ ବାସନ୍ତୀ ହାଁସଦା।



## ବିଶ୍ୱ ରେକର୍ଡ ସହ ପ୍ରୀତିସ୍ମିତାଙ୍କ ଏସୀୟ ସଫଳତା



ବାହାରିନ୍‌ର ମାନାମାଠାରେ ଅକ୍ଟୋବରରେ ଅନୁଷ୍ଠିତ ଏସିଆନ ୟୁଥ୍ ଗେମ୍ସ ଭାରୋତ୍ତୋଳନରେ ଓଡ଼ିଶାର ପ୍ରୀତିସ୍ମିତା ଭୋଇ ନୂଆ ଏସିଆନ ଓ ବିଶ୍ୱ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ଏବଂ ଦେଶକୁ ଗର୍ବିତ କରିଥିଲେ। ଢେଙ୍କାନାଳସ୍ଥିତ ଭାରୋତ୍ତୋଳନ ଉପକେନ୍ଦ୍ରରେ ପ୍ରଶିକ୍ଷଣପ୍ରାପ୍ତ ପ୍ରୀତିସ୍ମିତା ବାଳିକା ୪୪ କେଜି ବର୍ଗରେ ମୋଟ ୧୫୮ କେଜି ଉତ୍ତୋଳନକରି ଏହି ସଫଳତା ପାଇଥିଲେ। ସେ ସ୍ନାଚ୍‌ରେ ୬୬ ଓ କ୍ଲିନ୍ ଆଣ୍ଡ ଜର୍କରେ ୯୨ କେଜି ଉତ୍ତୋଳନ କରିଥିଲେ। ଏହି ଓଜନ ବର୍ଗରେ କ୍ଲିନ୍ ଆଣ୍ଡ ଜର୍କରେ ୯୨ କେଜି ଉତ୍ତୋଳନ ଏକ ଏସୀୟ ଓ ବିଶ୍ୱ ରେକର୍ଡ। ପୂର୍ବରୁ ୮୯ କେଜି ଏସିଆନ ଏବଂ ୯୦ କେଜି ଉତ୍ତୋଳନ ବିଶ୍ୱ ରେକର୍ଡ ଥିଲା। ସେହିପରି ଅଗଷ୍ଟରେ ଅହମଦାବାଦଠାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ (ୟୁଥ୍, ଜୁନିୟର ଓ ସିନିୟର) ଚାମ୍ପିୟନଶିପ୍‌ରେ ଚମକପ୍ରଦ ପ୍ରଦର୍ଶନକରି ରାଜ୍ୟ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଥିଲେ ପ୍ରୀତିସ୍ମିତା। କେବଳ ସେତିକି ନୁହେଁ, ସେ ୩ଟି ରାଜ୍ୟଗୋଷ୍ଠୀ ରେକର୍ଡ ସହ ଏହି ସଫଳତା ପାଇ ନିଜ କ୍ୟାରିୟରକୁ ଋଦ୍ଧିମନ୍ତ କରିଥିଲେ। ୟୁଥ୍ ବାଳିକା ୪୪ କେଜି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ପ୍ରୀତିସ୍ମିତା ସ୍ନାଚ୍‌ରେ ୬୩, କ୍ଲିନ୍ ଆଣ୍ଡ ଜର୍କରେ ୮୭ ଏହିପରି ମୋଟ ୧୫୦ କେଜି ଉତ୍ତୋଳନକରି ୩ ରେକର୍ଡର ଅଧିକାରୀ ହୋଇଥିଲେ। ସେ କୋଚ୍ ଗୋପାଳ କୃଷ୍ଣ ଦାସଙ୍କ ତତ୍ତ୍ୱାବଧାନରେ ଢେଙ୍କାନାଳସ୍ଥିତ ହାଇପରଫର୍ମାନ୍ସ ସେଣ୍ଟର (ସବ୍ ସେଣ୍ଟର)ରେ ପ୍ରଶିକ୍ଷଣରତ।

## ଶ୍ରଦ୍ଧାଞ୍ଜଳିଙ୍କୁ ଏଏଫ୍‌ସି 'ଏ' ଲାଇସେନ୍ସ



ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ମହିଳା ଫୁଟବଲ ତାରକା ତଥା ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟକ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଏକ ବିରଳ ସଫଳତା ପାଇଥିଲେ। ରାଜ୍ୟ ମହିଳା ଫୁଟବଲରେ ଅନେକ ପ୍ରଥମର ଅଧିକାରିଣୀ ଶ୍ରଦ୍ଧାଞ୍ଜଳି ଏହିବର୍ଷ ଏଏଫ୍‌ସି 'ଏ' ଲାଇସେନ୍ସ କୋଚ୍‌ର ମାନ୍ୟତା ହାସଲ କରିଥିଲେ। ଏହି କୃତିତ୍ୱ ଅର୍ଜନ କରିବାରେ ସେ ରାଜ୍ୟର ପ୍ରଥମ ମହିଳା କ୍ରୀଡ଼ାବିତ୍। ୨୦୧୬ରେ ଶୁଭେନ୍ଦୁଙ୍କ ପରେ ଦ୍ୱିତୀୟରେ ଅକ୍ଷୟ ଦାସ ଏହି ଲାଇସେନ୍ସ ପାଇଥିଲେ। ମାତ୍ର ଶ୍ରଦ୍ଧାଞ୍ଜଳି ପ୍ରଥମ ମହିଳାଭାବେ ଏହି କୃତିତ୍ୱ ଅର୍ଜନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଥିଲେ। ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ପକ୍ଷରୁ ତାଙ୍କୁ ଜାତୀୟ ସିନିୟର ମହିଳା ଫୁଟବଲ ଦଳର ଚୟନକର୍ତ୍ତା ନିଯୁକ୍ତ କରିଥିଲା।

# ଜାତୀୟ ରେକର୍ଡ ଭାଙ୍ଗିଲେ ଅନିମେଶ

ଏହି ବର୍ଷ ଏକାଧିକଥର ୨୦୦ ମିଟରରେ ନିଜ ଜାତୀୟ ରେକର୍ଡ ଭାଙ୍ଗିଥିଲେ ଓଡ଼ିଶା ଏଚ୍‌ପିସି ଆଥ୍ଲେଟ୍ ଅନିମେଶ କୁଜୁର। ଭୁବନେଶ୍ୱରସ୍ଥିତ ରିଲାଏନ୍ସ ଫାଉଣ୍ଡେଶନ ଆଥ୍ଲେଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟରରେ ଟ୍ରେନିଂ ନେଉଥିବାରୁ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଛତିଶଗଡ଼ର ଅନିମେଶ କେରଳର କୋଚିଠାରେ ଏପ୍ରିଲରେ ଅନୁଷ୍ଠିତ ଜାତୀୟ ଫେଡେରେଶନ ସିନିୟର ଆଥ୍ଲେଟିକ୍ସ ଚାମ୍ପିୟନଶିପ୍‌ରେ ୨୦.୪୦ ସେକେଣ୍ଡ ସମୟ ନେଇ ଜାତୀୟ ରେକର୍ଡ ଭାଙ୍ଗିଥିଲେ। ପୂର୍ବରୁ ଅମ୍ଲାନ ବୋର୍ଗୋହେନ ୨୦.୫୨ ସେକେଣ୍ଡ ସମୟ ନେଇ ମିଟ୍ ଓ ଜାତୀୟ ରେକର୍ଡର ଅଧିକାରୀ ଥିଲେ। ପରେ ମେ'ରେ ଦକ୍ଷିଣ କୋରିଆର ଗୁମିଠାରେ ଅନୁଷ୍ଠିତ ଏସିଆନ ଆଥ୍ଲେଟିକ୍ସରେ ୨୧ ବର୍ଷୀୟ ଅନିମେଶ ୨୦.୩୨ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିଥିଲେ ହେଁ ନିଜ ନାମରେ ଥିବା ଜାତୀୟ ରେକର୍ଡକୁ ଭାଙ୍ଗିଥିଲେ। ସେ ଏହି ପ୍ରତିଯୋଗିତାର ପୁରୁଷ ୨୦୦ ମିଟରରେ ଭାରତ ପାଇଁ ପଦକ ଜିତିବାରେ ଦୀର୍ଘ ୧୦ ବର୍ଷ ପ୍ରତୀକ୍ଷାର ଅବସାନ ଘଟାଇଥିଲେ।


ଅନିମେଶ କୁଜୁର

# ସମ୍ଭାବନା ବଢ଼ାଇଲା ସିଏମ୍ ଟ୍ରଫି

## ପରଲୋକରେ ଓଡ଼ିଶାର ଅର୍ଜୁନ



ଓଡ଼ିଶାର କିମ୍ବଦନ୍ତୀ କ୍ରୀଡ଼ାବିତ୍ ବିଜୟ କୁମାର ଶତପଥୀ ସେପ୍ଟେମ୍ବର ୨୩ରେ ପରଲୋକ ଗମନ କରିଥିଲେ। ତାଙ୍କୁ ୭୧ ବର୍ଷ ହୋଇଥିଲା। ଗଞ୍ଜାମ ମାଟିର ସୁଯୋଗ୍ୟ ସନ୍ତାନ ବିଜୟ ହେଉଛନ୍ତି ଅର୍ଜୁନ ପୁରସ୍କାରପ୍ରାପ୍ତ ଭାରୋତ୍ତୋଳକ। କ୍ରୀଡ଼ାକ୍ଷେତ୍ରରେ ବିଶେଷ ଅବଦାନ ପାଇଁ ତାଙ୍କୁ ୧୯୮୨ରେ ଅର୍ଜୁନ ପୁରସ୍କାର ମିଳିଥିଲା। କ୍ରୀଡ଼ା କ୍ଷେତ୍ରକୁ ଆଜୀବନ ଅବଦାନ ପାଇଁ ତାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅଗଷ୍ଟ ୨୯ ଜାତୀୟ କ୍ରୀଡ଼ା ଦିବସ ଅବସରରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର-୨୦୨୪ରେ ମଧ୍ୟ ସମ୍ମାନିତ କରାଯାଇଥିଲା। ସେହିପରି ସନ୍ତୋଷ ଟ୍ରଫି ଜାତୀୟ ଫୁଟ୍‌ବଲରେ ଦୀର୍ଘଦିନ ଧରି ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ପୂର୍ବତନ ଖେଳାଳି ମନ୍ମଥ ନାଥ ସିଂ ଓ ସୁକାନ୍ତ ଦତ୍ତରାୟଙ୍କର କଟକସ୍ଥିତ ବାସଭବନରେ ପରଲୋକ ଘଟିଥିଲା।

CM Trophy 2025

## ତୃଣମୂଳରୁ କ୍ରୀଡ଼ାର ବିକାଶ

ରାଜ୍ୟରେ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଗ୍ରହ କ୍ରମେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ମିଳିତ ଆନୁକୂଲ୍ୟରେ ୧୫ ବର୍ଷରୁ କମ୍ ସିଏମ୍ ଟ୍ରଫି ଫୁଟବଲ୍ ଚାମ୍ପିୟନଶିପ୍ ଆୟୋଜନ କରାଯାଇଥିଲା। ସିଏମ୍ ଟ୍ରଫିର ପ୍ରଥମ ପର୍ଯ୍ୟାୟ ଜାନୁଆରୀ ୧୬ରୁ ଏପ୍ରିଲ ୧୯ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲାମାନଙ୍କରେ ଅନୁଷ୍ଠିତ ହୋଇଥିଲା। ମୋଟ୍ ୨୭୧ଟି ଫୁଟବଲ୍ କ୍ଲବ ଏବଂ ୫ ହଜାରରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ ଏଥିରେ ଭାଗ ନେଇଥିଲେ। ପ୍ରତିଯୋଗିତାର ଦ୍ୱିତୀୟ ତଥା ଜୋନାଲ ସ୍ତରୀୟ ମୁକାବିଲା ମେ ୨୮ରୁ ଜୁନ୍ ୫ ତାରିଖ ପର୍ଯ୍ୟନ୍ତ ହୋଇଥିଲା। ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡ଼ିୟମ୍‌ରେ ଅନୁଷ୍ଠିତ ଫାଇନାଲରେ ଭୁବନେଶ୍ୱର ଏଫ୍‌ସିକୁ ହରାଇ ବରଗଡ଼ ଏଫ୍‌ସି ଚାମ୍ପିୟନ ହୋଇଥିଲା। ଏହି ଟୁର୍ନାମେଣ୍ଟ କ୍ରୀଡ଼ା ବିକାଶରେ ଅନେକ ସମ୍ଭାବନା ସୃଷ୍ଟି କରିଛି।

## ପ୍ରତ୍ୟାବର୍ତ୍ତନରେ ପ୍ରମୋଦ ସଫଳ

ହୋୟାର ଏବାଉଟ୍ସ ଫେଲ୍ୟୁଅର୍ସ ପାଇଁ ପ୍ୟାରିସ୍ ଅଲିମ୍ପିକ୍ସ ମିସ୍ କରିଥିବା ଓଡ଼ିଶାର ଖେଳରତ୍ନ ପାରା ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତ ଏହିବର୍ଷ ପ୍ରତ୍ୟାବର୍ତ୍ତନରେ ସଫଳ ରହିଥିଲେ। ସେ ନାଇଜେରିଆରେ ଅନୁଷ୍ଠିତ ପ୍ରଥମ ଏବିଆଇଏ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଏକାକୀ ୩ଟି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଟୋକିଓ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ୩୭ ବର୍ଷୀୟ ପ୍ରମୋଦ ଏହିବର୍ଷ ଜାପାନ ପାରା ବ୍ୟାଡ୍‌ମିଣ୍ଟନରେ ମଧ୍ୟ ୩ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସରେ ସେ ଏହି ସଫଳତା ପାଇଥିଲେ।

## ରସନାରା ପରୱିନ୍‌ଙ୍କ ଅବସର

ଓଡ଼ିଶାର ଅନ୍ତର୍ଜାତୀୟ ମହିଳା କ୍ରିକେଟର ରସନାରା ପରୱିନ୍ ଅକ୍ଟୋବର ୩ରେ କ୍ରିକେଟର ସମସ୍ତ ଫର୍ମାଟ୍‌ରୁ ଅବସର ଘୋଷଣା କରିଥିଲେ। ଜଣେ ଡାହାଣହାତୀ ଅଫ୍ ବ୍ରେକ୍ ବୋଲରଭାବେ ବିଶେଷ ପରିଚିତ ଥିବା ବଲାଙ୍ଗୀରର ରସନାରା କ୍ୟାରିୟରରେ ଭାରତ ପକ୍ଷରୁ ଗୋଟିଏ ଦିନିକିଆ (୨୦୨୩ ବିଶ୍ୱକପ ବନାମ ୱେଷ୍ଟଇଣ୍ଡିଜ) ଏବଂ ୨ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚରେ ପ୍ରତିନିଧିତ୍ୱ କରିଥିଲେ। ଘରୋଇ କ୍ରିକେଟରେ ପ୍ରତିଷ୍ଠିତ ସୂର୍ଯ୍ୟକାନ୍ତ ପ୍ରଧାନ ମଧ୍ୟ ଏହି ବର୍ଷ ଅବସର ନେଇଥିଲେ।

## ସ୍ୱପ୍ନ ସାକାର ପଥରେ ସାଇ ସ୍ୱରୂପ



ଓଡ଼ିଶାର ପ୍ରଥମ ପୁରୁଷ ସନ୍ତରଣକାରୀଭାବେ ସାଇ ସ୍ୱରୂପ ସ୍ୱାଇଁ ଜାତୀୟ ସ୍ତରରେ ସ୍ୱର୍ଣ୍ଣ ପଦକ ହାସଲକରି ଓଡ଼ିଶାକୁ ଗର୍ବିତ କରିଥିଲେ। ଅହମଦାବାଦରେ ଅନୁଷ୍ଠିତ ୫୧ତମ ଜାତୀୟ ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍‌ର ପୁରୁଷ ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ସେ ଏହି ସଫଳତା ପାଇଥିଲେ। ପୂର୍ବରୁ ସେ ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଥିଲେ। ପୂର୍ବରୁ ୧୯୯୦ରେ ରଙ୍କନିଧି ସେଠ୍ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ବ୍ରୋଞ୍ଜ ପଦକ ଜିତିଥିଲେ। ଦୀର୍ଘ ୩୫ ବର୍ଷ ବ୍ୟବଧାନରେ ଜାତୀୟ ସୁଇମିଂରୁ ପଦକ ଜିତିଥିଲେ ସାଇ ସ୍ୱରୂପ। କେବଳ ସେତିକି ନୁହେଁ, ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ମଧ୍ୟ ସେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିଲେ ଏହି ସନ୍ତରଣ ପ୍ରତିଭା। ସାଇ ସ୍ୱରୂପଙ୍କ ମା' ରୁନୁ ସ୍ୱାଇଁ ରାଜ୍ୟ ଗୋଇନ୍ଦା ବିଭାଗରେ ଡିଏସ୍‌ପି ଏବଂ ବାପା ସୁବାସ ଚନ୍ଦ୍ର ସ୍ୱାଇଁ ରାଜ୍ୟ ପୋଲିସର ସ୍ପେଶାଲ ବ୍ରାଞ୍ଚରେ କାର୍ଯ୍ୟରତ।

## ଶୁଭଶ୍ରୀ, ମାଗାଇ, ପବନୀଙ୍କ ପାଇଁ ସ୍ମରଣୀୟ



ନୂଆଦିଲ୍ଲୀରେ ଜାନୁଆରୀ ୧୩ରୁ ୧୯ ପର୍ଯ୍ୟନ୍ତ ଅନୁଷ୍ଠିତ ସର୍ବପ୍ରଥମ ଖୋ ଖୋ ବିଶ୍ୱକପ୍‌ର ଉଭୟ ମହିଳା ଓ ପୁରୁଷ ବର୍ଗରେ ଚାମ୍ପିୟନ ହୋଇଥିବା ଭାରତୀୟ ଦଳରେ ସାମିଲ ଥିଲେ ଓଡ଼ିଶାର ୩ ଖେଳାଳି। ମହିଳା ଦଳରେ ସ୍ଥାନ ପାଇଥିବା ଶୁଭଶ୍ରୀ ସିଂ ଓ ମାଗାଇ ମାଝି ଏବଂ ପୁରୁଷ ଦଳରେ ପବନୀ ସବର ଚମତ୍କାର ପ୍ରଦର୍ଶନକରି ଭାରତର ଏହି ଐତିହାସିକ ସଫଳତାରେ ଭାଗୀଦାର ହୋଇଥିଲେ। ଏହା ବ୍ୟତୀତ ଓଡ଼ିଶାର ୫ ଅଧିକାରୀ ଓ ଟେକ୍ନିକାଲ ଅଫିସରଙ୍କୁ ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ବିଭିନ୍ନ ପଦବୀରେ ନିଯୁକ୍ତ କରାଯାଇଥିଲା। ସେମାନେ ହେଲେ ଓଡ଼ିଶା ଖୋ ଖୋ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ପାର୍ଥସାରଥୀ ମହାପାତ୍ର, ଆକାଶ ରଣା, କ୍ରିଷ୍ଣା କୁମାରୀ ରାୟ ଏବଂ ଶ୍ରଦ୍ଧାମୟୀ ରାଉତ।

## ଇତିହାସ ରଚିଲେ ପାୟଲ

ମାତାପିତାଙ୍କ ସହ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇ ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ନିଜ ୨ ହାତଗୋଡ଼ ହରାଇ ସମ୍ପୂର୍ଣ୍ଣ ଭିନ୍ନକ୍ଷମ ପାଲଟିଯାଇଥିବା ପାୟଲ ନାଗ (୧୭) ଜାତୀୟ ପାରା ତୀରନ୍ଦାଜୀ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିଲେ। ରାଜସ୍ଥାନର ଜୟପୁରଠାରେ ଅନୁଷ୍ଠିତ ଜାତୀୟ ପାରା ତୀରନ୍ଦାଜୀ ଚାମ୍ପିୟନଶିପ୍‌ର ମହିଳା କମ୍ପାଉଣ୍ଡ ଓପନ୍ (ଡବ୍ଲ୍ୟୁ-୧) ବର୍ଗ ଫାଇନାଲରେ ପାୟଲ ଦେଶର ଚର୍ଚ୍ଚିତ ପାରା ଅଲିମ୍ପିକ୍ସ ଆଥ୍ଲେଟ ଶୀତଲ ଦେବୀଙ୍କୁ ପରାସ୍ତକରି ଏହି ସଫଳତା ପାଇଥିଲେ। ଦାଦନ ଖଟିବାକୁ ଯାଇ ହାତଗୋଡ଼ ହରାଇ ସମ୍ପୂର୍ଣ୍ଣ ଭିନ୍ନକ୍ଷମ ପାଲଟିବା ପରେ ଜାତୀୟ ସ୍ତରରେ ପାରା ଆଥ୍ଲେଟ୍ ଭାବେ ଚାମ୍ପିୟନ ଆଖ୍ୟା ଅର୍ଜନ କରିବାରେ ପାୟଲ ପ୍ରଥମ ମହିଳା ବୋଲି କୁହାଯାଉଛି। ତାଙ୍କର ଏହି ସଫଳତାରେ ବଲାଙ୍ଗୀର ସମେତ ସମଗ୍ର ଓଡ଼ିଶାରେ ଖୁସିର ଲହରି ଖେଳିଯାଇଥିଲା।



## ସଂକ୍ଷେପରେ...

- ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂହଦେଓ ଭାରତୀୟ ଜାତୀୟ ରାଇଫଲ ସଂଘ (ଏନ୍‌ଆରଏଆଇ) ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ।
- ସମୀର ମହାନ୍ତି ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ଏବଂ ବିଧାୟକ ଟଙ୍କଧର ତ୍ରିପାଠୀ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ନୂଆ ସଭାପତି।
- ସମ୍ବଲପୁରରେ ୩୦ତମ ଜାତୀୟ ରୋଡ଼ ସାଇକ୍ଲିଂ ଚାମ୍ପିୟନଶିପ୍-୨୦୨୫ ଅନୁଷ୍ଠିତ।
- ଓଡ଼ିଶାର ସାତ୍ତ୍ୱିକ ସ୍ୱାଇଁ ଜୁନ୍‌ରେ ହରିୟାଣାର ଗୁରଗାଁଓରେ ଅନୁଷ୍ଠିତ ଜାତୀୟ ୯ ବର୍ଷରୁ କମ୍ ଚେସ୍‌ରେ ଚାମ୍ପିୟନ ହୋଇଥିଲେ। ବିଶ୍ୱରେ ଚେସ୍ ପରିଚାଳନାର ସର୍ବୋଚ୍ଚ ସଂସ୍ଥା 'ଫିଡେ' ପକ୍ଷରୁ ତାଙ୍କୁ ଗତ ନଭେମ୍ବରରେ କ୍ୟାଣ୍ଡିଡେଟ ମାଷ୍ଟର ଟାଇଟଲ ପ୍ରଦାନ କରାଯାଇଥିଲା।
- ଓଡ଼ିଶାରେ ପ୍ରଥମଥରପାଇଁ ଆଇକନିକ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ ଅନୁଷ୍ଠିତ।
- ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ଅନୁଷ୍ଠିତ ବିଶ୍ୱ ଜୁ-ଜିତସୁରେ ଓଡ଼ିଶାର ଅନୁପମା ସ୍ୱାଇଁ, ସ୍ୱରାଜ ଜାନି ଓ ଅମରେଶ୍ୱର ଭଗନେଲେ।
- କଳିଙ୍ଗ ଷ୍ଟାଡିୟମ ପରିସରରେ ଜାତୀୟ ସିନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍ ଅନୁଷ୍ଠିତ।
- ଭାରତର ସର୍ବ ପ୍ରଥମ ରଗ୍‌ବୀ ପ୍ରିମିୟର ଲିଗ୍ (ଆରପିଏଲ୍)ରେ ଓଡ଼ିଶା ଭିତ୍ତିକ ଫ୍ରାଞ୍ଚାଇଜ୍ ଦଳ କଳିଙ୍ଗ ବ୍ଲାକ୍ ଟାଇଗର୍ସ ଭାଗନେଲା।
- କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଜାନୁଆରୀ ୮ ରେ ଭାରତର ପ୍ରଥମ ଅନ୍ତର୍ଜାତୀୟସ୍ତରର ମିନତି ମହାପାତ୍ର ସାଇକ୍ଲିଂ ଭେଲୋଡ୍ରୋମ୍ କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ତଥା ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ଦ୍ୱାରା ଉଦ୍‌ଘାଟିତ ହେଲା।
- ଅକ୍ଟୋବର ୨୯ ଜାତୀୟ କ୍ରୀଡ଼ା ଦିବସ ଅବସରରେ ରାଜ୍ୟର ସର୍ବଶ୍ରେଷ୍ଠ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଥିଲା। ଅର୍ଜୁନ ପୁରସ୍କାରପ୍ରାପ୍ତ ଭାରୋତ୍ତୋଳକ ବିଜୟ କୁମାର ଶତପଥୀଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ, ସ୍ପ୍ରିଣ୍ଟର ଅନିମେଶ କୁଜୁରଙ୍କୁ ଶ୍ରେଷ୍ଠ କ୍ରୀଡ଼ାବିତ୍, ଅନ୍ତର୍ଜାତୀୟ ହୁଇଲ ଚେୟାର ଫେନ୍‌ସିଂ ତାରକା ରାଖାଲ କୁମାର ସେଠୀ ଶ୍ରେଷ୍ଠ ପାରା କ୍ରୀଡ଼ାବିତ୍, ସୁଷମା ନନ୍ଦ (ଭଲିବଲ) ଶ୍ରେଷ୍ଠ କୋଚ୍‌ଭାବେ ଏହି ସମ୍ମାନଜନକ ପୁରସ୍କାର ଲାଭ କରିଥିଲେ।
- ଓଡ଼ିଶାର ପ୍ରଥମ ଜିମ୍ନାଷ୍ଟ ଭାବେ ରାକେଶ କୁମାର ପାତ୍ର ଭାରତୀୟ ପୁରୁଷ ଆର୍ଟିଷ୍ଟିକ୍ସ ଜିମ୍ନାଷ୍ଟିକ୍ସ ଦଳର କୋଚ୍ ନିଯୁକ୍ତ।
- ଉତ୍ତରପ୍ରଦେଶ କାନପୁରଠାରେ ଜୁନ ୧୩ରୁ ୧୬ ପର୍ଯ୍ୟନ୍ତ ଅନୁଷ୍ଠିତ ଜାତୀୟ ସିନିୟର ବଧିର କ୍ରୀଡ଼ାର କରାଟେ ଇଭେଣ୍ଟରେ ଓଡିଶାର ଲୋମା ସ୍ୱାଇଁଙ୍କୁ ସ୍ୱର୍ଣ୍ଣ ପଦକ।
- ଓଡ଼ିଶାର କଣିକା ମିଶ୍ର ଏହି ବର୍ଷ ଦେଶର ମହିଳା ଆମେଚର ଗଲ୍ଫରମାନଙ୍କ ମଧ୍ୟରେ ଶୀର୍ଷ ସ୍ଥାନ ହାସଲ କରିଥିଲେ। କଣିକା ଦେଶରେ ନମ୍ବର ୱାନ ହେବାରେ ରାଜ୍ୟର ପ୍ରଥମ ମହିଳା ଗଲ୍ଫର ହୋଇ ଇତିହାସ ରଚିଥିଲେ।
- ଦୀର୍ଘ ୭ ବର୍ଷ ପରେ ଫେରିଥିବା ହକି ଇଣ୍ଡିଆ ଲିଗ୍ ରାଉରକେଲାର ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଥିଲା। ପୁରୁଷ ବର୍ଗରେ ବେଙ୍ଗଲ ଟାଇଗର୍ସ ଚାମ୍ପିୟନ ହୋଇଥିଲା।

## ଅମିୟଙ୍କ ବିବାହ

ଓଡ଼ିଶା ତାରକା ଆଥ୍ଲେଟ୍ ଅମିୟ ମଲିକ ନଭେମ୍ବର ୨୨ରେ ନିଜ ବାନ୍ଧବୀ ଫିଜିଓଥେରାପିଷ୍ଟ ଶ୍ୱେତା ଭେଙ୍କଟ ଆଟିଲିଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି।


ଶ୍ୱେତା ଆଟିଲିଙ୍କ ସହ ଅମିୟ ମଲିକ

# ଅତିରିକ୍ତ ସୁରକ୍ଷା ରାଶି ଜମା ନୂଆ କଥା ନୁହେଁ: ଟାଟା ପାୱାର

ଭୁବନେଶ୍ୱର,୧୮।୧୨(ଅନୁରାଧା ମହାରଣା)

ଟାଟା ପାୱାରର ଅତିରିକ୍ତ ସୁରକ୍ଷା ଜମା ରାଶିକୁ ନେଇ ବିଭିନ୍ନ ବର୍ଗରୁ ଗତ କିଛିଦିନ ଧରି ଜୋରଦାର ବିରୋଧ କରାଯାଇଥିବା ବେଳେ ଟାଟା ପାୱାର ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ଗୁରୁବାର ଭୁବନେଶ୍ୱରସ୍ଥିତ ଟିପିସିଓଡିଏଲ୍ ଟେକ୍ନୋଲୋଜି ସେଣ୍ଟରଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଟିପିସିଓଡିଏଲ୍, ଟିପିଏନ୍ଓଡିଏଲ, ଟିପିଏସ୍ଓଡିଏଲ୍ ଏବଂ ଟିପିଡବ୍ଲ୍ୟୁଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ବିଭିନ୍ନ ପ୍ରସଙ୍ଗରେ ଉତ୍ତର ରଖିଛନ୍ତି। ଅତିରିକ୍ତ ସୁରକ୍ଷା ଜମା ରାଶି ବାବଦରେ ସ୍ପଷ୍ଟୀକରଣ ରଖି ଟିପିସିଓଡିଏଲ୍ ସିଇଓ ଅରବିନ୍ଦ ସିଂହ କହିଛନ୍ତି, ଅତିରିକ୍ତ ସୁରକ୍ଷା ଜମା କିଛି ନୂଆ କଥା ନୁହେଁ । ଏହା ପୂର୍ବରୁ ମଧ୍ୟ ଥିଲା, ଇଲେକ୍ଟ୍ରିସିଟି ଆକ୍ଟ ୨୦୦୩ ନିୟମରେ ଏହା କରାଯାଉଥିବା ସେ କହିଛନ୍ତି। ଏହା ଏକ ରେଗୁଲେଟେଡ୍ ବିଜ୍‌ନେସ୍ ଦର୍ଶାଇବା ସହ ବିଦ୍ୟୁତ୍ ବିଲ୍, କନେକ୍ସନ, ଚାର୍ଜେଶ ସବୁ ରେଗୁଲେଟେଡ୍ ବୋଲି ସେ କହିଛନ୍ତି। ଯେଉଁ ସିକ୍ୟୁରିଟି ଡିପୋଜିଟ ନିଆଯାଉଛି ତାହା ଉପରେ କ୍ରେଡିଟ୍ ଇଣ୍ଟରେଷ୍ଟ ଦିଆଯାଉଥିବା ସେ ସୂଚନା ଦେଇଛନ୍ତି। ପୁରୁଣା ମିଟର ରିଡିଂ ଓ ସ୍ମାର୍ଟ ମିଟର ସମାନ ରିଡିଂ ମଧ୍ୟରେ କୌଣସି ଫରକ ନାହିଁ, କେବଳ ଏତିକି ଫରକ ଯେ, ସ୍ମାର୍ଟ ମିଟର ଉପଭୋକ୍ତାଙ୍କ ସହ କମ୍ପାନୀର ଏକ ଯୋଗାଯୋଗ ମାଧ୍ୟମ ଭାବେ କାମ କରୁଛି । ଅଧିକ ଟଙ୍କା ଆସିବା ଏକ ଭ୍ରମ, ସେମିତି କୌଣସି ସ୍ଥାନରେ ହେଉନି ବୋଲି ସଫେଇ ରଖିଛି ଟାଟା ପାୱାର। ସୂଚନାଯୋଗ୍ୟ, ଟିପିସିଓଡିଏଲ୍ ତରଫରୁ ଆସିଥିବା ଅତିରିକ୍ତ ସୁରକ୍ଷା ଜମାକୁ ନେଇ ଉପଭୋକ୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ବିଦ୍ୟୁତ୍ ସମସ୍ୟା ନେଇ ଓଇଆର୍‌ସିଙ୍କୁ ଭେଟିଥିଲା ଓ ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ । ଏନେଇ ମହାସଂଘ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ନିକଟରେ ବିଦ୍ୟୁତ୍ ବିତରଣ ସଂସ୍ଥା ଅତିରିକ୍ତ ସୁରକ୍ଷା ଜମାଟଙ୍କା ଆଦାୟ କରିବା ବାଧ୍ୟତାମୂଳକ କରିଥିଲା । ଯେଉଁମାନେ ଏହାକୁ ଧାର୍ଯ୍ୟ ସମୟ ମଧ୍ୟରେ ଦାଖଲ ନ କରିବେ ସେମାନଙ୍କ ବିଦ୍ୟୁତ୍ ସଂଯୋଗ କାଟି ଦିଆଯିବ ବୋଲି ମଧ୍ୟ ନୋଟିସ ହୋଇଥିଲା , ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଉଜୁଥିଲା। ଓଡ଼ିଶାର ଶିଳ୍ପ ଅଞ୍ଚଳଗୁଡ଼ିକରେ ଚାଲୁଥିବା ବିଦ୍ୟୁତ୍ ସଙ୍କଟ ମଧ୍ୟରେ ଟାଟା ପାୱାରଙ୍କ ଦ୍ୱାରା ସୁରକ୍ଷା ଜମାରାଶି ଦାବିକୁ ଓଡ଼ିଶା ଆସୋସିଏସନ ଅଫ୍ ସ୍ମଲ ଆଣ୍ଡ ମିଡିୟମ ଏଣ୍ଟରପ୍ରାଇଜେସ୍ ପକ୍ଷରୁ ମଧ୍ୟ ନିନ୍ଦା କରାଯାଇଥିଲା। ଅନ୍ୟପଟେ ଖବରଦାତା ସମ୍ମିଳନୀରେ ମାତ୍ର ୧୮୭୫ ଟଙ୍କାରେ ପିଏମ୍ ସୂର୍ଯ୍ୟଘର : ମୁଫ୍ତ ବିଜୁଳି ଯୋଜନା – ୟୁଏଲ୍‌ଏ ମଡେଲ ମାଧ୍ୟମରେ ୧ କିଲୋୱାଟ ରୁଫ୍‌ଟପ୍ ସୋଲାର ସ୍ଥାପନ (ସୋଲାର ମିଟର ମୂଲ୍ୟ ଅତିରିକ୍ତ) ନେଇ ବିସ୍ତୃତ ସୂଚନା ପ୍ରଦାନ କରାଯାଇଥିଲା। ସୋଲାର ମଡ୍ୟୁଲ ଉପରେ ୨୫ ବର୍ଷର ୱାରେଣ୍ଟି ଉପଲବ୍ଧ । ଡିସ୍‌କମ୍ ପକ୍ଷରୁ ବିନା କୌଣସି ଅତିରିକ୍ତ ଦେୟରେ ୫ବର୍ଷ ପାଇଁ ରକ୍ଷଣାବେକ୍ଷଣ ସେବା କରାଯିବ ବୋଲି ସୂଚନା ଦିଆଯାଇଛି।




# ଆନ୍ତଃ ସିଆଇଏଲ୍ ଭଲିବଲ ଟୁର୍ଣ୍ଣାମେଣ୍ଟ

ରାଞ୍ଚି,୧୮।୧୨

ସିଏମ୍‌ପିଡିଆଇ ଖେଳ ପଡ଼ିଆରେ ୩ ଦିନିଆ ଆନ୍ତଃ ସିଆଇଏଲ୍ ଭଲିବଲ ଟୁର୍ଣ୍ଣାମେଣ୍ଟ ୨୦୨୫–୨୬ ଚାଲିଛି। ୧୯ ତାରିଖରେ ଉଦ୍‌ଯାପନ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରତିଷ୍ଠାନ ନିର୍ଦ୍ଦେଶକ (ଟେକ୍ନିକାଲ/ସିଆରଡି), ଶଙ୍କର ନାଗାଚାରୀ, ନିର୍ଦ୍ଦେଶକ (ଟେକ୍ନିକାଲ/ଇଏସ୍), ରାଜୀବ କୁମାର ସିହ୍ନା, ନିର୍ଦ୍ଦେଶକ (ଟେକ୍ନିକାଲ/ଆରଡି ଆଣ୍ଡ ଟି), ନୃପେନ୍ଦ୍ର ନାଥ ଏବଂ ମୁଖ୍ୟ ସତର୍କତା ଅଧିକାରୀ ପଙ୍କଜ କୁମାର ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଦଳଗତ କାର୍ଯ୍ୟ, ଶୃଙ୍ଖଳା ଏବଂ ଶାରୀରିକ ସୁସ୍ଥତାକୁ ପ୍ରୋତ୍ସାହିତ କରିବାରେ କ୍ରୀଡ଼ାର ଭୂମିକା ଉପରେ ଆଲୋକପାତ କରିଥିଲେ ଏବଂ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସଚ୍ଚୋଟତା ଏବଂ ଉତ୍ସାହର ସହ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। ସମସ୍ତ ଖେଳାଳି କ୍ରୀଡ଼ା ମନୋଭାବ ଏବଂ ନିରପେକ୍ଷ ଖେଳ ବଜାୟ ରଖିବା ପାଇଁ ଶପଥ ମଧ୍ୟ ନେଇଥିଲେ। ଉଦ୍‌ଘାଟନୀ ଅଧିବେଶନର ପ୍ରଥମ ମ୍ୟାଚ୍ ଏମ୍‌ସିଏଲ୍,ସମ୍ବଲପୁର ବନାମ ସିସିଏଲ୍ ରାଞ୍ଚି ମଧ୍ୟରେ ଖେଳାଯାଇଥିଲା। ଏଥିରେ ଏମ୍‌ସିଏଲ୍,ସମ୍ବଲପୁର ୨୫–୧୮, ୨୫–୧୮, ୨୫–୧୯ ରେ ସିସିଏଲ୍,ରାଞ୍ଚିକୁ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚରେ ଏନ୍‌ସିଏଲ୍,ସିଙ୍ଗରୌଲି ୨୫–୨୦, ୨୨–୨୫, ୨୫–୧୯ରେ ଡବ୍ଲ୍ୟୁସିଏଲ୍–ନାଗପୁରକୁ ପରାସ୍ତ କରିଥିଲା। ତୃତୀୟ ମ୍ୟାଚ ଏସ୍‌ଇସିଏଲ୍,ବିଲାସପୁର ବନାମ ସିଏମ୍‌ପିଡିଆଇ,ରାଞ୍ଚି ମଧ୍ୟରେ ଖେଳାଯାଇଥିଲା। ଏଥିରେ ଏସ୍‌ଇସିଏଲ୍–ବିଲାସପୁର ୨୫–୧୮, ୨୬–୨୪, ୨୫–୨୦ ରେ ସିଏମ୍‌ପିଡିଆଇ,ରାଞ୍ଚିକୁ ପରାସ୍ତ କରିଥିଲା। କୋଲ୍ ଇଣ୍ଡିଆର ସମସ୍ତ ସହାୟକ କମ୍ପାନୀର ଦଳଗୁଡ଼ିକୁ ନେଇ ଏହି ୩ଦିନିଆ ମ୍ୟାଚ, ଯେଉଁଥିରେ ଆୟୋଜକ ଦଳ ସିଏମ୍‌ପିଡିଆଇ,ରାଞ୍ଚି ଏବଂ ଏସ୍‌ସିସିଏଲ୍,କୋଥାଗୁଡେମ ସାମିଲ ଅଛନ୍ତି।



# ଅରୁନ୍ଧତୀର 'ଷ୍ଟାର ଇନ୍‌ଫ୍ଲୁଏନ୍ସର ଅଫ୍ ଓଡ଼ିଶା–୨୦୨୫' ପ୍ରତିଯୋଗିତା

ଭୁବନେଶ୍ୱର,୧୮।୧୨(ଅନୁରାଧା ମହାରଣା)

ଜୁଏଲେରି ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ 'ଷ୍ଟାର ଇନ୍‌ଫ୍ଲୁଏନ୍ସର ଅଫ୍ ଓଡ଼ିଶା–୨୦୨୫' ପ୍ରତିଯୋଗିତା ଆରମ୍ଭ ହୋଇଛି। ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ଚାହୁଁଥିବା ଇନ୍‌ଫ୍ଲୁଏନ୍ସର ଅରୁନ୍ଧତୀର ୱେବ୍‌ସାଇଟ୍ www.arundhati-jewelllers.coms ମାଧ୍ୟମରେ ନାମ ପଞ୍ଜୀକରଣ କରିପାରିବେ । ଇନ୍‌ଷ୍ଟାଗ୍ରାମ ରିଲସ୍ ଆଧାରରେ ପ୍ରତିଯୋଗୀମାନଙ୍କୁ ଚୟନ କରାଯିବ। ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ଗୀତିକାର ଅରୁଣ ମନ୍ତ୍ରୀ ଓ ଶୋଭନା ମିଶ୍ର ପ୍ରମୁଖ ବିଚାରକ ମଣ୍ଡଳୀରେ ଅଛନ୍ତି। ୩ ଜଣ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ମୋଟ ୨ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ପ୍ରଥମ ବିଜେତାଙ୍କୁ ୧ ଲକ୍ଷ ଟଙ୍କା, ଦ୍ୱିତୀୟ ବିଜେତାଙ୍କୁ ୬୦ ହଜାର ଟଙ୍କା ଏବଂ ତୃତୀୟ ବିଜେତାଙ୍କୁ ୪୦ ହଜାର ଟଙ୍କାର ପୁରସ୍କାର ରାଶି ପାଇବେ। ରାଜ୍ୟରେ ଅନାଲୋଚିତ ଥିବା ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଏହି ପ୍ରୟାସ କରାଯାଉଥିବା ଅରୁନ୍ଧତୀ ପକ୍ଷରୁ କୁହାଯାଇଛି।




# ୱାର୍ଲ୍ଡ ସ୍କିଲ୍ସ ଏସିଆରେ କାଂସ୍ୟ ଜିତିଲେ ରାଉରକେଲାର କୋମଳ

ଭୁବନେଶ୍ୱର,୧୮।୧୨(ଅନୁରାଧା ମହାରଣା)

ରାଉରକେଲାର ପ୍ରତିଭାବାନ୍ ଯୁବ ଉଦ୍ଭାବକ କୋମଳ ପଣ୍ଡା ପ୍ରତିଷ୍ଠିତ ୱାର୍ଲ୍ଡ ସ୍କିଲ୍ସ ଏସିଆ ୨୦୨୫ରେ ଶିଳ୍ପ ଡିଜାଇନ ପ୍ରଯୁକ୍ତିବିଦ୍ୟାରେ କାଂସ୍ୟ ପଦକ ଜିତିଛନ୍ତି। କୋମଳଙ୍କ ପଦକ ବିଜୟୀ ପ୍ରଦର୍ଶନରେ ଡିଜାଇନ, ୩–ଡି ମଡେଲିଂ, ପ୍ରଡକ୍ଟ ଇଞ୍ଜିନିୟରିଂ ଏବଂ ଉନ୍ନତ ଡିଜିଟାଲ ପ୍ରୋଟୋଟାଇପିଂରେ ଅସାଧାରଣ ଦକ୍ଷତା ପ୍ରଦର୍ଶନ କରିଥିଲେ। ପଦକ ବିଜେତାଙ୍କୁ ଅଭିନନ୍ଦନ ଜଣାଇ କେନ୍ଦ୍ର ଦକ୍ଷତା ବିକାଶ ଏବଂ ଉଦ୍ୟୋଗିତା ରାଷ୍ଟ୍ରମନ୍ତ୍ରୀ ଏବଂ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ ଶୁଭେଚ୍ଛା ଜଣାଇଛନ୍ତି। ଏମ୍‌ଏସ୍‌ଡିଇ, ଏନ୍‌ଏସ୍‌ଡିସି, ବୈଷୟିକ ବିଶେଷଜ୍ଞ, ସହଭାଗୀ ପ୍ରତିଷ୍ଠାନ ଏବଂ ଶିଳ୍ପ ସହଯୋଗୀଙ୍କ ଦୃଢ଼ ସମର୍ଥନ ମାଧ୍ୟମରେ କୋମଳଙ୍କ ସଫଳତା ସମ୍ଭବ ହୋଇପାରିଛି।





## FOREST DEPARTMENT

No.MM-401

## OFFICE OF THE DIVISIONAL FOREST OFFICER, JEYPORE KL DIVISION

e-mail: dfojprkl@gmail.com
Order No.248, Date 16.12.2025

Government of Odisha "e" Procurement Notice
Bid Identification No.DFO-JPR-KL-02/2025-26

1. Number of Works :- 1 (One number of Work)
2. Approximate estimated cost :- 42.03 Lakh
3. Period of Completion :- 3 (Three) Calendar Months.
4. Date & Time of availability of bid documents in the portal :- Dt.19.12.2025 to 28.12.2025
5. Last Date/Time of receipt of bid in the portal :- Dt.28.12.2025 upto 5.00 P.M.
6. Date of Opening of bid :- Dt.29.12.2025 at 11.00 A.M.
7. Name & address of the Office inviting bid :- O/o the Divisional Forest Officer Jeypore KL Division, Jeypore

Further details can be seen from the e-Procurement portal http://www.tendersodisha.gov.in

Sd./- Divisional Forest Officer
Jeypore KL Division

OIPR-08156/11/0003/2526

No.C-1804

## OFFICE OF THE NOTIFIED AREA COUNCIL, BIJEPUR

AT/PO/PS:- Bijepur, Dist.:- Bargarh (Odisha), PIN:- 768032
Phone No. 06685-274153, E_Mail ID:- bijepurnac2018@gmail.com
Letter No. 1376 Date : 15.12.2025

### QUOTATION CALL NOTICE

Bijepur NAC invites EOI from experienced, competent and eligible Agencies/ Suppliers/ Bidders for supply and fixing of Stalls for Food Court under Bijepur NAC as per the specifications given below.

**Each Stall shall consist of the following materials.**

1) 4 Nos. of 60x60mm vertical G.I square pipe of 12 ft. height (2ft below ground level & 10ft above ground level)
2) 4 Nos. of 40x40mm vertical G.I square pipe of 5 ft. sloping height at top.
3) 5 Nos. of 40x40mm horizontal G.I square pipe of 20 ft. long each.
4) GCI Sheet (Dura shine coloured sheet)-4 Nos. of size (3' 6"X10' 00") each with fixing of ridge & Mugdum of 1'6" height Approx.
5) GCI Sheet (Dura shine coloured sheet)-1No. of size 3' 6"X10' 00" will be fixed with 40x40mm horizontal G.I square pipe in between two Stalls.
6) Counter Table of size 6' 00" x2' 00"x2' 10" will be made out of S.S. sheet of 302 grade.

The Quotation Paper will be available at Development Section of Bijepur NAC @ Rs.400.00 (Rupees four hundred) only per each schedule from Dt.18.12.2025 10.00A.M to 5.00 P.M of Dt.24.12.2025 (within working days & Office hours). The Quotation Paper will be received up to 5.00 P.M. of Dt.26.12.2025. The Quotation Paper will be opened on Dt.30.12.2025 at 11.00 A.M. in presence of the Quotationers or their Authorised representatives. The Quotation documents can be seen in our Office Website www.bijepurnac.in

Any other clarifications regarding EOI may contact Development Section of Bijepur NAC. The Authority reserves the right to accept, reject or cancel any or all the Quotations without assigning any reason thereof.

Sd./- Executive Officer
Bijepur NAC

OIPR-13123/11/0020/2526

## ବିଜ୍ଞାପନ

No.RR-38

ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ୨୦୨୫–୨୦୨୬ ଆର୍ଥିକ ବର୍ଷରେ ଗ୍ରନ୍ଥାଗାର ପାଇଁ ପୁସ୍ତକ ଓ ପତ୍ରିକା କ୍ରୟ କରିବାକୁ ଚାହୁଁଅଛି । ପୁସ୍ତକ ଓ ପତ୍ରିକାଗୁଡିକ ପ୍ରତ୍ନତତ୍ତ୍ୱ, ନୃତତ୍ତ୍ୱ, ଚାରୁକଳା ଓ ସ୍ଥାପତ୍ୟ, ଇତିହାସ, ହିନ୍ଦୁ ଧର୍ମ, ବୌଦ୍ଧ ଧର୍ମ, ଜୈନ ଧର୍ମ, ଓଡ଼ିଆ ସାହିତ୍ୟ, ସଂସ୍କୃତ ସାହିତ୍ୟ, ଇଂରାଜୀ ସାହିତ୍ୟ, କଳାତ୍ମକ ଛବିର ଅଧ୍ୟୟନ, ସଂଗ୍ରହାଳୟ ସମ୍ବନ୍ଧୀୟ ପୁସ୍ତକ, ପୁରାଣ ଶାସ୍ତ୍ର, ତନ୍ତ୍ରଶାସ୍ତ୍ର, ତାଳପତ୍ର ପୋଥି, ଜଗନ୍ନାଥ ସଂସ୍କୃତି ଇତ୍ୟାଦି ବିଷୟ ଉପରେ ପର୍ଯ୍ୟବସିତ ହୋଇଥିବା ଆବଶ୍ୟକ । ଇଚ୍ଛୁକ ପ୍ରକାଶକ/ପୁସ୍ତକ ବିକ୍ରେତାମାନଙ୍କୁ ଅନୁରୋଧ କରାଯାଉଅଛି କି ବିଜ୍ଞାପନ ପ୍ରକାଶ ପାଇବାର ୧୦ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ନୂତନ ପୁସ୍ତକ ତାଲିକା/ନମୁନା ପଠାଇ କରିବେ । ପ୍ରକାଶନ ସମୟ ଓ ରିହାତିର ପ୍ରତିଶତ ଉଲ୍ଲେଖ୍ୟ ରହିବା ଆବଶ୍ୟକ ।

ସ୍ୱା./–ଅଧୀକ୍ଷକ,
ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ଭୁବନେଶ୍ୱର

OIPR-03015/11/0017/2526

## ODISHA COOPERATIVE TASAR & SILK FEDERATION (SERIFED) LTD.

Sahid Nagar, Janpath, Bhubaneswar-751 007, Tel: 2545586/2545852, email- serifedodisha@gmail.com, website- www.serifedodisha.in

### INVITATION FOR BIDS (e-Procurement)

Bid identification no:- VI-11(09)/SERIFED/2025-26/ 2182

**No.CAD-2727** : The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in single cover system in ONLINE MODE only, for 3 no. of works in Khordha district. The bid documents such as DTCN/BOQ etc. can be seen/downloaded from the government website: www.tendersodisha.gov.in. during the period dt. 18.12.2025 to 5.00 PM up to 24.12.2025. Tender shall be received till 5.00 PM on 24.12.2025 & shall be opened at 11.30 AM on 26.12.2025. Any addendum / corrigendum/cancellation of tender can also be seen in the said website.

OIPR-31005/11/0024/2526 Sd./- MANAGING DIRECTOR

## ODISHA PUBLIC SERVICE COMMISSION, CUTTACK

### NOTICE

No. 8671/PSC., Dt. 17.12.2025
(1R-18-24/25)(DR-V)

**Assistant Professor (Stage-I) in Santali**
(Advertisement No.27 of 2023-24)

**No.D-** : It is for information of all concerned that, document verification of 17 (Seventeen) candidates having **PPSAN** mentioned below for the Post of **Assistant Professor (Stage-I) in "Santali"**, pursuant to advertisement No.27 of 2023/24 shall be held on **29.12.2025** as per the following programme in the Office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 29.12.2025 | 10.30 A.M. | P240299025, P240305214, P240259052, P240301572, P240308925, P230121480, P240303041, P240302582, P230135607, P240304155, P240302682, P240300320, P240303073, P240307570, P240241909, P240300796 & P220066840 = **17 Candidates** |

The candidates are required to submit the documents as per this office **Notice No. 4271/PSC, dt. 21.06.2025** which is available on the Website of the Commission i.e. **www.opsc.gov.in**.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above.

**Note**: It is also made clear that,the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR-12002/11/0345/2526 Sd./- Secretary

## ODISHA COOPERATIVE TASAR & SILK FEDERATION (SERIFED) LTD.

Sahid Nagar, Janpath, Bhubaneswar-751 007, Tel: 2545586/2545852, email- serifedodisha@gmail.com, website- www.serifedodisha.in

### TENDER CALL NOTICE

Bid identification no:- VI-11(08)/SERIFED/2025-26/ 2180

**No.CAD-2726** : The MANAGING DIRECTOR (SERIFED), Odisha, Bhubaneswar invites sealed tenders in double cover bids from the registered contractors for 01 no. of work in Khordha district. The bid documents such as DTCN/BOQ etc. can be seen/downloaded from the website: www.tendersodisha.gov.in. during the period dt. 20.12.2025 to 5.00 PM up to 29.12.2025. Tender shall be received till 5.00 PM on 29.12.2025 & shall be opened at 11.30 AM on 30.12.2025. Any addendum / corrigendum / cancellation of tender can also be seen in the said website.

OIPR-31005/11/0025/2526 Sd./- MANAGING DIRECTOR

## ବ୍ରହ୍ମପୁର ବନଖଣ୍ଡର କାଜୁମଞ୍ଜି (୨୦୨୫–୨୬ ପାଇଁ) ସଂଗ୍ରହ ନିମନ୍ତେ ଠିକା ପଦ୍ଧତି ଇସ୍ତାହାର ।

No. MM–396:– ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବ୍ରହ୍ମପୁର ବନଖଣ୍ଡ ଅଧୀନସ୍ଥ ବିଭିନ୍ନ ଜଙ୍ଗଲରେ ଥିବା କାଜୁମଞ୍ଜି ସଂଗ୍ରହ ୨୦୨୫–୨୬ ବର୍ଷ ନିମନ୍ତେ ଜଉମୁଦିଆ ଟେଣ୍ଡର ନିର୍ଦ୍ଧାରିତ ଫର୍ମରେ ଆହ୍ୱାନ କରାଯାଉଅଛି । କାଜୁମଞ୍ଜି ସଂଗ୍ରହ ସମ୍ବନ୍ଧୀୟ ସବିଶେଷ ବିବରଣୀ **ବ୍ରହ୍ମପୁର ବନଖଣ୍ଡ ଅଧିକାରୀ, ବ୍ରହ୍ମପୁରଙ୍କ** କାର୍ଯ୍ୟାଳୟରେ ନିମ୍ନଲିଖିତ କାର୍ଯ୍ୟଦିବସମାନଙ୍କରେ ଦିବା ୧୧.୦୦ ଘଟିକାଠାରୁ ଅପରାହ୍ନ ୫.୩୦ ଘଟିକା ସମୟରେ ମିଳିପାରିବ । ଇଚ୍ଛୁକ ବ୍ୟକ୍ତିମାନେ ଟେଣ୍ଡର ଖୋଲିବାର ନିର୍ଦ୍ଧାରିତ ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଅଂଶଗ୍ରହଣ କରିପାରିବେ କିମ୍ବା ତାଙ୍କର ମନୋନୀତ ପ୍ରତିନିଧିଙ୍କୁ ପ୍ରମାଣପତ୍ର ଦେଇ ହାଜର କରାଇପାରିବେ । ନିର୍ଦ୍ଧାରିତ ଫର୍ମରେ ଅମାନତ ଜମା ସହ ନିଜର ଗୋଟିଏ ସଦ୍ୟ ଫୋଟୋଗ୍ରାଫ, ସଲଭେନ୍ସି ପ୍ରମାଣପତ୍ର ଓ GST Clearance Certificate ତା୧୨.୦୧.୨୦୨୬ ଅପରାହ୍ନ ୫.୩୦ ଘଟିକା ସମୟ ମଧ୍ୟରେ ଜଉମୁଦିଆ ଲଫାପାରେ ଭର୍ତ୍ତି କରି ବ୍ରହ୍ମପୁର ବନଖଣ୍ଡ ଅଧିକାରୀ, ବ୍ରହ୍ମପୁରଙ୍କ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ଦାଖଲ କରିବାକୁ ପଡ଼ିବ ।

| | | | |
|---|---|---|---|
| ୧) | ଟେଣ୍ଡର ଫର୍ମ ବିକ୍ରୟ ତାରିଖ/ସମୟ | : | ତା୧୭.୧୨.୨୦୨୫ଠାରୁ ୧୨.୦୧.୨୦୨୬ ଦିନ (ସମସ୍ତ କାର୍ଯ୍ୟଦିବସମାନଙ୍କରେ ଦିବା ୧୧.୦୦ ଘଟିକାଠାରୁ ଅପରାହ୍ନ ୫.୩୦ ଘଟିକା ସମୟ ମଧ୍ୟରେ) । |
| ୨) | ଟେଣ୍ଡର ଫର୍ମ ଦାଖଲର ଶେଷ ତାରିଖ/ସମୟ | : | ତା୧୨.୦୧.୨୦୨୬ ସମୟ ୫.୩୦ ମଧ୍ୟରେ । |
| ୩) | ଟେଣ୍ଡର ଫର୍ମ ଖୋଲିବା ସମୟ | : | ତା୧୩.୦୧.୨୦୨୬ ସମୟ ୧୧.୦୦ ଘଟିକା । |
| ୪) | ଟେଣ୍ଡର ଫର୍ମ ମୂଲ୍ୟ | : | ଟ. ୧୦୦.୦୦ (ଏକଶହ) ବ୍ୟକ୍ତିଗତ ଭାବେ । |

ସମସ୍ତ ସ୍ୱତ୍ୱାଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ସଂରକ୍ଷିତ ରହିବ । କୌଣସି କାରଣ ନ ଦର୍ଶାଇ ଯେ କୌଣସି ଟେଣ୍ଡରକୁ ଦରକାର ହେଲେ ନିମ୍ନ ସ୍ୱାକ୍ଷରକାରୀ ଅଧିକାରୀ ଖାରଜ ବା ପରିବର୍ତ୍ତନ କରିପାରିବେ ।

ସ୍ୱା./- ବନଖଣ୍ଡ ଅଧିକାରୀ
ବ୍ରହ୍ମପୁର ବନଖଣ୍ଡ

OIPR-08038/11/0051/2526

## DISTRICT EDUCATION OFFICE, SAMBALPUR, (DISTRICT PROJECT MANAGEMENT UNIT, PM Poshan)

No. 11884 /PM POSHAN (MDM) Dt. 16.12.2025

### SHORT TENDER CALL NOTICE

**No.n-215 :** Sealed tenders are invited in the prescribed format from the intending **individual firm/** Transport Contractor(s) / **Agents** having agent's license for transportation of foodstuff(rice) under PM Poshan feeding programme from **OSCSC RRC godowns i.e.,Nuakhurigaon & Rairakhol** of the district **to different school points** of Sambalpur District without transit for **4th qtr of 2025-26**. The detailed tender papers and documents can be obtained from the District Project Management Unit, PM Poshan (MDM), which is functioning in the Office of the District Education Officer, Sambalpur on payment of Rs.500/- (Rupees Five Hundred) only (non-refundable) in shape of Demand Draft in favour of the **"District Education Officer-cum-District Nodal Officer, District Project Management Unit, PM Poshan(MDM), Sambalpur" payable at Sambalpur**. The details of the Tender call notice and other documents are also available in Office website **http://sambalpur.odisha.gov.in** of Sambalpur District.

| | | |
|---|---|---|
| Date of commencement of sale of Tender Document | : | **dt.17.12.2025** |
| Last date of sale of Tender Document | : | **dt.28.12.2025** |
| Last date & time of Receipt of Tender Documents | : | **dt.30.12.2025 (5.00 PM)** |
| Date & Time of Opening of Tender Documents | : | **intimated later on** |

Not with standing anything contained to the contrary in the tender document, the undersigned reserves the right to cancel/modify the "invitation for Bids" or to reject any or all of the bids or cancel the entire tender process without assigning any reason thereof and shall bear no liability whatsoever consequent upon such a decision.

Sd./- DISTRICT EDUCATION OFFICER
SAMBALPUR

OIPR-27062/11/0001/2526

GOVERNMENT OF ODISHA eerwbnjr@gmail.com

## OFFICE OF THE SUPERINTENDING ENGINEER, RURAL WORKS DIVISION, BHANJANAGAR

NATIONAL COMPETITIVE BIDDING THROUGH e-Procurement

No.O-1781 Identification No.Online Tender/21/RWDBNJ/2025-2026
Ltr.No.6084, Date:09.12.25

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender/ RWDB-NJ/21/ 2025-2026 | Building Work | 13 Nos. | 50.35 Lakh to 85.68 Lakhs | "B" & "A" Class as applicable | 09 (Nine) Calendar Months |

| Procurement Officer | Bid Identification No. | Availability of Tender online for bidding | |
|---|---|---|---|
| | | From | To |
| Superintending Engineer, R.W. Division, Bhanjanagar | Online Tender/21/ RWDBNJ/ 2025-2026 | 22.12.2025 at 10.00 A.M. | 05.01.2026 upto 5.00 P.M. |

Further details can be seen from the website: www.tendersodisha.gov.in.

OIPR-25174/11/0058/2526 Sd./- Executive Engineer, R.W. Division, Bhanjanagar

## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର

(ଗ୍ରାମ୍ୟ/ପୋଷ୍ଟ–ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର–୭୬୦୦୧୧, ଗଞ୍ଜାମ, ଓଡ଼ିଶା)

## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BERHAMPUR

(At/Po- Ambapua, Near Income Tax Office, Berhampur - 760011, Ganjam, Odisha)
(E-Mail:- serwbpr2004@yahoo.com, Tel.No.:- 0680-2404287)

**No.e-tender//5689//RWC//BAM//Dated 17.12.25**

**1st Corrigendum to Bid Identification No.Online Tender/42-2025-26/BPR**

**No.O-1804:** 1) The partial modification of Road Works under **MMSY-CUVDA** vide above identification has been made as follows.

| | | | |
|---|---|---|---|
| 1 | Date of availability of tender | :: | **07.01.2026 to 21.01.2026** upto 5.30 PM instead of 15.12.2025 to 29.12.2025 upto 5.30 PM |
| 2 | Last Date & Time of seeking tender clarification | :: | **19.01.2026 at 5.30** PM instead of 26.12.2025 at 5.30 PM |
| 3 | Date of Opening of Technical Bid | :: | **22.01.2026 at 11.00 AM** instead of 30.12.2025 at 11.00 AM |
| 4 | Date of Opening of Financial Bid | :: | **Will be intimated later on.** |

All other contents will remain unchanged.

OIPR-25071/11/0177/2526 Sd./- Chief Construction Engineer, R.W.Circle, Berhampur

## VEER SURENDRA SAI UNIVERSITY OF TECHNOLOGY, BURLA

(Formerly University College of Engg.Burla-Established by Govt. of Odisha in 1956 & Upgraded in 2009 to a State Govt. University covered under section 2(f) & 12(B) of UGC Act.)
P.O.: Engineering College, Burla (Siddhi Vihar), Dist: Sambalpur Odisha-768018, India, www.vssut.ac.in

No.VSSUT/Estt/2375/2025 Dated 17.12.2025

### CORRIGENDUM

**No.KK-299:**Please refer to Walk-in-interview for Guest Faculty of Veer Surendra Sai University of Technology, Burla vide No.VSSUT/Estt/2334 dated 12.12.2025. The walk-in-interview for the post of Guest Faculty in the Department of Production Engineering has been rescheduled to 23.12.2025 at 10.00 A.M. instead of 20.12.2025 in the concerned Department. All other terms and conditions shall remain unchanged.

OIPR-14072/11/0057/2526 Sd./- REGISTRAR

## DISTRICT WELFARE OFFICE, SAMBALPUR

E-mail : dwo-sambalpur@od.gov.in
Order No.4442/SSD Date : 15.12.2025

### SHORT TENDER CALL NOTICE

**No.W-25 : SEALED TENDERS** are invited from eligible SERVICE PROVIDING AGENCIES to provide MANPOWER existing **13 nos of DEO-cum-Office Assistant (LAC)** as per the terms & conditions provided in the website **http://sambalpur.odisha.gov.in** of Sambalpur District **up to 5.00 PM of 24.12.2025**. The bids shall be received through **Courier/Regd. Post/ Speed Post** only during the office hours and will be **opened on 31.12.2025 at 11.00 AM** in the presence of the bidders or their authorized agents **in the Conference Hall of Collectorate, Sambalpur.**

The interested agencies should clearly mention on the top of envelope as **"Tender for Selection of Outsourcing Agency to provide MANPOWER"**. The Agencies who have applied are requested to remain present in the venue for tender opening on the date of opening. The detailed Terms & Conditions and list of documents to be submitted is available in our website **http://sambalpur.odisha.gov.in**

The Authority reserves the right for cancellation / modification of the Tender without assigning any reason thereof.

By order of Collector, Sambalpur
Sd./- District welfare Officer, Sambalpur

OIPR-19326/11/0001/2526

## OFFICE OF THE REGISTRAR VIKRAMDEV UNIVERSITY

NH-26, JEYPORE, DIST: KORAPUT,ODISHA, PIN - 764001
www.vikramdevuniversity.ac.in

No. 3144 /VDU-2025 Date 17.12.2025

### ADVERTISEMENT

**FOR INTERVIEW FOR TEMPORARY ENGAGEMENT OF ADJUNCT PROFESSOR and PROFESSOR of PRACTICE**

**No.CAD-2736** : Applications in the prescribed format are invited from eligible Indian Citizens for temporary engagement of **Adjunct Professor and Professor of Practice** against the sanctioned posts of Associate Professors and Professor on honorarium basis in various departments of the Vikram Dev University, Jeypore till filling up of the regular posts as detailed below.

The engagement shall be made in accordance with the guidelines issued by Government of Odisha in the Higher Education Department vide No. HE-UE- POLICY-0020-2023: 4477/HE and HE-UE-POLICY-0020-2023: 4478 /HE dt. 01/02/2024 and UGC, New Delhi.

The applicants are required to submit self attested copies of all certificates/ testimonials/ publication details as per their Bio-Data to the REGISTRAR, VIKRAM DEV UNIVERSITY, JEYPORE through Speed/ Registered Post so as to reach on or before **30.12.2025** by 05:00PM.

For details the candidates are requested to visit the university website www.vikramdevuniversity.ac.in.

By the order of Vice Chancellor
Sd./- REGISTRAR,
Vikram Dev University, Jeypore

OIPR-11133/11/0016/2526

## OFFICE OF THE DIVISIONAL FOREST OFFICER, GHUMSUR NORTH DIVISION

Bhejiput, Bhanjanagar, Ganjam, Odisha, Pin-761126
Tele/Fax-06821-241008, E-mail:dfo.ghumsurnorth@odisha.gov.in

### NOTIFICATION

No.MM-393: This is for information of all concerned that the following Forest Roads of Ghumsur North Division in Ganjam District will remain closed to the traffic on 31.12.2025 from 0 (Zero) hour to 24 (Twenty-Four) hour in accordance with the Rule 284 of the Orissa Forest Department Code 1979. The movement of traffic on the date as specified above will be violation of Section 26 of the Orissa Forest Act' 1972 and hence will be liable for prosecution.

| Sl.No. | Name of the Forest Road | Range | Length in Km |
|---|---|---|---|
| 1 | 2 | 3 | 4 |
| 1 | Mujagada-Dhaumundia | Mujagada | 18 |
| 2 | Mujagada-Langalakhola | Mujagada | 9 |
| 3 | Langalakhola-Birikote | Mujagada | 7 |
| 4 | Birikote-Baiballi | Mujagada | 7 |
| 5 | Darapangia-Mundagaon | Mujagada | 12 |
| 6 | Baiballi-Dhumundia | Mujagada | 5 |
| 7 | Rambha-Kupati | Mujagada | 11 |
| 8 | Rambha-Brahamanapadar | Mujagada | 8 |
| 9 | Durgaprasada-Darpangia | Mujagada | 18 |
| 10 | Ragada-Tiliki | Central | 9 |
| 11 | Saluapalli-Tinikhandia | Central | 8 |
| 12 | Tiliki-Kaliamba | Central | 10 |
| 13 | Ragada-Bankanedi | Central | 8 |
| 14 | Lathipada-Ragada | Central | 8 |
| 15 | Tiliki-Dbobadi-Nuagaon | Central | 10 |
| 16 | Kaliamba-Bankanedi | Central | 6 |
| 17 | Tarasingi-Banta | Tarasingi | 14 |
| 18 | Jagannatha Prasada-Gereda | Jagannathprasad | 19 |
| 19 | Budhakendu-Gudiamba | Central | 1.5 |
| 20 | Tirikumpa-Banta | Jagannathprasad | 8 |
| 21 | Gayaganda-Gunduribadi | Tarasingi | 15 |
| 22 | Rudhapadar-Gunduribadi | Tarasingi | 12 |
| 23 | Cox- Corner Road | Gallery | 12 |
| 24 | Kathachira- Siuli | Gallery | 13 |
| | | TOTAL | 248.5 |

OIPR-08033/11/0022/2526
Sd./- (Himansu Sekhar Mohanty, OFS-I(SB)
Divisional Forest Officer, Ghumsur North Division

## DIRECTORATE OF GROUND WATER DEVELOPMENT, ODISHA

Office of The Deputy Director, GWD Division-II, Bhubaneswar
A/2, Unit-V, Bhubaneswar, [e-mail: srgeologistrsbbsr@gmail.com]

### INVITATION FOR BIDS (IFB)

e-Procurement Notice: 967 Date: 15.12.2025

Bid Identification No. 08/GWRSD/CHHATA/2025-26
(Single Envelope Bidding Process)

No. A-1128:- Deputy Director, Geology, GWD Division-II ,Plot-A/2, Unit-V, Bhubaneswar on behalf of Governor of Odisha invites bids from bidders Class **"D" & "C"** (As per latest OPWD codal provisions) registered with the State Governments and bidders of equivalent Grade/Class registered with Central Government/ MES /Railways for the construction of works following Work.

Bids must be submitted online on or before **03/01/2026 at 17.00 Hrs** IST (system server time). Proposals will be opened online on **05/01/2026 at 14.00 hours**. In the event of the date specified for proposal opening being declared as a closed holiday for the purchaser's office, the due date for opening of bid will be the following working day at the appointed time. Details of the Tender will be available in the procurement portal "**www.tendersodisha.gov.in**".

| Sl. No. | Description | Details |
|---|---|---|
| 1. | Name of the Work | Construction of 3 Nos. of RRHS under CHHATA Scheme at Lab Building & Smart Class room of Narayani Govt. High School, Itamati and Smart Classroom of Bamana Abakash Govt. High School, Itamati, Nayagarh Block under Nayagarh District during FY-2025-26. |
| 2. | Start Date of availability of Bid document online (bid download) | **22/12/2025 from 11.00 Hrs.** |
| 3. | Last Date of availability of bid document online (bid download) | **03/01/2026 up to 17.00 Hrs.** |
| 4. | Last date and time for receipt of bid document (Bid Submission End date & Time) | **03/01/2026 up to 17.00 Hrs.** |
| 5. | Date & Time of opening of bid document (Bid Opening date) | **05/01/2026 at 14.00 Hrs.** |

OIPR-32462/11/0020/2526
Sd./- Deputy Director, Geology
GWD Division-II, Bhubaneswar

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସୋମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଲାଞ୍ଚ ନେବାବେଳେ ଧରାପଡ଼ିଲେ ଦଶମନ୍ତପୁର ଥାନାଧିକାରୀ

**ଜୟପୁର/ଦଶମନ୍ତପୁର, ୧୮।୧୨ (ପବନ ପାଣିଗ୍ରାହୀ/ଅରବିନ୍ଦ ନାୟକ)**

ଲାଞ୍ଚ ନେବାବେଳେ ଗୁରୁବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଥାନାଧିକାରୀ ସୁକୁମା ହାଁସଦା। ଏକ ମାମଲାର କେସ୍ ଡାଏରି (ସିଡି) ରିପୋର୍ଟ ପଠାଇବାକୁ ସେ ୨୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ।


ସୁକୁମା ହାଁସଦା।

ସୂଚନାନୁଯାୟୀ, ଦଶମନ୍ତପୁର ଥାନାରେ ପୂର୍ବରୁ ରୁଜୁ ହୋଇଥିବା ଏକ ମାମଲାର ସିଡି ଦାଖଲ ପାଇଁ ଥାନାଧିକାରୀ ହାଁସଦା ଅଭିଯୁକ୍ତଙ୍କ ସମ୍ପର୍କୀୟଙ୍କୁ ୨୦ ହଜାର ଟଙ୍କା ମାଗିଥିଲେ। ଏ ନେଇ ଅଭିଯୁକ୍ତଙ୍କ ସମ୍ପର୍କୀୟ ଭିଜିଲାନ୍ସକୁ ଜଣାଇଥିଲେ। ଭିଜିଲାନ୍ସ ପକ୍ଷରୁ ତାଙ୍କୁ ଧରିବାକୁ ଯୋଜନା କରାଯାଇଥିଲା। ଅଭିଯୁକ୍ତଙ୍କ ସମ୍ପର୍କୀୟ ଗୁରୁବାର ଥାନାଧିକାରୀ ହାଁସଦାଙ୍କୁ ୨୦ ହଜାର ଟଙ୍କା ଦେଉଥିବା ବେଳେ ପୂର୍ବରୁ ସେଠାରେ ଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲେ। ତାଙ୍କଠାରୁ ଉକ୍ତ ଟଙ୍କା ଜବତ କରାଯାଇଛି। ଦଶମନ୍ତପୁର ଥାନା, ତାଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଥାନାଧିକାରୀ ହାଁସଦାଙ୍କ ବିରୋଧରେ କୋରାପୁଟ ଭିଜିଲାନ୍ସ ପିଏସ୍ ମାମଲା ନମ୍ବର ୩୯/୨୦୨୫, ୭ପିସି (ସଂଶୋଧନ) ଆଇନ, ୨୦୧୮ ଅନ୍ତର୍ଗତ ପଞ୍ଜୀକୃତ ହୋଇଛି। ତଦନ୍ତ ଜାରି ରହିଥିବା ଜୟପୁର ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ମୁଖ୍ୟ ଅଭିଯୁକ୍ତ ଗିରଫ, କ୍ରାଇମ୍ ସିନ୍ ରିକ୍ରିଏଟ୍

## ଦୟାନଦୀ ନିକଟରେ ନାବାଳିକାଙ୍କୁ ଗଣବଳାତ୍କାର ଘଟଣା

**ଭୁବନେଶ୍ୱର, ୧୮।୧୨ (ସତ୍ୟଜିତ ରାଉତ)**


ପୋଲିସ ଅଭିଯୁକ୍ତଙ୍କୁ ଧରି କ୍ରାଇମ ସିନ୍ ରିକ୍ରିଏଟ୍ କରୁଛି।

ସମ୍ପର୍କୀୟଙ୍କ ସହ ଧଉଳି ବୁଲିବାକୁ ଯାଇଥିବା ଜଣେ ନାବାଳିକାଙ୍କୁ ଦୟାନଦୀ ନିକଟରେ ଗଣବଳାତ୍କାର ଘଟଣାରେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଥିବା ସତ୍ୟପ୍ରକାଶ ହାତୀ ଓରଫ ଜୋକର୍ ହାପିଙ୍କୁ ପୋଲିସ ଟିମ୍ ଗଞ୍ଜାମରୁ ଗିରଫ କରିଛି। ଏହି ଲୋମ ଟାଙ୍କୁରା କାଣ୍ଡ ଘଟାଇବା ପରେ ହାପି ଫେରାର ହୋଇଯାଇଥିଲେ। ସେ ବିଭିନ୍ନ ସ୍ଥାନରେ ଲୁଚି ରହି ପୋଲିସକୁ ଚକ୍ମା ଦେଉଥିଲେ। ସେ ଗଞ୍ଜାମରେ ଥିବା ଜାଣି ସ୍ପେଶାଲ ସ୍କ୍ୱାଡ୍ ଓ ଧଉଳି ପୋଲିସର ମିଳିତ ଟିମ୍ ତାଙ୍କୁ କାବୁ କରିଛି। ତେବେ ହାପିଙ୍କୁ ପୋଲିସ ଗୁରୁବାର ଘଟଣାସ୍ଥଳକୁ ନେଇ କ୍ରାଇମ ସିନ୍ ରିକ୍ରିଏଟ୍ କରିଛି। କିଭଳି ଉଭୟଙ୍କୁ ଆକ୍ରମଣ କରି ନାବାଳିକାଙ୍କୁ ବଳାତ୍କାର କରିଥିଲେ, ତାହା ଗୋଟି ଗୋଟି କରି ପୋଲିସ ଟିମ୍‌କୁ କହିଥିଲେ ଅଭିଯୁକ୍ତ ହାପି। ତାଙ୍କୁ କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ସହଅଭିଯୁକ୍ତ ବିଭୁ ପ୍ରସାଦ ମିଶ୍ର ଓ କାଳନ୍ଦୀ ପାତ୍ର ଗିରଫ ହୋଇ ଜେଲରେ ଅଛନ୍ତି। ହାପି ଏହି ଘଟଣାରେ ନାବାଳିକାଙ୍କ ନଗ୍ନ ଭିଡିଓ ରେକର୍ଡ କରି ମୋବାଇଲରେ ରଖିଥିଲେ। ସେ ପୂର୍ବରୁ ଏକାଧିକ ମାମଲାରେ ଜେଲ ମଧ୍ୟ ଯାଇଥିଲେ। ତାଙ୍କ ବିରୋଧରେ ହତ୍ୟା ଉଦ୍ୟମଠାରୁ ଆରମ୍ଭ କରି, ଲୁଟ୍, ଚୋରି, ଜମି ଜବରଦଖଲ, ଘରେ ପଶି ଆକ୍ରମଣ ଆଦି ୨୦ଟି ସଙ୍ଗିନ ମାମଲା ରହିଛି। ସେ କିଛିଦିନ ତଳେ ଏକ ମାମଲାରେ ଜାମିନ ପାଇ ଜେଲରୁ ମୁକୁଳିଥିଲେ। ଏହି ଘଟଣାରେ ଆଉ ୨ ଅଭିଯୁକ୍ତ ଫେରାର ଥିବା କୁହାଯାଉଥିବା ବେଳେ ପୋଲିସ ତାଙ୍କୁ ଚିହ୍ନଟ ଓ ଧରିବାକୁ ପ୍ରୟାସ କରୁଛି।


ଅଭିଯୁକ୍ତ ଜୋକର୍ ହାପି

ସୂଚନାଯୋଗ୍ୟ, ଯୁକ୍ତ୨ରେ ପଢୁଥିବା ୧୭ ବର୍ଷୀୟା ପୀଡ଼ିତା ଜଣକ ଗତ ୧୦ ତାରିଖରେ ସମ୍ପର୍କୀୟଙ୍କ ସହ ଧଉଳି ବୁଲିବାକୁ ଯାଇଥିଲେ। ସେମାନେ ସନ୍ଧ୍ୟାରେ ଘରକୁ ଫେରୁଥିବା ସମୟରେ ଏଭଳି ଅପରାଧର ଶିକାର ହୋଇଥିଲେ। ଦୟାନଦୀ ପଠା ଲିଙ୍ଗିପୁର ଗ୍ରାମ ନିକଟରେ ଏକ ଶୁନଶାନ୍ ସ୍ଥାନରେ ଅଭିଯୁକ୍ତମାନେ ନାବାଳିକା ଓ ତାଙ୍କ ସମ୍ପର୍କୀୟଙ୍କୁ ଅଟକାଇଥିଲେ। ସେମାନେ ଉଭୟଙ୍କଠାରୁ ଲୁଟ୍ କରିବା ସହ ପୁରୁଷବନ୍ଧୁଙ୍କୁ ଘେରିଯାଇ ମାଡ଼ ମାରିଥିଲେ। ଏହାପରେ ନାବାଳିକାଙ୍କୁ ତାଙ୍କ ସମ୍ପର୍କୀୟଙ୍କ ସାମ୍ନାରେ ଗଣବଳାତ୍କାର କରିଥିଲେ। ଏନେଇ ନାବାଳିକାଙ୍କ ମା' ୧୧ ତାରିଖ ସକାଳେ ଧଉଳି ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ମହିଳାଙ୍କୁ ମାଡ଼ ଅଭିଯୋଗ

**ସନ୍ତ୍ରୀଛକ, ୧୮।୧୨ (ସନ୍ତୋଷ ପରିଡ଼ା)**

ବିଦ୍ୟୁତ୍ ସଂଯୋଗକୁ ନେଇ ଗୁରୁବାର ଅନୁଗୋଳ ଜିଲା ମହୀଧରପୁର ଅଞ୍ଚଳରେ ଜଣେ ବିଧବାଙ୍କୁ ମାଡ଼ ମରାଯାଇଥିବା ବଅଁରପାଳ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ମହୀଧରପୁର ପଞ୍ଚାୟତ ଚେପଟିଗାଡ଼ିଆ ନିକଟରେ ୫ ପରିବାର ନିଜସ୍ୱ ଖର୍ଚ୍ଚରେ ବିଦ୍ୟୁତ୍ ଖୁଣ୍ଟ ଏବଂ ଟ୍ରାନ୍ସଫର୍ମର ଲଗାଇ ବ୍ୟବହାର କରୁଥିଲେ। କିଛିଦିନ ପୂର୍ବରୁ ସେହି ନିକଟରେ ମହୀଧରପୁର ଗ୍ରାମର ଗୋପାଳି ପ୍ରଧାନ ଘର ନିର୍ମାଣ କରିଥିଲେ। ଏଥିସହ ବିଦ୍ୟୁତ୍ ସଂଯୋଗ ପାଇଁ ଚାହିଁଥିଲେ। ପୂର୍ବରୁ ବିଦ୍ୟୁତ୍ ଆଣିବା ପାଇଁ ଟଙ୍କା ଖର୍ଚ୍ଚ କରିଥିବା ୫ ପରିବାର ଗୋପାଳଙ୍କୁ ଖର୍ଚ୍ଚ ବାବଦକୁ କିଛି ଟଙ୍କା ଦେବାକୁ ଅନୁରୋଧ କରିଥିଲେ। ସେ ରାଜି ହୋଇଥିଲେ ମଧ୍ୟ ଜବରଦସ୍ତ ଲାଇନ୍ ଟାଣିଥିଲେ। ଏହାକୁ ବିରୋଧ କରିବାରୁ ପାଟ ସାହୁଙ୍କୁ ଗୋପାଳି ଓ ତାଙ୍କ ୨ପୁଅ ମାଡ଼ମାରିବା ସହ ଗାଳିଗୁଲଜ କରିଥିବା ପାଟ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଚଳାଇଥିବା ବଅଁରପାଳ ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂହ କହିଛନ୍ତି।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

**ପବିତ୍ରନଗର, ୧୮।୧୨ (ନିରୋଜ ପ୍ରଧାନ)**

ଅନୁଗୋଳ ଜିଲା ରେଙ୍ଗାଳି ଥାନା ଅଞ୍ଚଳର ଜଣେ ନାବାଳିକା (୯)ଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ସମ୍ପୃକ୍ତା ନାବାଳିକାଙ୍କୁ ସ୍ଥାନୀୟ ଅଞ୍ଚଳର ଜଣେ ୨୦ ବର୍ଷର ଯୁବକ ବଳାତ୍କାର କରିଥିବା ପୀଡ଼ିତାଙ୍କ ପରିବାର ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ପାଲଲହଡ଼ା ଏସ୍‌ଡିପିଓ କୌଳାସ ଚନ୍ଦ୍ର ସେଠୀ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ୍ ସହ ଅଧିକ ତଦନ୍ତ ଜାରି ରଖିଛନ୍ତି।

# ବ୍ରାଉନ୍‌ସୁଗାର ଜବତ, ୨ ଗିରଫ

**ସନ୍ତ୍ରୀଛକ, ୧୮।୧୨ (ସନ୍ତୋଷ ପରିଡ଼ା)**





ଅନୁଗୋଳ ଜିଲା ବଅଁରପାଳ ଥାନା ବଳରାମ ପ୍ରସାଦ ଏବଂ ଗିରାଙ୍ଗ ଛକରେ ବୁଧବାର ଅନୁଗୋଳ ଅବକାରୀ ବିଭାଗ ଚଢ଼ାଉକରି ୪୪ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଗୋତମରା ଗ୍ରାମର ଦେବେନ୍ଦ୍ର ବିଶ୍ୱାଳ (୩୭) ଓ ସାଳଗାଡ଼ିଆ ଗ୍ରାମର ଶଶିକାନ୍ତ ସାମଲ(୨୮)ଙ୍କୁ ଗିରଫ କରିଛି। ଦେବେନ୍ଦ୍ରଙ୍କ ଠାରୁ ୨୯ ଗ୍ରାମ ଏବଂ ଶଶିକାନ୍ତଙ୍କଠାରୁ ୧୫ ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇଛି। ଏମାନେ ବହୁଦିନ ଧରି ଧଳାଜହର କାରବାର କରୁଥିଲେ। ଗ୍ରାହକଙ୍କ ଅପେକ୍ଷାରେ ଥିବାବେଳେ ଅବକାରୀ ବିଭାଗ ଉଭୟଙ୍କୁ କାବୁ କରିଥିଲା। ଏହି ଚଢ଼ାଉରେ ଇନ୍ସପେକ୍ଟର. ମାନସୀ ସାହୁ, ଗାୟତ୍ରୀ ମାଝୀଙ୍କ ସମେତ ଅନୁଗୋଳ ସଦର ରେଞ୍ଜ କର୍ମଚାରୀ ସାମିଲ ଥିଲେ।

# ଯାତ୍ରା ପାର୍ଟି ମାଲିକଙ୍କୁ ଆକ୍ରମଣ, ୨ ଗିରଫ

**ଭଦ୍ରକ, ୧୮।୧୨ (ସନାତନ ରାଉତ)**

ଯାତ୍ରା ପାର୍ଟି 'ରାଜନନ୍ଦିନୀ'ର ମାଲିକ ସ୍ମୃତିରଞ୍ଜନ ପଲାଇଙ୍କୁ ବୁଧବାର ରାତିରେ ମରଣାନ୍ତକ ଆକ୍ରମଣ କରାଯାଇଛି। ସେ ତାଙ୍କ ଘର ଭଦ୍ରକ ଅପର୍ତ୍ତିବିନ୍ଧା ନ୍ୟୁ କଲୋନୀରୁ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିବା ବେଳେ ଆକ୍ରମଣର ଶିକାର ହୋଇଛନ୍ତି। ଆକ୍ରମଣକାରୀଙ୍କ ମଧ୍ୟରୁ ୨ ଯୁବକଙ୍କୁ ଭଦ୍ରକ ଟାଉନ ପୋଲିସ ଗିରଫ କରିଛି। ସେମାନେ ହେଲେ ଅପର୍ତ୍ତିବିନ୍ଧା ନ୍ୟୁ କଲୋନୀର ଦେବାଶିଷ ଶତପଥୀ ଓ ସୁଶାନ୍ତ କୁମାର ସାହୁ।

ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ାରେ 'ରାଜନନ୍ଦିନୀ'ର ଯାତ୍ରା ଚାଲିଥିଲା। ସ୍ମୃତିରଞ୍ଜନ ରାତି ପ୍ରାୟ ସାଢ଼େ୧୦ଟା ବେଳେ ନିଜ ସ୍କର୍ପିଓ ଗାଡ଼ିରେ ବାହାରିଥିଲେ। ଘରୁ କିଛି ବାଟ ଯିବା ପରେ ହଠାତ୍ ୨ଟି ବାଇକ୍‌ରେ ୫ଜଣ ଦୁର୍ବୃତ୍ତ ଆସି ତାଙ୍କ ଗାଡ଼ି ସାମ୍ନାରେ ଆଡ୍ଡା ପକାଇ ଅଟକାଇଥିଲେ। ଅଟକିବା ପରେ ତାଙ୍କୁ ଗାଡ଼ି ଭିତରୁ ଟାଣି ନେଇ ସେମାନେ ମାଡ଼ ମାରିବା ସହ ସେ ପିନ୍ଧିଥିବା ସୁନାଚେନ୍ ଛଡ଼ାଇ ନେଇଥିଲେ। ତାଙ୍କ ଡ୍ରାଇଭର ପୋଲିସକୁ ଫୋନ୍ କରିବା ପରେ ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଘଟଣାସ୍ଥଳରୁ ୨ଜଣଙ୍କୁ ପୋଲିସ କାବୁ କରିଥିଲା। ଏନେଇ ସ୍ମୃତିରଞ୍ଜନଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା(ନଂ.୭୨୫/୨୫)ରୁଜୁ ହୋଇଛି। ତେବେ କେଉଁ କାରଣରୁ ତାଙ୍କୁ ଆକ୍ରମଣ କରାଯାଇଛି, ସେନେଇ ପୋଲିସ ତଦନ୍ତ ଚଳାଇଛି।


## ଜନ୍ମଦିନ ଶୁଭେଚ୍ଛା



Satyaprakash Patra(Som)
42 Mouza, Cuttack

ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା ତୋର ଜୀବନର ଚଲାପଥ କୁସୁମିତ କରନ୍ତୁ ଓ ତୋତେ ଦୀର୍ଘାୟୁ କରନ୍ତୁ।
-:ଶୁଭେଚ୍ଛା ସହ:-
ତୋର ବାପା, ବୋଉ, ମାମା, ପାପା, ଲିପୁ ପାପା, ମାନି ମାମା, ଛୁଆ ପାପା, ସାନ ଭଉଣୀ ମାମୁନି, ସାନ ଭାଇ ପାପୁନି ଓ ଅଜା, ଆଈ।
D-2869


# ଗୁଣି ସନ୍ଦେହରେ ଟାଙ୍ଗିଆରେ ହାଣି ଯୁବକଙ୍କୁ ହତ୍ୟା

**ମାଲକାନଗିରି/କାଲିମେଳା, ୧୮।୧୨ (ଦୁର୍ଯ୍ୟୋଧନ ପାତ୍ର/ଜୀବନ କୃଷ୍ଣ ଦାସ)**

ଗୁଣିଗାରେଡ଼ି ସନ୍ଦେହରେ ଜଣେ ଆଦିବାସୀଙ୍କୁ ବୁଧବାର ରାତିରେ ଜଣେ ଯୁବକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତକ ହେଲେ ମାଲକାନଗିରି ଜିଲା କାଲିମେଳା ଥାନା ଅନ୍ତର୍ଗତ ଚିତ୍ରାଙ୍ଗପାଲ୍ଲୀ ପଞ୍ଚାୟତ ଉସ୍‌କାପାଲ୍ଲୀ ଗ୍ରାମର ମୁକା ପଡିଆମି (୫୧)। ମୁକା ବୁଧବାର ରାତିରେ ଘରେ ଶୋଇଥିବାବେଳେ ସେହି ଗ୍ରାମର ୨ଜଣ ବ୍ୟକ୍ତି ଟାଙ୍ଗିଆରେ ହାଣି ନିର୍ମମ ଭାବେ ହତ୍ୟା କରିଛନ୍ତି। ପରିବାର ଲୋକେ ଏ ସମ୍ବନ୍ଧରେ ଗୁରୁବାର ସକାଳେ କାଲିମେଳା ଥାନା ଅଧୀନରେ ଥିବା ପୋଟେରୁ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ନଂ.୨୯୩/୨୫ରେ ଏକ ମାମଲା ରୁଜୁକରି ତଦନ୍ତ କରୁଛି। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ହତ୍ୟାକାଣ୍ଡରେ ସମ୍ପୃକ୍ତ ସେହି ଗ୍ରାମର ୨ ଯୁବକ ଆଡମା ପଡିଆମି ଏବଂ ଇରମା ପଡିଆମିଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ସେମାନଙ୍କଠାରୁ ପୋଲିସ ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଜବତ କରିଛି। ଗୁଣିଗାରେଡ଼ିକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା କାଲିମେଳା ଥାନା ଅଧିକାରୀ ମୁକୁନ୍ଦ ମେଲକା ସୂଚନା ଦେଇଛନ୍ତି। କୋରାପୁଟରୁ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କଲାପରେ ଶୁକ୍ରବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।

ସୂଚନା ଅନୁଯାୟୀ, ଉସ୍‌କାପଲ୍ଲୀ ଗ୍ରାମରେ କୋୟା ସମ୍ପ୍ରଦାୟର ଲୋକେ ବସବାସ କରନ୍ତି। ଗ୍ରାମରେ କିଛିଦିନ ହେବ ଜଣଙ୍କ ପରେ ଜଣେ କୌଣସି କାରଣରୁ ମୃତ୍ୟୁବରଣ କରୁଥିବାବେଳେ ମୁକା ଗୁଣି କରି ଲୋକଙ୍କୁ ମାରୁଥିବା ଗାଁ ଲୋକେ ସନ୍ଦେହ କରୁଥିଲେ। ଗତ ବୁଧବାର ରାତି ୯ଟାରେ ମୁକା ତାଙ୍କ ଘରେ ଶୋଇଥିବାବେଳେ ଗ୍ରାମର ୨ ଜଣ ଯୁବକ ଟାଙ୍ଗିଆରେ ହାଣି ତାଙ୍କୁ ହତ୍ୟା କରିଥିଲେ।

# ସାନଭାଇ ମାଡ଼ରେ ବଡ଼ଭାଇଙ୍କ ମୃତ୍ୟୁ

**ଭୋଗରାଇ, ୧୮।୧୨ (ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ମାନକୁଣ୍ଡା ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ଘର ରାସ୍ତାରେ ବାଇକ ରଖିବାକୁ କେନ୍ଦ୍ର କରି ସାନ ଭାଇଙ୍କ ମାଡ଼ରେ ବଡ଼ ଭାଇଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଭୋଗରାଇ ଥାନା ପୋଲିସ ପହଞ୍ଚି ସାନଭାଇଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲା। ଏନେଇ ବଡ଼ଭାଇଙ୍କ ସ୍ତ୍ରୀ ଅଞ୍ଜଳି ମାଝୀ ଭୋଗରାଇ ଥାନାରେ ଏତଲା ଦେବା ପରେ ଏକ ମାମଲା(ନଂ.୩୮୬/୨୫) ରୁଜୁ ହୋଇଛି।

ମାନକୁଣ୍ଡା ଗାଁର ସନିଆ ମାଝୀଙ୍କ ଘର ସମ୍ମୁଖ ରାସ୍ତାରେ ସାନ ଭାଇ ପବନ ମାଝୀ ଏକ ବାଇକ ରଖିଥିଲେ। ଏହାକୁ କେନ୍ଦ୍ର କରି ଦୁଇଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଗଣ୍ଡଗୋଳ କ୍ରମଶଃ ଉଗ୍ରରୂପ ନେବାରୁ ଦୁଇ ଭାଇଙ୍କ ମଧ୍ୟରେ ହାତାହାତି ହେଇଥିବା ପଡୋଶୀମାନେ କହିଥିଲେ। ଆକ୍ରମଣ ଓ ପ୍ରତି ଆକ୍ରମଣରେ ବଡ଼ ଭାଇ ସନିଆଙ୍କୁ ଗୁରୁତର ଅବସ୍ଥାରେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମୃତଦେହ ଗୁରୁବାର ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି।

# ନାବାଳିକା ଅପହରଣ ଅଭିଯୋଗ

**ପବିତ୍ରନଗର, ୧୮।୧୨ (ନିରୋଜ ପ୍ରଧାନ)/ ସନ୍ତ୍ରୀଛକ (ସନ୍ତୋଷ ପରିଡ଼ା)**

ଅନୁଗୋଳ ଜିଲା ରେଙ୍ଗାଳି ଥାନା ଅଞ୍ଚଳରୁ ଜଣେ ନାବାଳିକା (୧୭)ଙ୍କୁ ଅପହରଣ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଗତ ସୋମବାର ରାତି ୮ଟା ବେଳେ ସମ୍ପୃକ୍ତା ନାବାଳିକା ଘରୁ ନିଖୋଜ ହୋଇଯାଇଥିବା ତାଙ୍କ ବାପା ମଙ୍ଗଳବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୨୨୮/୨୫ରେ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଚଳାଇଥିବା ଆଇଆଇସି ବିଶ୍ୱମ୍ଭର ପ୍ରଧାନ ସୂଚନା ଦେଇଛନ୍ତି। ସେହିପରି ବଅଁରପାଳ ଥାନା ଅଞ୍ଚଳର ଜଣେ ନାବାଳିକା (୧୨)ଙ୍କୁ ମାମୁଘର ଗ୍ରାମରୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ସେ ୭ମ ଶ୍ରେଣୀରେ ପାଠ ପଢୁଥିଲେ। ମଙ୍ଗଳବାର ରାତି ୧୦ଟା ୩୦ରେ ସେ ନିଖୋଜ ହୋଇଯାଇଥିଲେ। କଙ୍କିନଳି ଗ୍ରାମର ମାନସ ନାଏକ(୨୨) ଏହି ଅପହରଣ କରିଥିବା ନାବାଳିକାଙ୍କ ମା' ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ବଅଁରପାଳ ଥାନାରେ ନମ୍ବର ୬୬୨/୨୫ରେ ଏକ ମାମଲା ରୁଜୁକରି ପୋଲିସ ତଦନ୍ତ କରୁଛି।

# ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଗହଣା ଚୋରି

**ପବିତ୍ରନଗର, ୧୮।୧୨ (ନିରୋଜ ପ୍ରଧାନ)**

ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଥାନା ଠାରୁ ମାତ୍ର ୫୦ ମିଟର ଦୂରରେ ଥିବା ମା' ତାରିଣୀଙ୍କ ମନ୍ଦିରରୁ ବୁଧବାର ଅପରାହ୍ନରେ ଲକ୍ଷାଧିକ ଟଙ୍କାର ଗହଣା ଚୋରି ହୋଇଥିବା ଅଭିଯୋଗ ହୋଇଛି। ମାଙ୍କ ମୂର୍ତ୍ତିର ଆଖି, ନାକରେ ଲାଗିଥିବା ଗହଣାକୁ ଚୋରାଇ ନିଆଯାଇଛି। ୨ଜଣ ବାହାରେ ଜଗିଥିବା ବେଳେ ଜଣେ ଗହଣା ଖୋଲି ନେଇଥିବା ସିସିଟିଭି ଫୁଟେଜରୁ ଜଣାପଡୁଛି। ସନ୍ଧ୍ୟାରେ ଗହଣା ଚୋରି ହୋଇଥିବା ଜଣାପଡ଼ିବା ପରେ ମନ୍ଦିର କମିଟି ସମ୍ପାଦକ ସୁବାସ ପ୍ରଧାନ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ତଦନ୍ତ ଆରମ୍ଭ କରିବା ସହ ଗୁରୁବାର ୩ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।


# Classified Everyday

**0674-2580101, 9692975378**



**REAL ESTATE**

**SALE**

READY TO MOVE 3BHK DUPLEX BUNGALOW, 3 ATTACHED TOILETS, PARKING, BOTANDA, SUNDARAPADA, BHUBANESWAR. RANGING RS. 1.25CR., CONTACT: 9861125539, 9040521173. D-2867

GHARABARI PLOT MEASURING 4051 SQFT. ON NH 203 OPPOSITE KEC. 9437573430/ 8409225177. D-2868

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500Sqft. ପ୍ଲଟ୍ 6,75,000ରେ ବିକ୍ରିହେବ। 9776974912. D-14

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍, 25ft. road ପଛାରୁ ବିକ୍ରିହେବ। 9437754190. ଧ-୨୮୪୦

ଭୁବନେଶ୍ୱର ଗ୍ୟାରେଜ୍‌ଛକ ନିକଟରେ ୩୦ ଫୁଟ ରାସ୍ତା ଥାଇ ଘରବାଡ଼ି ପ୍ଲଟ ବିକ୍ରି ହେବ- 9178660666. ଧ-୨୮୪୧




Newly open health benifits, Joint pain relax good environment atmosphere 7653969971. D-2853

All types of physiotherapy with massage, Contact number 9556924059/ 7656969134. D-2766

## AFFIDAVIT

By virtue of an affidavit sworn before Executive Magistrate, Cuttack, Dtd.- 14.11.25, I, SUSANGITA MANGARAJ, D/o.- Late Subash Chandra Mangaraj, R/o. At- Plot No.85, Nakagate, Ghatikia, Khandagiri, P.S.- Bharatpur, Dist.- Khordha declare that I have changed the name of my daughter from ANANYA ROUT to ANANYA MANGARAJ. Henceforth, she shall be known as Ananya Mangaraj for all purposes.
SUSANGITA MANGARAJ
D-2862

Now Matrimonial ads. only on Wednesday & Sunday Book 1 Get 1 FREE

By virtue of an affidavit No.- 4081, Dtd.-16.10.2025 before the Executive Magistrate, Jajpur Road, I, Suryakanta Behera, S/o.- Krushna Behera, At- Nirala, P.O.- Debabhumi, P.S.- Aska, Dist.- Ganjam hereby declare that I have changed my name from Suryakanta Behera to Surjaya Kanta Behera. Henceforth, I shall be known as Surjaya Kanta Behera for all purposes. I further declare that my wife's name has been changed from Kishmita Behera to Kismita Behera. Henceforth, my wife shall be known as Kismita Behera for all purposes. D-2870

By virtue of an affidavit Before Notary Public, Kantabanji on 18.12.2025 that before my marriage my name and surname written as Pinky Nag D/o.- Arakshit Nag in my Aadhaar Card along with Bank Pass Book, after marriage to Prabhulal Bhoi I treated as Pinky Bhoi, W/o.- Prabhulal Bhoi of Village- Salepara, P.O.- Khagsa, P.S.- Turekela, Dist.- Balangir, Odisha is same and one person and updated my present Aadhaar card. D-2865

I, Mamata Singh, R/o. Singh Nivas, Bhaskarganj-B, Balasore, changed my name to Mamata Bhanja vide Affidavit 12178 dated 02.12.2025. D-2866

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Rajesh Kumar Rout of Address: Village- Udaypur, P.O.- Dasarathpur, Dist.- Jajpur, Odisha declare that I have changed the name of my son from Rudra Rout to Rudrajit Rout. Henceforth, he shall be known as Rudrajit Rout for all purposes.
Rajesh Kumar Rout
D-2863

By virtue of an affidavit sworn before the Executive Magistrate, Gaisilet, No. 169, dated- 15.12.2025, I, Subash Chandra Rohidas, At- Gandapali, P.O.- Jamutbahal, P.S.- Gaisilet, Dist.- Bargarh, Odisha-768037 declare that I have changed my name from Subash Rohidas to Subash Chandra Rohidas. Henceforth, I shall be known as Subash Chandra Rohidas for all purposes.
Subash Chandra Rohidas
D-2864

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**✓ଲୋକନାଥ ନାୟକ**
ପ୍ଲଟ ନଂ: ୮୨୪/୧୮୩୦
ଶ୍ରୀ ବିହାର, ସାମପୁର, ଭୁବନେଶ୍ୱର
ଆବିର୍ଭାବ : ତା.୦୨.୦୯.୧୯୪୮ ରିଖ
ତିରୋଧାନ : ତା.୦୯.୧୨.୨୦୨୫ ରିଖ

ତୁମର ଆଦର୍ଶ, ନିଷ୍ଠା, ସ୍ନେହ ଓ ଭଲ ପାଇବା ସମସ୍ତଙ୍କ ପାଇଁ ଅଭୁଲା ସ୍ମୃତି ହୋଇ ରହିବ। ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

- ଶୋକସନ୍ତପ୍ତ: -
ପତ୍ନୀ, ପୁତ୍ର, ବୋହୂ,ଝିଅ, ଜ୍ୱାଇଁ, ନାତୁଣୀ ତଥା ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ
D-2871

# ସିରିଜ୍ ବିଜୟ ଲକ୍ଷ୍ୟରେ ଭାରତ

**ଅହମଦାବାଦ,୧୮।୧୨(ପି.ଟି.)**

ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଶୁକ୍ରବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନ୍ତିମ ତଥା ପଞ୍ଚମ ଟି୨୦ ମ୍ୟାଚ୍ ଖେଳାଯିବ। ସିରିଜ୍‌ରେ ଏବେ ୨-୧ରେ ଭାରତ ଆଗୁଆ ରହିଛି। ବୁଧବାର ଲକ୍ଷ୍ନୌରେ ଖେଳାଯିବାକୁ

## ଆଜି ଅନ୍ତିମ ଟି୨୦

ଥିବା ଚତୁର୍ଥ ଟି୨୦ ମ୍ୟାଚ୍ ଘନ କୁହୁଡ଼ି ଯୋଗୁ ବାତିଲ ହୋଇଯାଇଥିଲା। ଏଣୁ ବର୍ତ୍ତମାନ ସିରିଜ୍‌ରେ ଭାରତୀୟ ଦଳ ପରାଜିତ ହୋଇପାରିବ ନାହିଁ। ଏହାର ଫାଇଦା ଉଠାଇ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଦଳର ବେଞ୍ଚ ଷ୍ଟ୍ରେନ୍ଥକୁ ପରୀକ୍ଷା କରିପାରନ୍ତି। ଟି୨୦ ବିଶ୍ୱକପ୍‌କୁ ଦୁଇ ମାସରୁ କମ୍ ସମୟ ବାକିଥିବା ବେଳେ ଏଭଳି ପରିସ୍ଥିତିରେ ଦଳୀୟ କମ୍ବିନେଶନକୁ ନେଇ ଏକ୍ସପେରିମେଣ୍ଟ କରାଯିବାର ଆବଶ୍ୟକତା ରହିଛି। ଇଞ୍ଜୁରି କାରଣରୁ ଉପ ଅଧିନାୟକ ଶୁବମନ ଗିଲ ଚତୁର୍ଥ ଟି୨୦ ମ୍ୟାଚ୍‌ରୁ ବାଦ୍ ପଡ଼ିଥିଲେ। ଏଥିଯୋଗୁ ତାଙ୍କର ଏଠାରେ ଖେଳିବାର ସମ୍ଭାବନା ନାହିଁ। କାରଣ କୋଲକାତା



୫ମ ଟି୨୦ କ୍ରିକେଟ ମ୍ୟାଚ ଖେଳିବା ଲାଗି ଅହମଦାବାଦରେ ସଞ୍ଜୁ ସାମ୍‌ସନ୍।

ଟେଷ୍ଟରେ ସେ ବେକଜନିତ ସମସ୍ୟାର ସମ୍ମୁଖୀନ ହେବା ପରେ ତାଙ୍କୁ ଦିନିକିଆ ସିରିଜ୍‌ରୁ ବିଶ୍ରାମ ଦିଆଯାଇଥିଲା। ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଓ ଭାରତୀୟ ଦଳର ଅଧିନାୟକ ହୋଇଥିବାରୁ ତାଙ୍କ ଉପରେ ଚାପ ବୃଦ୍ଧି ପାଉଛି। ଏଣୁ ବିଶ୍ରାମ ଦିଆଯିବ ବୋଲି ଆଶା କରାଯାଉଛି। ତାଙ୍କ ବଦଳରେ ପୂର୍ବରୁ ସଞ୍ଜୁ ସାମସନ ଦଳକୁ ଓ ଓପନିଂ ପୋଜିଶନକୁ ପ୍ରତ୍ୟାବର୍ତ୍ତନ କରିପାରନ୍ତି। ମିଡିଲ ଅର୍ଡରରେ ଭଲ ପ୍ରଦର୍ଶନ କରିବାରେ ବିଫଳ ହେବାରୁ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ଚୟନ କରାଯାଉ ନାହିଁ। ତାଙ୍କ ଟି୨୦ କ୍ୟାରିୟରରେ ରହିଥିବା ୩ ଶତକ ଓ ୧ ଅର୍ଦ୍ଧଶତକ ସେ ଟପ୍ ଅର୍ଡର ବ୍ୟାଟର ଭାବେ ହାସଲ କରିଥିଲେ। ଏହା ବ୍ୟତୀତ ଭାରତୀୟ ଦଳରେ ଅନ୍ୟ କୌଣସି ପରିବର୍ତ୍ତନର ସମ୍ଭାବନା ନାହିଁ। ଅନ୍ୟପକ୍ଷରେ ଅଧିନାୟକ ସୂର୍ଯ୍ୟକୁମାରଙ୍କ ପ୍ରଦର୍ଶନ ଉପରେ ସଭିଙ୍କ ନଜର ରହିବ। ୱାର୍ଲ୍ଡ ନଂ-୧ ଟି୨୦ ବ୍ୟାଟର ଥିବା ସୂର୍ଯ୍ୟକୁମାର ଗତ ୨୦ ମ୍ୟାଚ୍‌ର ୧୮ ଇନିଂସରେ ଗୋଟିଏ ବି ହେଲେ ଅର୍ଦ୍ଧଶତକ ହାସଲ କରିପାରି ନାହାନ୍ତି ଏବଂ ୧୪.୨୦ ଆଭରେଜରେ ୨୧୩ ରନ କରିଛନ୍ତି।

ବ୍ୟକ୍ତିଗତ କାରଣ ଯୋଗୁ ତୃତୀୟ ଟି୨୦ ଖେଳି ନ ଥିବା ଯଶପ୍ରୀତ ବୁମରା ଭାରତୀୟ ଦଳରେ ଯୋଗଦେଇଛନ୍ତି। ଚଳିତ ସିରିଜ୍‌ରେ ଭାରତ ପାଇଁ ସର୍ବାଧିକ ସଂଖ୍ୟକ ଉଇକେଟ ନେଇଥିବା ବରୁଣ ଚକ୍ରବର୍ତ୍ତୀଙ୍କ ଲାଗି ଏହି ମ୍ୟାଚ୍ ଚ୍ୟାଲେଞ୍ଜିଂ ହୋଇପାରେ। କାରଣ ପିଚ୍ ବ୍ୟାଟରଙ୍କୁ ସୁହାଇବ ବୋଲି ଆଶା କରାଯାଉଛି।

ଅନ୍ୟପକ୍ଷରେ ସିରିଜ୍ ବରାବର କରିବା ଲକ୍ଷ୍ୟରେ ଥିବା ଦକ୍ଷିଣ ଆଫ୍ରିକା ମଧ୍ୟ ତା'ର ଦଳରେ ପରିବର୍ତ୍ତନ କରିପାରେ। ଫର୍ମରେ ନ ଥିବା ରିଜା ହେଣ୍ଡରିକ୍ସଙ୍କ ବଦଳରେ ଅଧିନାୟକ ଏଡେନ ମାରକ୍ରମ ଟପ୍ ଅର୍ଡରରେ ବ୍ୟାଟିଂ କରିପାରନ୍ତି। ଦଳ ପାଇଁ ଯୁବ ଓ ବିସ୍ଫୋରକ ବ୍ୟାଟର ଡେୱାଲ୍ଡ ବ୍ରେଭିସ ଫର୍ମକୁ ଫେରିବା ଗୁରୁତ୍ୱପୂର୍ଣ୍ଣ। ଗତ ୩ ମ୍ୟାଚ୍‌ରେ ତାଙ୍କ ପ୍ରଦର୍ଶନ ସାଧାରଣ ରହିଛି।

**ସମ୍ଭାବ୍ୟ ଭାରତୀୟ ଦଳ:** ଅଭିଷେକ ଶର୍ମା, ସଞ୍ଜୁ ସାମସନ, ତିଲକ ବର୍ମା, ସୂର୍ଯ୍ୟକୁମାର ଯାଦବ(ଅଧିନାୟକ), ଜୀତେଶ ଶର୍ମା(ଉଇକେଟକିପର), ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ହର୍ଷିତ ରାଣା, ଅର୍ଶଦୀପ ସିଂ, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ।

**ସମ୍ଭାବ୍ୟ ଦକ୍ଷିଣ ଆଫ୍ରିକା ଦଳ:** କ୍ୱିଣ୍ଟନ ଡି କକ୍ (ଉଇକେଟକିପର), ଏଡେନ ମାରକ୍ରମ (ଅଧିନାୟକ), ଡେୱାଲ୍ଡ ବ୍ରେଭିସ, ରିଜା ହେଣ୍ଡରିକ୍ସ, ଟ୍ରିଷ୍ଟାନ ଷ୍ଟବ୍ସ, ଡେଭିଡ୍ ମିଲର, କର୍ବିନ ବୋଶ୍ଚ, ମାର୍କୋ ଜାନସେନ, କେଶବ ମହାରାଜ, ଆନରିଚ୍ ନର୍କିଆ, ଲୁଙ୍ଗି ଏନ୍‌ଗିଡି।

**ସମୟ: ସନ୍ଧ୍ୟା ୭ଟା**
**ପ୍ରସାରଣ: ହଟ୍‌ଷ୍ଟାର/ ଷ୍ଟାର ନେଟ୍‌ୱର୍କ**

# ଭାରତୀୟ ଫୁଟବଲକୁ ନେଇ ରାଜ୍ୟ ସଭାରେ ଉଠିଲା ପ୍ରଶ୍ନ

**ନୂଆଦିଲ୍ଲୀ,୧୮।୧୨(ପି.ଟି.)**

ଗୁରୁବାର ରାଜ୍ୟ ସଭାରେ ଭାରତୀୟ ଫୁଟବଲର ଭବିଷ୍ୟତ ପ୍ରସଙ୍ଗ ଉପରେ ଚର୍ଚ୍ଚା ହୋଇଛି। ଆସନ୍ତା ବର୍ଷ ଆମେରିକାରେ ହେବାକୁ ଯାଉଥିବା ଫିଫା ବିଶ୍ୱକପ୍ ଲାଗି ଯୋଗ୍ୟତା ହାସଲ କରିଥିବା ସବୁଠୁ ଛୋଟିଆ ଦେଶ କୁରାକାଓ ଦ୍ୱୀପର ଉଦାହରଣ ଦେଇ କଂଗ୍ରେସ ଏମ୍‌ପି ଜୋସ କେ ମାନି କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କୁ ପ୍ରଶ୍ନ କରିଥିଲେ। କେରଳ ରାଜ୍ୟର ପ୍ରତିନିଧିତ୍ୱ କରୁଥିବା ମାନି ପ୍ରଶ୍ନ କରିଥିଲେ ଯେ, ଦେଢ଼ ଲକ୍ଷ ଜନସଂଖ୍ୟା ବିଶିଷ୍ଟ କୁରାକାଓ ଦେଶ ନିକଟରେ ଫିଫା ୱାର୍ଲ୍ଡକପ୍ ଲାଗି ଯୋଗ୍ୟତା ହାସଲ କରିଥିବା ସମ୍ପର୍କରେ ସରକାର ଅବଗତ ଅଛନ୍ତି କି। ବିଶ୍ୱର ପ୍ରମୁଖ ଫୁଟବଲ ପ୍ରତିଯୋଗିତା ଲାଗି ଭାରତକୁ ଯୋଗ୍ୟତା ହାସଲ କରିବା ଦିଗରେ ସାହାଯ୍ୟ କରିବା ପାଇଁ ସରକାରଙ୍କ ପାଖରେ କିଛି ଦୀର୍ଘ ମିଆଦୀ ଯୋଜନା ଅଛି କି।

"ଫିଫା ଦ୍ୱାରା ନିର୍ଦ୍ଧାରିତ ମାନଦଣ୍ଡକୁ ଆଧାର କରି ଫିଫା ବିଶ୍ୱକପ୍ ଲାଗି ଯୋଗ୍ୟତା ପର୍ଯ୍ୟାୟ ଦେଇ ପ୍ରତ୍ୟେକ ଦେଶ ଯିବାକୁ ପଡ଼େ। ବିଶ୍ୱକପ୍ କିମ୍ବା ବିଶ୍ୱ ଚାମ୍ପିୟନଶିପ୍ ଭଳି ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିବା ସମେତ କୌଣସି ନିର୍ଦ୍ଦିଷ୍ଟ କ୍ରୀଡ଼ାର ବିକାଶ କରିବା ଉକ୍ତ କ୍ରୀଡ଼ାର ଜାତୀୟ କ୍ରୀଡ଼ା ମହାସଂଘ (ଏନ୍‌ଏସ୍‌ଏଫ୍)ର ଦାୟିତ୍ୱ। ଦେଶରେ ଫୁଟବଲ କ୍ରୀଡ଼ାର ବିକାଶ ଲାଗି ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍)କୁ ଏନ୍‌ଏସ୍‌ଏଫ୍ ଭାବେ ମନ୍ତ୍ରଣାଳୟ ପକ୍ଷରୁ ସ୍ୱୀକୃତି ପ୍ରଦାନ କରାଯାଇଛି। ଭାରତକୁ ଫିଫା ବିଶ୍ୱକପ୍ ଯୋଗ୍ୟତା ଦିଗରେ ସାହାଯ୍ୟ କରିବା ଲାଗି ଏକ ଦୀର୍ଘ ମିଆଦୀ ପ୍ରସ୍ତୁତ କରାଯାଇଛି। ଏଆଇଏଫ୍‌ଏଫ୍ ପକ୍ଷରୁ ଭୁବନେଶ୍ୱରରେ ଫିଫା-ଏଆଇଏଫ୍‌ଏଫ୍ ୧୩ ବର୍ଷରୁ କମ୍ ବାଳକ ଫୁଟବଲ ଏକାଡେମୀ ଓ ହାଇଦ୍ରାବାଦ୍‌ରେ ଫିଫା-ଏଆଇଏଫ୍‌ଏଫ୍ ୧୪ ବର୍ଷରୁ କମ୍ ବାଳିକା ଫୁଟବଲ ଏକାଡେମୀ ଆରମ୍ଭ କରାଯାଇଛି। ଏଥିସହିତ ଖେଲୋ ଇଣ୍ଡିଆ ଅସ୍ମିତା ଲିଗ୍ ଜରିଆରେ ଏଆଇଏଫ୍‌ଏଫ୍ ୨୦୨୩-୨୪ ଓ ୨୦୨୪-୨୫ ସିଜନରେ ପୂରା ଦେଶରେ ୮୭ ଓ ୬୮ ଫୁଟବଲ ପ୍ରତିଯୋଗିତା ଆୟୋଜନ କରିଥିଲା" ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି।

ବିଶ୍ୱକପ୍ ଲାଗି ଯୋଗ୍ୟତା ହାସଲ କରିବାରେ ଉଭୟ ଆକାର ଓ ଜନସଂଖ୍ୟା ଦୃଷ୍ଟିରୁ କୁରାକାଓ ସବୁଠୁ ଛୋଟ ଦେଶ। ଏହା ତୁଳନାରେ ୧୦୦ କୋଟିରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଭାରତ ଯୋଗ୍ୟତା ପର୍ଯ୍ୟାୟରେ ଭଲ ଫଳାଫଳ ଲାଗି ସଂଘର୍ଷ କରୁଛି।

# ଫିଫା ବିଶ୍ୱକପ୍ ବିଜେତାକୁ ମିଳିବ ୫୦ ନିୟୁତ ଡଲାର

**ମାଞ୍ଚେଷ୍ଟର, ୧୮।୧୨ (ଏପି)**

ଫିଫା ଫୁଟ୍‌ବଲ ବିଶ୍ୱକପ୍ ୨୦୨୬ର ବିଜେତାକୁ ବର୍ଦ୍ଧିତ ଆର୍ଥିକ ପୁରସ୍କାର ମିଳିବ। ଟୁର୍ଣ୍ଣାମେଣ୍ଟ ପାଇଁ ଉଦ୍ଦିଷ୍ଟ ମୋଟ ପୁରସ୍କାର ରାଶି ୬୫୫ ନିୟୁତ ଆମେରିକୀୟ ଡଲାର ମଧ୍ୟରୁ ୫୦ ନିୟୁତ ଡଲାର ଚାମ୍ପିୟନ ଦଳ ପାଇବ। ଅନ୍ତର୍ଜାତୀୟ ଫୁଟ୍‌ବଲ ମହାସଂଘ ଫିଫା ତରଫରୁ ଏହା ଘୋଷଣା କରାଯାଇଛି। ୨୦୨୨ ସଂସ୍କରଣ ଚାମ୍ପିୟନ ଆର୍ଜେଣ୍ଟିନା ପୁରସ୍କାର ବାବଦରେ ୪୨ ନିୟୁତ ଡଲାର ପାଇଥିବା ବେଳେ ୨୦୧୮ ଟାଇଟଲ ବିଜେତା ଫ୍ରାନ୍ସକୁ ୩୮ ନିୟୁତ ଡଲାର ମିଳିଥିଲା। କିନ୍ତୁ କୌତୁହଳର କଥା ସେ ତୁଳନାରେ ଅପେକ୍ଷାକୃତ କମ୍ ପ୍ରସାରିତ କ୍ଲବ ବିଶ୍ୱକପ୍ ଚାମ୍ପିୟନ ସେ ତୁଳନାରେ ଦୁଇଗୁଣାରୁ ଅଧିକ ଆର୍ଥିକ ପୁରସ୍କାର ଲାଭ କରିଛି। ଯୁକ୍ତରାଷ୍ଟ୍ର ଆମେରିକା, କାନାଡା ଓ ମେକ୍ସିକୋ ଜୁନ୍ ୧୧ରୁ ଜୁଲାଇ ୧୯ ପର୍ଯ୍ୟନ୍ତ ଅୟୋଜିତ ଆସନ୍ତା ବିଶ୍ୱକପ୍‌ର ମୋଟ ପୁରସ୍କାର ରାଶିକୁ ୪୮.୯ ପ୍ରତିଶତ ବୃଦ୍ଧି କରାଯାଇଛି। ୨୦୨୨ କାତାର ସଂସ୍କରଣରେ ମୋଟ ପୁରସ୍କାର ରାଶି ୪୪୦ ନିୟୁତ ଡଲାର ରହିଥିଲା। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ୨୦୨୩ରେ ଅନୁଷ୍ଠିତ ମହିଳା ବିଶ୍ୱକପ୍ ପାଇଁ ମୋଟ ପୁରସ୍କାର ରାଶି ୧୧୦ ନିୟୁତ ଡଲାର ରଖାଯାଇଥିଲା। ମାତ୍ର ୨୦୨୬ରେ ଏହାର ପରିମାଣ ୬ଗୁଣାକୁ ବୃଦ୍ଧି ପାଇବ। ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋ ୨୦୨୩ରେ ପରବର୍ତ୍ତୀ ବିଶ୍ୱକପ୍‌ଗୁଡ଼ିକରେ ପୁରୁଷ ଓ ମହିଳା ପୁରସ୍କାର ରାଶିକୁ ସମାନ ସ୍ତରକୁ ଆଣିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। କ୍ଲବ ବିଶ୍ୱକପ୍‌ରେ ବିବାଦୀୟ ଭାବେ ଅଂଶଗ୍ରହଣକାରୀ ଦଳଗୁଡ଼ିକ ସଂଖ୍ୟା ୭ରୁ ୩୨କୁ ବୃଦ୍ଧି କରାଯାଇଥିଲା। ଏହାର ମୋଟ ପୁରସ୍କାର ରାଶି ୧ ବିଲିୟନ ଡଲାର ରହିଥିବା ବେଳେ ଟୁର୍ଣ୍ଣାମେଣ୍ଟର ଚାମ୍ପିୟନ ଦଳ ଭାବେ ଚେଲ୍‌ସି ୧୨୫ ଡଲାର ପାଇଛି।

# ସୟଦ ମୁସ୍ତାକ ଅଲୀ ଟି୨୦: ଝାଡ଼ଖଣ୍ଡ ଚାମ୍ପିୟନ

**ପୁଣେ,୧୮।୧୨**

ଚଳିତ ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ଣ୍ଣାମେଣ୍ଟରେ ଝାଡ଼ଖଣ୍ଡ ଚାମ୍ପିୟନ ହୋଇଛି। ଗୁରୁବାର ଅନୁଷ୍ଠିତ ଫାଇନାଲରେ ଅଧିନାୟକ ଇଶାନ କିଶନଙ୍କ ଶତକ ବଳରେ ଝାଡ଼ଖଣ୍ଡ ୬୯ ରନର ବଡ଼ ବ୍ୟବଧାନରେ ହରିୟାଣାକୁ ପରାସ୍ତ କରିଛି। ଝାଡ଼ଖଣ୍ଡ ୨୦ ଓଭରରେ ୩ ଉଇକେଟ ହରାଇ ୨୬୨ ରନ କରିଥିବା ବେଳେ ହରିୟାଣା ୧୮.୩ ଓଭରରେ ୧୯୩ ରନରେ ଅଲଆଉଟ୍ ହୋଇଯାଇଥିଲା। ଫଳରେ ଝାଡ଼ଖଣ୍ଡ ପ୍ରଥମ ଥର ପାଇଁ ସୟଦ ମୁସ୍ତାକ ଅଲୀ ଟ୍ରଫି ହାସଲ କରିଛି। ଇଶାନଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ଅନୁକୁଳ ରୟଙ୍କୁ ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ କରାଯାଇଛି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଝାଡ଼ଖଣ୍ଡ ପ୍ରଥମ ଓଭରରେ ପ୍ରମୁଖ ବ୍ୟାଟର ବିରାଟ ସିଂ(୨)ଙ୍କ ଉଇକେଟ ହରାଇଥିଲା। ଏହାପରେ ଅଧିନାୟକ ଇଶାନ ଓ କୁମାର କୁଶାଗ୍ର ବିସ୍ଫୋରକ ବ୍ୟାଟିଂ କରି ଦ୍ୱିତୀୟ ଉଇକେଟରେ ୮୨ ବଲରେ ୧୭୭ ରନ ଯୋଡ଼ିଥିଲେ। ଇଶାନ ଶତକ ପୂରଣ କରିବା ପରେ ପାଭିଲିଅନ ଫେରିଥିଲେ। ସେ ଆଉଟ୍ ହେବା ପୂର୍ବରୁ ୪୯ ବଲରେ ୬ ଚୌକା ଓ ୧୦ ଛକା ସହିତ ୧୦୧ ରନର ପାଳି ଖେଳିଥିଲେ। ସେହିଭଳି କୁଶାଗ୍ର ୩୮ ବଲରେ ୮ ଚୌକା ଓ ୫ ଛକା ସହିତ ୮୧ ରନ କରି ଆଉଟ୍ ହୋଇଥିଲେ। ଶେଷ ଆଡ଼କୁ ଅନୁକୁଳ ରୟ ୨୦ ବଲରେ ୪୦ (୩ ଚୌକା ଓ ୨ ଛକା)



ଶତକ ହାସଲ ପରେ ଇଶାନ କିଶନ।

ଓ ରବିନ ମିଞ୍ଜ ୧୪ ବଲରେ ୩୧ (୩ ଛକା) ରନ କରିଥିଲେ। ଫଳରେ ଝାଡ଼ଖଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ହରାଇ ୨୬୨ ରନ କରିଥିଲା। ଜବାବରେ ହରିୟାଣା ୧୮.୩ ଓଭରରେ ୧୯୩ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଯଶବର୍ଦ୍ଧନ ଦଲାଲ ୨୨ ବଲରେ ୫୩ (୨ ଚୌକା ଓ ୫ ଛକା), ନିଶାନ୍ତ ସିନ୍ଧୁ ୧୫ ବଲରେ ୩୧ (୬ ଚୌକା) ଓ ସାମନ୍ତ ଜାଖର ୧୭ ବଲରେ ୩୮ (୨ ଚୌକା ଓ ୪ ଛକା) ରନ କରିଥିଲେ। ଝାଡ଼ଖଣ୍ଡ ପକ୍ଷରୁ ସୁଶାନ୍ତ ମିଶ୍ରା ୩ ଓ ବାଲ କ୍ରିଷ୍ଣ ୩ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଝାଡ଼ଖଣ୍ଡ: ୨୦ ଓଭରରେ ୨୬୨/୩ (ଇଶାନ କିଶାନ-୧୦୧, କୁମାର କୁଶାଗ୍ର-୮୧, ଅନୁକୁଳ ରୟ-୪୦*, ରବିନ ମିଞ୍ଜ-୩୧*, ସୁମିତ କୁମାର-୧/୪୧)। ହରିୟାଣା: ୧୮.୩ ଓଭରରେ ୧୯୩/ଅଲଆଉଟ୍ (ଯଶବର୍ଦ୍ଧନ ଦଲାଲ-୫୩, ସାମନ୍ତ ଜାଖର-୩୮, ସୁଶାନ୍ତ ମିଶ୍ରା-୩/୨୭, ବାଲ କ୍ରିଷ୍ଣା-୩/୩୮, ଅନୁକୁଳ ରୟ-୨/୪୨)।

# ନୟାଗଡ଼ କ୍ରୀଡ଼ା ଛାତ୍ରାବାସ ବିଜୟୀ



ଅତିଥିଙ୍କ ସହ ଦୁଇ ଦଳର ଖେଳାଳିମାନେ।

**ଟାଙ୍ଗୀ,୧୮।୧୨(ରଘୁନାଥ ସାହୁ)**

ମହାବୀର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ସେରସା ଖଡ଼ଗପୁରକୁ ୨-୦ ଗୋଲରେ ହରାଇ ନୟାଗଡ଼ କ୍ରୀଡା ଛାତ୍ରାବାସ ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡକୁ

**ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

ଉନ୍ନୀତ ହୋଇଛି। ନୟାଗଡ଼ ଟିମର ମିଟୁ ମାରାଣ୍ଡିକୁ ଶ୍ରେଷ୍ଠ ଖେଳାଳିଭାବେ ବିଭୂତି ରାଉତରାୟ ସ୍ମାରକୀ ଟ୍ରଫି ପ୍ରଦାନ କରାଯାଇଛି। ଶେଖାଓ୍ୱତ ଖାଁ ମ୍ୟାଚ୍ ପରିଚାଳନା କରିଥିଲେ। ଲାଇନ୍ସରେ ବିଜୟ ମଙ୍ଗରାଜ ଏବଂ କାଳୁଚରଣ ସହାୟତା କରିଥିଲେ। ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟକ ଡା.ବିଭୂତି ଭୂଷଣ ହରିଚନ୍ଦନ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ପୂର୍ବତନ ଚିଲିକା ବ୍ଲକ ଅଧ୍ୟକ୍ଷ ଲଳିତ ମୋହନ ପଟ୍ଟନାୟକ, ଶିକ୍ଷାବିତ୍ ହୃଷିକେଶ ପ୍ରଧାନ, ରତନପୁର ସରପଞ୍ଚ ଗୁରୁବନ୍ଧୁ ବେହେରା, କୁହୁଡ଼ି ପୂର୍ବତନ ସରପଞ୍ଚ ଜୟଦେବ ବେହେରା, ସମ୍ପାଦକ ମନୋଜ କୁମାର ମାନସିଂହ ପ୍ରମୁଖ ଯୋଗଦେଇଥିଲେ। ଶୁକ୍ରବାର ବକ୍ସର ବିହାର ଏବଂ ବାରିପଦା କ୍ରୀଡ଼ା ଛାତ୍ରାବାସ ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ଗାଙ୍ଗୁଲି ଟାଇଗର୍ସ ଅଫ୍ କୋଲ୍‌କାତାର ମେଣ୍ଟର

**କୋଲକୋତା, ୧୮।୧୨ (ପି.ଟି)**

ଇଣ୍ଡିଆନ୍ ଷ୍ଟ୍ରିଟ୍ ପ୍ରିମିୟର ଲିଗ (ଆଇଏସ୍‌ପିଏଲ୍) ର ତୃତୀୟ ସଂସ୍କରଣ ଆସନ୍ତାବର୍ଷ ଜାନୁଆରୀ ୯ରୁ ଫେବୃଆରୀ ୬ ପର୍ଯ୍ୟନ୍ତ ସୁରାଟରେ ଖେଳାଯିବ। ଏହାପୂର୍ବରୁ ଭାରତ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ଟାଇଗର୍ସ ଅଫ୍ କୋଲ୍‌କାତା ଦଳର ସହ ମାଲିକ ଓ ମେଣ୍ଟର ଭାବେ ଯୋଗ ଦେଇଛନ୍ତି। ଗଳି କ୍ରିକେଟରୁ ଆଇଏସ୍‌ପିଏଲ୍‌ର ଟି୧୦ ଟେନିସ ବଲ୍ ଫର୍ମାଟର ଉତ୍ପତ୍ତି।

# ଭାରତୀୟ ଦଳରୁ ଖେଳି ଅଡୁଆରେ ପାକିସ୍ତାନ ଖେଳାଳି

**କରାଚୀ, ୧୮।୧୨ (ପି.ଟି.)**

ପାକିସ୍ତାନର ଜଣେ ଲୋକପ୍ରିୟ ଅନ୍ତର୍ଜାତୀୟ କବାଡି ଖେଳାଳି ଉବୈଦୁଲ୍ଲା ରାଜପୁତ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇଛନ୍ତି। କାରଣ ସେ ଡିସେମ୍ବର ୧୬ରେ ବାହାରିନରେ ଖେଳାଯାଇଥିବା ଏକ ଘରୋଇ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିଥିଲେ। ଜିସିସି କପ୍‌ରେ ସେ ଭାରତୀୟ ଶାର୍ଟ ପରିଧାନ କରିଥିଲେ ଏବଂ ଭାରତୀୟ ପତାକା ହଲାଇଥିଲେ। ଏହାର ଭିଡିଓ ଓ ଫଟୋଚିତ୍ର ଭାଇରାଲ ହୋଇଥିଲା। ପାକିସ୍ତାନ କବାଡି ମହାସଂଘ ସମ୍ପାଦକ ରାଣା ସରୱାର କହିଛନ୍ତି, ଏହି ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ଡିସେମ୍ବର ୨୭ରେ ଏକ ଜରୁରିକାଳୀନ ବୈଠକ ଡକାଯାଇଛି। ଏଥିରେ ରାଜପୁତ ଏବଂ ଅନ୍ୟ କେତେଜଣ ଖେଳାଳିଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସରୱାର କହିଛନ୍ତି, ତାଙ୍କ ପାଖରେ ଯାହା ଖବର ଅଛି ଏହା ଏକ ଘରୋଇ ଇଭେଣ୍ଟ ଥିଲା। ଏଥିରେ ଆୟୋଜକଙ୍କ ଦ୍ୱାରା ଗଠିତ ଭାରତ, ପାକିସ୍ତାନ, କାନାଡା ଓ ଇରାନ



ଉବୈଦୁଲ୍ଲା ରାଜପୁତ

ଆଦି ନାମରେ ଘରୋଇ ଦଳ ଗଠନ କରାଯାଇଥିଲା। କିନ୍ତୁ ସମସ୍ତ ଦଳରେ ପ୍ରାୟ ନିଜ ନିଜ ଦେଶର ଖେଳାଳି ରହିଥିଲେ। ଏଭଳି ସ୍ଥିତିରେ ଭାରତୀୟ ଦଳରେ ଉବୈଦୁଲ୍ଲା ଖେଳିବା ଗ୍ରହଣୀୟ ନୁହେଁ। ୧୬ଜଣ ପାକିସ୍ତାନୀ ଖେଳାଳି ବ୍ୟକ୍ତିଗତ ଉଦ୍ୟମରେ ବାହାରିନ ଗସ୍ତ କରିଥିଲେ। ପାକିସ୍ତାନ ସ୍ପୋର୍ଟ୍ସ ବୋର୍ଡ କିମ୍ବା ଖେଳର ମହାସଂଘଠାରୁ ସେମାନେ ଅନୁମତି ନେଇ ନ ଥିଲେ। ପାକିସ୍ତାନ ଦଳରେ ଜାଲ୍ ନାମରେ ଖେଳିଥିବା ଏହି ଖେଳାଳିମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରାଜପୁତ କ୍ଷମା ପ୍ରାର୍ଥନା କରିବା ସହ ସଫେଇ ଦେଇଛନ୍ତି ଯେ, ବାହାରିନରେ ଏହି ଇଭେଣ୍ଟରେ ଖେଳିବା ଲାଗି ତାଙ୍କୁ ଆମନ୍ତ୍ରଣ କରାଯାଇଥିଲା। ତାଙ୍କୁ ଏକ ଘରୋଇ ଦଳରେ ସାମିଲ କରାଯାଇଥିଲା। ମାତ୍ର ତାଙ୍କୁ ଭାରତୀୟ ଦଳରେ ନିଆଯାଇଥିବା ବିଷୟ ସେ ଶେଷ ମୁହୂର୍ତ୍ତରେ ଜାଣିବାକୁ ପାଇଥିଲେ। ଭାରତ ଓ ପାକିସ୍ତାନ ନାମ ବ୍ୟବହାର ନ କରିବାକୁ ସେ ଅୟୋଜକଙ୍କୁ ମଧ୍ୟ କହିଥିଲେ। ଅତୀତରେ କେତେକ ଘରୋଇ ପ୍ରତିଯୋଗିତାରେ ଭାରତୀୟ ଓ ପାକିସ୍ତାନ ଖେଳାଳିମାନେ ମିଶିକରି ଏକ ଘରୋଇ ଦଳ ପାଇଁ ଖେଳିଛନ୍ତି। କିନ୍ତୁ ଭାରତ ଓ ପାକିସ୍ତାନ ନାମ ଅଧୀନରେ କେବେ ଖେଳି ନାହାନ୍ତି। ସେ ଶେଷ ମୁହୂର୍ତ୍ତରେ ଜାଣିବାକୁ ପାଇଥିଲେ ଯେ, ସେ ଏକ ଭାରତୀୟ ଦଳ ପାଇଁ ଖେଳୁଛନ୍ତି।

# ଅଷ୍ଟ୍ରେଲିଆ ୩୭୧ ; ଇଂଲଣ୍ଡ ୨୧୩/୮

**ଆଡିଲେଡ୍,୧୮।୧୨**

ଆଡିଲେଡ୍ ଓଭାଲଠାରେ ଚାଲିଥିବା ତୃତୀୟ ଆଶେସ ଟେଷ୍ଟ ଦ୍ୱିତୀୟ ଦିନ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ ନିୟନ୍ତ୍ରଣରେ ରହିଛି। ଘରୋଇ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୩୭୧ ରନରେ ସୀମିତ ରହିବା ପରେ ଇଂଲଣ୍ଡ ଦ୍ୱିତୀୟ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ୮ ଉଇକେଟ ହରାଇ ୨୧୩ ରନ କରିଛି। ହାତରେ ୨ ଉଇକେଟ ରଖିଥିବା ଇଂଲଣ୍ଡକୁ ଇନିଂସ ଅଗ୍ରଣୀ ପାଇଁ ୧୫୮ ରନର ଆବଶ୍ୟକତା ରହିଛି।

## ଆଡିଲେଡ୍ ଟେଷ୍ଟ

ଗୁରୁବାର ଅଷ୍ଟ୍ରେଲିଆ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୨୬/୮ରୁ ବ୍ୟାଟିଂ ଆରମ୍ଭ କରି ବଳକା ୨ ଉଇକେଟରେ ଦଳୀୟ ସ୍କୋରରେ ୪୫ ରନ ଯୋଡ଼ିଥିଲା। ପୂର୍ବଦିନ ଅପରାଜିତ ଥିବା ବ୍ୟାଟର ମିଚେଲ ଷ୍ଟାର୍କ ୫୪ ଓ ସ୍କଟ ବୋଲାଣ୍ଡ ୧୪ ରନ କରି ଆଉଟ୍ ହୋଇଥିଲେ। ଇଂଲଣ୍ଡ ପକ୍ଷରୁ ଜୋଫ୍ରା ଆର୍ଚ୍ଚର ୫ ଉଇକେଟ ନେଇଥିବା ବେଳେ ବ୍ରାଇଡନ କାର୍ସ ଓ ୱିଲ ଜ୍ୟାକ୍ସ



ବେନ୍ ଷ୍ଟୋକ୍ସ ଓ ଜୋଫ୍ରା ଆର୍ଚ୍ଚର।

୨ଟି ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ଇଂଲଣ୍ଡ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏପରି କି ଦଳ ଏକଦା ୭୧ ରନରେ ୪ ଉଇକେଟ ହରାଇ ସଂଘର୍ଷ କରୁଥିଲା। ଏଭଳି ପରିସ୍ଥିତିରେ ଅଧିନାୟକ ଷ୍ଟୋକ୍ସଙ୍କ ସହ ହ୍ୟାରୀ ବ୍ରୁକ (୪୫) ମିଶି ଦଳୀୟ ସ୍କୋରକୁ ୧୨୭ ରନରେ ପହଞ୍ଚାଇଥିଲେ। ଏହାପରେ ଦଳ କ୍ରମାଗତ ବ୍ୟବଧାନରେ ଜେମି ସ୍ମିଥ (୨୨), ଜ୍ୟାକ୍ସ (୬), କାର୍ସ (୦)ଙ୍କ ଉଇକେଟ ହରାଇଥିଲା। ଏହିଠାରୁ ଅଧିନାୟକ ଷ୍ଟୋକ୍ସ ଓ ଆର୍ଚ୍ଚର ଘରୋଇ ବୋଲରଙ୍କୁ ଆଉ ଉଇକେଟ ନେବାକୁ ସୁଯୋଗ ଦେଇ ନ ଥିଲେ। ଦୁହେଁ ଅବିଭାଜିତ ନବମ ଉଇକେଟରେ ୪୫ ରନ ଯୋଡ଼ିଛନ୍ତି। ଫଳରେ ଇଂଲଣ୍ଡ ଦ୍ୱିତୀୟ ଦିନ ଶେଷ ସୁଦ୍ଧା ୮ ଉଇକେଟ ହରାଇ ୨୧୩ ରନ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଜୋଫ୍ରା ଆର୍ଚ୍ଚର ୩୦ ଓ ଅଧିନାୟକ ବେନ ଷ୍ଟୋକ୍ସ ୪୫ ରନରେ ଅପରାଜିତ ରହିଛନ୍ତି। ଅଷ୍ଟ୍ରେଲିଆ ପାଇଁ ଅଧିନାୟକ ପ୍ୟାଟ କମିନ୍ସ ୩ ଉଇକେଟ ନେଇଥିବା ବେଳେ ସ୍କଟ ବୋଲାଣ୍ଡ ଓ ନାଥନ ଲାୟନ ୨ଟି ଲେଖାଏ ଉଇକେଟ ଅର୍ଜନ କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୩୭୧/ଅଲଆଉଟ୍ (ମିଚେଲ ଷ୍ଟାର୍କ-୫୪, ଜୋଫ୍ରା ଆର୍ଚ୍ଚର-୫/୫୩, ବ୍ରାଇଡନ କାର୍ସ-୨/୮୯)। ଇଂଲଣ୍ଡ ପ୍ରଥମ ଇନିଂସ: ୨୧୩/୮(ବେନ ଷ୍ଟୋକ୍ସ-୪୫*, ହ୍ୟାରୀ ବ୍ରୁକ-୪୫, ଜୋଫ୍ରା ଆର୍ଚ୍ଚର-୩୦*, ପ୍ୟାଟ କମିନ୍ସ-୩/୫୪, ସ୍କଟ ବୋଲାଣ୍ଡ-୨/୩୧)।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ